ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଶୁକ୍ରବାର ୦୮ ସେପ୍ଟେମ୍ବର ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 08 SEPTEMBER 2023
Vol.No. 35 ■ No. 237■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଯା ଦେବୀ ସର୍ବଭୂତେଷୁ............

ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

## ରାହୁଲ ଗାନ୍ଧୀ ଏକ ସପ୍ତାହ ପାଇଁ ୟୁରୋପ ଗସ୍ତରେ

ନୂଆଦିଲ୍ଲୀ,୦୭/୦୯ : କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ ଏକ ସପ୍ତାହ ବ୍ୟାପୀ ୟୁରୋପ ଗସ୍ତରେ ଅଛନ୍ତି। ସେ ଗୁରୁବାର ବେଲଜିୟମର ରାଜଧାନୀ ବ୍ରୁସେଲ୍ସରେ ପହଂଚିଛନ୍ତି। ପାର୍ଟି ସୂତ୍ରରୁ ପ୍ରକାଶ ଯେ ରାହୁଲ ଗାନ୍ଧୀ ବ୍ରୁସେଲ୍ସରେ ୟୁରୋପିୟ ସାଂସଦଙ୍କ ସହ ଆଲୋଚନା କରିବେ। ଏହି ସମୟରେ ସେ ନାଗରିକ ସମାଜ ସହିତ ଏକ ବୈଠକ କରିବେ ଏବଂ ସେଠାରେ ରହୁଥିବା ଭାରତୀୟମାନଙ୍କୁ ମଧ୍ୟ ଭେଟିବେ। ଏଠାରେ ଉଲ୍ଲେଖଯୋଗ୍ୟ ଯେ ରାହୁଲ ଗାନ୍ଧୀଙ୍କ ଚଳିତ ବର୍ଷ ଏହା ହେଉଛି ତୃତୀୟ ବିଦେଶ ଯାତ୍ରା। ଏହାପୂର୍ବରୁ ରାହୁଲ ମାର୍ଚ୍ଚରେ ବ୍ରିଟେନ ଏବଂ ଜୁନ୍ ମାସରେ ଆମେରିକା ଗସ୍ତ କରିଥିଲେ।

# ଦିନକ ପରେ ଦିଲ୍ଲୀରେ ଜି-୨୦ ସମ୍ମିଳନୀ: ସୁରକ୍ଷା ବ୍ୟବସ୍ଥା କଡାକଡି




ନୂଆଦିଲ୍ଲୀ,୦୭/୦୯ : ଦିଲ୍ଲୀର ପ୍ରଗତି ମୈଦାନରେ ହେବ ଜି-୨୦ ବୈଠକ । ବିଶ୍ୱର ଗମ୍ଭୀର ସମସ୍ୟାର ସମାଧାନ ପାଇଁ ବୈଠକରେ ଏକାଠି ହେବେ ଜି-୨୦ ରାଷ୍ଟ୍ର ସମୂହର ନେତା । ସେପ୍ଟେମ୍ବର ୯ ଓ ୧୦ ତାରିଖରେ ହେବାକୁ ଥିବା ବୈଠକ ପାଇଁ ଦିଲ୍ଲୀ ପହଂଚିଛନ୍ତି ମରିସସ୍ ପ୍ରଧାନମନ୍ତ୍ରୀ ପ୍ରବୀନ୍ଦ ଜଗନ୍ନାଥ । ସେପଟେ ଆମେରିକା ରଷ୍ଟ୍ରପତି ଶୁକ୍ରବାର ଦିଲ୍ଲୀ ପହଂଚିବେ ବୋଲି ହ୍ୱାଇଟ୍ ହାଉସ ପକ୍ଷରୁ ସୂଚନା ଦିଆଯାଇଛି । ଅନ୍ୟ ରାଷ୍ଟ୍ରର ନେତାମାନେ ମଧ୍ୟ ଶୀଘ୍ର ଦିଲ୍ଲୀ ପହଂଚିବେ ଆଉ ସମସ୍ତଙ୍କୁ ଭବ୍ୟ ସ୍ୱାଗତ ଓ ରହଣୀ ପାଇଁ ବ୍ୟବସ୍ଥା କରାଯାଇଛି । ଜି-୨୦ ବୈଠକର ଥିମ ରହିଛି ବସୁଧୈବ କୁଟମ୍ବକମ । ସମଗ୍ର ବିଶ୍ୱକୁ ଗୋଟିଏ ପରିବାର ବିଚାର କରି ଗମ୍ଭୀର ଆହ୍ୱାନର ସମାଧାନ ଖୋଜିବେ ବିଶ୍ୱସ୍ତରୀୟ ନେତା । ସେପଟେ ଜି-୨୦ ବୈଠକକୁ ନେଇ ମୋଦୀ କଡା ନିର୍ଦ୍ଦେଶ ଦେଇଛନ୍ତି । ଅନୁମତି ପାଇନଥିବା ମନ୍ତ୍ରୀମାନେ ଜି-୨୦ ସମ୍ମିଳନୀ ବାବଦରେ କିଛି ବୟାନ ନଦେବାକୁ ନିର୍ଦ୍ଦେଶ ଦିଆଯାଇଛି । ଜି-୨୦ କାର୍ଯ୍ୟକ୍ରମ ସ୍ଥଳକୁ ଅଫିସିଆଲ କାର ନନେବା ପାଇଁ

## ଆଜି ଭାରତ ଆସୁଛନ୍ତି ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ



ନୂଆଦିଲ୍ଲୀ,୦୭/୦୯ : ଆଜି ଭାରତ ଆସୁଛନ୍ତି ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ । ସେ ଜି-୨୦ ବୈଠକରେ ଯୋଗଦେବାକୁ ଭାରତ ଆସିବେ । ସେପଟ୍ଟେମ୍ବର ୯ ଓ ୧୦ ତାରିଖରେ ଦିଲ୍ଲୀରେ ଜି-୨୦ ବୈଠକ ଅନୁଷ୍ଠିତ ହେବ । ବାଇଡେନ ନିଜ ଗସ୍ତ ସମୟରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ସହ ମଧ୍ୟ ଦ୍ୱିପାକ୍ଷିକ ବୈଠକ କରିବାର କାର୍ଯ୍ୟକ୍ରମ ରହିଛି । ଆମେରିକାର ଫାଷ୍ଟ ଲେଡି ଜିଲ ବାଇଡେନ୍ କରୋନା ପଜିଟିଭ୍ ଚିହ୍ନଟ ହୋଇସାରିଛନ୍ତି । ଏହାପରେ ରାଷ୍ଟ୍ରପତି ଜୋ ବାଇଡେନ ଭାରତ ଆସିବେ କି ନାହିଁ ସଂଶୟ ଦେଖାଦେଇଥିଲା । ହେଲେ ଲଗାତର ତିନି ଦିନ ଧରି ବାଇଡେନଙ୍କ କୋଭିଡ ଟେଷ୍ଟ କରାଯାଇଛି ଓ ସେ ନେଗେଟିଭ୍ ଅଛନ୍ତି । ତେଣୁ ବାଇଡେନ ଭାରତ ଆସୁଥିବା ହ୍ୱାଇଟ ହାଉସ୍ ପକ୍ଷରୁ ସ୍ୱଷ୍ଟ ହୋଇଛି । ଦିଲ୍ଲୀରେ ହେଉଥିବା ଏହି ଜି-୨୦ ବୈଠକକୁ ପୂର୍ବରୁ ▶▶ପୃଷ୍ଠା ୭

## ୨୨ ପୌରାଂଚଳରେ ନୂଆ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ନିଯୁକ୍ତି



ଭୁବନେଶ୍ୱର, ୦୭/୦୯ (ନି.ପ୍ର): ରାଜ୍ୟର ୨୨ଟି ପୌର ପରିଷଦ ଓ ଏନଏସିରେ ନୂଆ କାର୍ଯ୍ୟନିର୍ବାହୀ ଅଧିକାରୀ (ଏକଜ୍ୟୁକିଟିଭ ଅଫିସର)ଙ୍କୁ ନିଯୁକ୍ତି ମିଳିଛି । ଆଜି ଏନେଇ ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ଜାରି ହୋଇଛି । ବିଜ୍ଞପ୍ତି ଅନୁସାରେ, ବରିଷ୍ଠ ଓଏଏସ୍ ପ୍ରଶାନ୍ତ କୁମାର ନାୟକଙ୍କୁ ଅନୁଗୁଳ ମ୍ୟୁନିସପାଲଟିର କାର୍ଯ୍ୟନିର୍ବାହୀ ଅଧିକାରୀ ଓ ଓଏଏସ୍ ଜୟଶ୍ରୀ ବେଉରାଙ୍କୁ ଭୁବନେଶ୍ୱର ମହାନଗର ନିଗମର ଅତିରିକ୍ତ କମିଶନର ଭାବେ ବଦଳି ହୋଇଛି ।

▶▶ପୃଷ୍ଠା ୭

## ଆଜି ପ୍ରବଳ ବର୍ଷବ: ତିନି ଦିନ ବ୍ରେକ୍ ପରେ ପୁଣି ଫେରିବ ବର୍ଷା

ଭୁବନେଶ୍ୱର, ୦୭/୦୯ (ନି.ପ୍ର): ଘୂର୍ଣ୍ଣିବଳୟ ପ୍ରଭାବରେ ରାଜ୍ୟର ବିଭିନ୍ନ ଅଞ୍ଚଳରେ ବର୍ଷା ଲାଗି ରହିଛି। ଆସନ୍ତା କାଲି ଅର୍ଥାତ ଶୁକ୍ରବାର ମଧ୍ୟ ରାଜ୍ୟର କେତେକ ଜିଲ୍ଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ୮ ତାରିଖ ପରଠାରୁ ରାଜ୍ୟରେ ବର୍ଷାର ପ୍ରଭାବ କମିବ। ତେବେ ୧୨ ତାରିଖଠାରୁ ପୁଣି ରାଜ୍ୟରେ ବର୍ଷାର ପରିମାଣ ବୃଦ୍ଧି ହେବାର ସମ୍ଭାବନା ରହିଛି। ଏନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ଜାରି କରିଥିବା ବୁଲେଟିନ୍ ଅନୁସାରେ ଆସନ୍ତା ୨୪ ଘଣ୍ଟା ଭିତରେ ସମ୍ବଲପୁର, ଝାରସୁଗୁଡ଼ା, ବରଗଡ଼, ସୁନ୍ଦରଗଡ଼, ସୁବର୍ଣ୍ଣପୁର, ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ରାୟଗଡ଼ା, ଗଜପତି, କଳାହାଣ୍ଡି, ନୂଆପଡ଼ା, ▶▶ପୃଷ୍ଠା ୭

## ଗୋ-ମାଂସ ଭର୍ତ୍ତି କଣ୍ଟେନର ଜବତ: ଦୁଇ ଗିରଫ

ଖୋର୍ଦ୍ଧା, ୦୭/୦୯ (ନି.ପ୍ର): ଖୋର୍ଦ୍ଧା-ଭୁବନେଶ୍ୱର ବାଇପାସ ବାଟମଙ୍ଗଳା ଠାରେ ଆଜି ଭୋର ପ୍ରାୟ ସାଢ଼େ ୩ଟା ବେଳେ ଏକ ମୃତ ଗାଇ ଓ ଗୋମାଂସ ଭର୍ତି କଣ୍ଟେନରକୁ ପୁଲିସ ଜବତ କରିଛି। ଜବତ ଗୋମାଂସର ପରିମାଣ ପ୍ରାୟ ୫ହଜାର କିଲୋଗ୍ରାମ ହେବ ବୋଲି ଜଣାଯାଇଛି। ଗତକାଲି ଭୋରରେ ଆନ୍ଧ୍ରପ୍ରଦେଶ ପଞ୍ଜୀକୃତ ହୋଇଥିବା ଏକ କଣ୍ଟେନର ( ଏପି ୨୬ ଟିସି୧୪୨୦) ଟି ସନ୍ଦିଗ୍ଧ ଅବସ୍ଥାରେ ଜାତୀୟ ରାଜପଥ ଦେଇନଯାଇ ବାଟମଙ୍ଗଳା ବାଇପାସ୍ ଦେଇ ଯାଉଥିଲା। ଏହି ସମୟରେ ମନ୍ଦିରକୁ ଯାଉଥିବା କିଛି ବ୍ୟକ୍ତିଙ୍କ ଟ୍ରକ୍ ଧକ୍କାରୁ ଅଳ୍ପକେ ବର୍ତି ଯାଇଥିଲେ। ଲୋକଙ୍କ ପାଟିଶୁଣି ଆଖପାଖର ଲୋକ ଜମାହୋଇଯାଇଥିଲେ। ଏହି ସମୟରେ ଟ୍ରକ୍‌ଟିକୁ ଛାଡ଼ି ଚାଳକ ଓ ସହଯୋଗୀ ଖସି ପଳାଇବାକୁ ଚେଷ୍ଟା କରିଥିଲେ। ସ୍ଥାନୀୟ ଲୋକମାନେ ସେମାନଙ୍କୁ ଧରି ଖୋର୍ଦ୍ଧା ଟାଉନ ଥାନା ପୁଲିସକୁ ସୂଚିତ କରିଥିଲେ। ପୁଲିସ ପହଞ୍ଚି ଟ୍ରକ୍‌ଟିକୁ ଜବତ କରିଥିଲା। ଟ୍ରକ୍‌ଟି ପିପିଲିରୁ ହାଇଦ୍ରାବାଦ ଯାଉଥିଲା। ଏନେଇ ଖୋର୍ଦ୍ଧା ଟାଉନ ଥାନାର ଭାରପ୍ରାପ୍ତ ଅଧିକାରୀ ତାରିକ ଅହମ୍ମଦ କହିଛନ୍ତି ଯେ ଏନେଇ ୫୬୪/୨୦୨୩ରେ ଏକ ମାମଲା ରୁଜୁ କରାଯାଇଛି। ଆନ୍ଧ୍ରପ୍ରଦେଶ ନେଲୁରୁର ଚାଳକ ସେକ୍ ରାବ୍ୱାନୀ ଓ ସହଯୋଗୀ ଏସ୍ ମାଲାଦ୍ରୀକୁ ଗିରଫ କରାଯାଇଛି।

## ଡିସେମ୍ବର ସୁଦ୍ଧା ସବୁ ଗାଡ଼ିରେ ଲାଗିବ ଟ୍ରାକିଂ ଓ ସେଫ୍ଟି ଡିଭାଇସ

### ବିନା ଡିଭାଇସରେ ଅକ୍ଟୋବରରୁ ନୂଆ ଗାଡ଼ି ପଞ୍ଜିକରଣ ମନା



ଭୁବନେଶ୍ୱର, ୦୭/୦୯ (ନି.ପ୍ର): ରାଜ୍ୟରେ ସାର୍ବଜନୀନ ପରିବହନ ସେବା ଯୋଗାଉଥିବା ସମସ୍ତ ଗାଡ଼ିରେ ଏଣିକି ଲୋକେସନ୍ ଟ୍ରାକିଙ୍ଗ୍ ଓ ସେଫ୍ଟି ଡିଭାଇସ୍ ଜରୁରୀ । ଏହି ଡିଭାଇସ୍ ନଥିଲେ ଆସନ୍ତା ଅକ୍ଟୋବର ପହିଲାରୁ କୌଣସି ନୂଆ ଗାଡ଼ି ପଞ୍ଜିକରଣ କରାଯିବ ନାହିଁ । ସେହିପରି ୨୦୨୩ ସେପଟ୍ଟେମ୍ବର ୩୦ତାରିଖ ପୂର୍ବରୁ ଯେଉଁ ଗାଡ଼ିଗୁଡ଼ିକ ପଞ୍ଜିକରଣ ହୋଇଛି ସମ୍ପୃକ୍ତ ଗାଡ଼ିର ମାଲିକମାନେ ୨୦୨୩ ଡିସେମ୍ବର ୩୧ତାରିଖ ସୁଦ୍ଧା ନିଜ ଗାଡ଼ିରେ ଏହି ଡିଭାଇସ୍ ଲଗାଇବାକୁ ବାଧ । ରାଜ୍ୟ ପରିବହନ କମିଶନର ମଙ୍ଗଳବାର ଦିନ ଏକ ସାର୍ବଜନୀନ ନୋଟିସ୍ ଜାରି କରି ପରିବହନ ସେବା ଯୋଗାଉଥିବା ଗାଡ଼ିରେ ଭେଇଁକିଲ୍ ଲୋକେସନ୍ ଟ୍ରାକିଂ ଡିଭାଇସ୍(ଭିଏଲଟିଡି) ଓ ପାନିକ୍ ବଟନ୍ ଲଗାଇବାକୁ ବାଧ୍ୟତାମୂଳକ କରିଛନ୍ତି । ଏଥିପାଇଁ ସମୟସୀମା ମଧ୍ୟ ଧାର୍ଯ୍ୟ ହୋଇଛି । ବିଶେଷକରି ରାସ୍ତାରେ ଚାଲୁଥିବା ଗାଡ଼ିଗୁଡ଼ିକ ଉପରେ ନଜର ରଖିବା ଏବଂ ମହିଳା ଓ ଶିଶୁ ଯାତ୍ରୀମାନଙ୍କ ନିରାପତ୍ତାକୁ ଦୃଷ୍ଟିରେ ରଖି ସମସ୍ତ ସାର୍ବଜନୀନ ପରିବହନ ସେବା ଯୋଗାଉଥିବା ▶▶ପୃଷ୍ଠା ୭

## ଅବକାରୀ ଏଏସଆଇଙ୍କ ଘରେ ପଶିଲା ଭିଜିଲାନ୍ସ



ଭୁବନେଶ୍ୱର, ୦୭/୦୯ (ନି.ପ୍ର): ଅବକାରୀ ଏସଆଇଙ୍କ ଘରେ ପଶିଲା ଭିଜିଲାନ୍ସ। ଆୟ ବହିର୍ଭୂତ ସଂପତ୍ତି ଠୁଳ ଅଭିଯୋଗରେ ଆଜି ବାଲୁଗାଁ ଅବକାରୀ ଏଏସଆଇ ସୁଦୀପ୍ତ ଦାଶଙ୍କ ଘରେ ଭିଜିଲାନ୍ସ ବିଭାଗ ପକ୍ଷରୁ ଚଢ଼ାଉ କରାଯାଉଛି। ସୁଦୀପ୍ତଙ୍କ ନୟାଗଡ଼ ସ୍ଥିତ ବାସଭବନ, ତାଙ୍କ ଭଡ଼ା ଘର ଓ ବାଲୁଗାଁରେ ଥିବା ଭଡ଼ା ଘର ଓ ଅଫିସରେ ଭିଜିଲାନ୍ସ ପକ୍ଷରୁ ଚଢ଼ାଉ କରାଯାଇଛି। ସୁଦୀପ୍ତ ଆୟ ବହିର୍ଭୂତ ସଂପତ୍ତି ଠୁଳ କରିଥିବା ଭିଜିଲାନ୍ସ ନିକଟରେ ଅଭିଯୋଗ ହୋଇଥିଲା। ଭିଜିଲାନ୍ସ ଘଟଣାର ତଦନ୍ତ କରି ଆଜି ସୁଦୀପ୍ତଙ୍କ ଘରେ ଚଢ଼ାଉ କରିଛି। ଚଢ଼ାଉ ବେଳେ କିଛି ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ କରାଯାଇଥିବା ସୂଚନା ମିଳିଛି।

## ଟ୍ରାକ୍‌ରେ ପଡ଼ିଲା ବିରାଟକାୟ ଶାଳ ଗଛ: ବାଲେଶ୍ୱର ଫେରିଲାନି ଡିଏମୟୁ



ମୟୂରଭଂଜ, ୦୭/୦୯ (ନି.ପ୍ର): ରେଳ ଧାରଣା ଉପରେ ଭାଙ୍ଗି ପଡ଼ିଲା ବିରାଟକାୟ ଶାଳ ଗଛ। ଯାହାଫଳରେ ବିଦ୍ୟୁତ ତାର ଛିଡ଼ି ଛିନ୍ନଛତ୍ର ହୋଇଯାଇଛି। ମୟୂରଭଞ୍ଜ ଜିଲ୍ଲାରେ ପ୍ରବଳ ବର୍ଷା ହେଉଥିବାରୁ ଶାଳ ଗଛଟି ଉପୁଡ଼ି ଟ୍ରାକ୍ ଉପରେ ପଡ଼ିଥିଲା। ଯେଉଁଥିପାଇଁ ବାଲେଶ୍ୱର ଅଭିମୁଖେ ଆସିବାକୁ ଥିବା ଡିଏମ୍ୟୁ ଆଉ ଫେରିବନାହିଁ। ▶▶ପୃଷ୍ଠା ୭

## ରାଜଧାନୀରୁ ଅଢେଇ କେଜିର ସୁନା ବିସ୍କୁଟ ଜବତ

ଭୁବନେଶ୍ୱର, ୦୭/୦୯ (ନି.ପ୍ର): ଆଜି ରାଜଧାନୀ ଭୁବନେଶ୍ୱରର ଜଣେ ପ୍ରତିଷ୍ଠିତ ବ୍ୟବସାୟୀଙ୍କ ଘରୁ ଡିଆରଆଇ ବା ଡାଇରେକ୍ଟୋରେଟ ରେଭିନ୍ୟୁ ଇଂଟେଲିଜେନ୍ସ ୨ କେଜି ୪୬୫ ଗ୍ରାମ ଓଜନର ସୁନା ବିସ୍କୁଟ ଜବତ କରିଛି । ଏହି ସୁନାର ଦାମ ଲକ୍ଷାଧିକ ଟଙ୍କା ହୋଇଥିବା ବେଳେ ଏସବୁ ବିଦେଶରେ ତିଆରି ହୋଇ ଚୋରାରେ ଭୁବନେଶ୍ୱର ଅଣାଯାଇଥିବା ଜଣାପଡିଛି। ଘଟଣାରେ ସମ୍ପୃକ୍ତ ବ୍ୟବସାୟୀଙ୍କୁ ଗିରଫ କରାଯାଇଛି।

## ପୁଣି ସନାତନ ଧର୍ମ ପ୍ରତି କଟୁମନ୍ତବ୍ୟ: ଡିଏମକେ ନେତା ଏ ରାଜା କହିଲେ ସନାତନ ଧର୍ମ ହେଉଛି କୁଷ୍ଠ ଓ ଏଡ୍ସ ଭଳି



ନୂଆଦିଲ୍ଲୀ,୦୭/୦୯ : ପୁଣି ସନାତନ ଧର୍ମ ପ୍ରତି କଟୁମନ୍ତବ୍ୟ । ଡିଏମକେ ସାଂସଦ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଏ ରାଜା ଦେଇଛନ୍ତି ବିବାଦୀୟ ମନ୍ତବ୍ୟ । ସେ ସନାତନ ଧର୍ମକୁ କୁଷ୍ଠ ଓ ଏଡ୍ସ ଭଳି ରୋଗ ସହ ତୁଳନା କରିଛନ୍ତି । ଏକ ସଭାରେ ଏଭଳି ବିବାଦୀୟ ମନ୍ତବ୍ୟ ଦେଇଛନ୍ତି ଏ.ରାଜା । ପୂର୍ବରୁ ସନାତନ ଧର୍ମକୁ ନେଇ ତାଙ୍କରି ଦଳର ନେତା ତଥା ମନ୍ତ୍ରୀ ଉଦୟନିଦ୍ଧି ସନାତନ ଧର୍ମର ମୂଳ ଉତ୍ପାଟନ ସହ ଧର୍ମକୁ ଡେଙ୍ଗୁ, ମ୍ୟାଲେରିଆ ସହ ତୁଳନା କରିଥିଲେ । ଆଉ ଏବେ ଏ ରାଜା ଆଉ ପାଦେ ଆଗେଇ ଯାଇ ସନାତନ ଧର୍ମକୁ ଏଡସ୍ ଓ କୃଷ୍ଠ ରୋଗ ସହ ତୁଳନା କରିଛନ୍ତି । ସାଧାରଣ ନିର୍ବାଚନ ପାଇଁ ଏବେ ମାହୋଲ ସରଗରମ ରହିଛି । ଏହି ସମୟରେ ବିରୋଧୀ ଇଣ୍ଡିଆ ମେଂଟରେ ଥିବା ଦଳର ନେତା ଜଣେ ପରେ ଜଣେ ବିବାଦୀୟ ମନ୍ତବ୍ୟ ଦେଉଛନ୍ତି । ମେଂଟର ଅନ୍ୟତମ ସହଯୋଗୀ ଆରଜେଡିର ସାଂସଦ ଜଗଦାନନ୍ଦ ସନାତନ ଧର୍ମକୁ ନେଇ କହିଛନ୍ତି ମଥାରେ ଟିକା ଲଗାଇ ଯେଉଁମାନେ ବୁଲୁଛନ୍ତି ସେମାନେ ଏବେ ଦେଶକୁ ଗୁଲାମ କରି ରଖିବାକୁ ଯାହୁଁଛନ୍ତି । ଏହା ସହ ସେ କହିଛନ୍ତି ଦେଶରେ କେବଳ ମନ୍ଦିର ନିର୍ମାଣ କଲେ କାମ ସରେନି। ଏପରି କହି ସେ ରାଷ୍ଟ୍ରୀୟ ସ୍ୱଂୟସେବକ ସଂଘକୁ ଟାର୍ଗେଟ କରିଛନ୍ତି ।

### ଖାଉଟିଙ୍କ ପାଇଁ କେନ୍ଦ୍ର ସରକାରଙ୍କ ବଡ ନିଷ୍ପତ୍ତି

## ୨୨ ପ୍ରତିଶତ ଶସ୍ତାରେ ମିଳିବ ମସୁର ଡାଲି



ନୂଆଦିଲ୍ଲୀ,୦୭/୦୯ : ଖାଦ୍ୟ ସାମଗ୍ରୀର ମୂଲ୍ୟ ଅହେତୁକ ଭାବେ ବୃଦ୍ଧି ପାଉଥିବାରୁ ଏହାକୁ ନେଇ ସାଧାରଣ ଜନତା ବେଶ ଚିନ୍ତାରେ ଅଛନ୍ତି । କାରଣ କରୋନା ମହାମାରୀ ପରେ ଦେଶରେ ଲୋକଙ୍କର ରୋଜଗାର କମିଛି । ନିଯୁକ୍ତି କ୍ଷେତ୍ରରେ ରାଜ୍ୟଠାରୁ କେନ୍ଦ୍ର ସରକାର ପର୍ଯ୍ୟନ୍ତ ବିଫଳ ହୋଇଛନ୍ତି । ଗତ ୪୫ ବର୍ଷ ମଧ୍ୟରେ ଦେଶରେ ସର୍ବାଧିକ ବେରୋଜଗାରୀ ହାର ଦେଖିବାକୁ ମିଳିଛି । ବେରୋଜଗାରୀଙ୍କ ସଂଖ୍ୟା ପାକିସ୍ତାନ ଠାରୁ ଭାରତ ଆଗରେ ରହିଛି । ଏସବୁ ଭିତରେ କିଛିଦିନ ତଳେ କେନ୍ଦ୍ର ସରକାର ରୋଷେଇ ଗ୍ୟାସ ଉପରେ ୨୦୦ ଟଙ୍କା ଦାମ କମ୍ କରିଥିବା ବେଳେ ଏବେ ମସୁର ଡାଲି ଉପରେ ୨୨ ପ୍ରତିଶତ ଦାମ କମ୍ କରିବାକୁ ନିଷ୍ପତ୍ତି ନେଇଛନ୍ତି । ଭାରତରେ ଜି-୨୦ ସମ୍ମିଳନୀ ଆରମ୍ଭ ହେବାକୁ ଯାଉଛି । ଏହି କ୍ରମରେ ଆମେରିକାର ରାଷ୍ଟ୍ରପତି ଭାରତ ଆସୁଛନ୍ତି । ହେଲେ ସେ ଭାରତ ଆସିବାର ଗୋଟିଏ ଦିନ ପୂର୍ବରୁ ଆମେରିକାରୁ ଭାରତ ଆମଦାନୀ କରୁଥିବା ମସୁର ଡାଲି ଉପରେ ସରକାର ଯେଉଁ ୨୨ ପ୍ରତିଶତ ଅମଦାନୀ ଶୁଳ୍କ ଲଗାଉଥିଲେ ତାହାକୁ ଶୂନ୍ୟ କରିଦେଇଛନ୍ତି । ଏହା ସେପଟ୍ଟେମ୍ବର ୬ ତାରିଖ ଠାରୁ ଲାଗୁ ହୋଇଛି । ଏହା ଫଳରେ ଆମେରିକାରେ ଉତ୍ପାଦନ ହେଉଥିବା ମସୁର ଡାଲି ଏବେ ସିଧାସଳଖ ଭାରତରେ ପହଂଚିବ । ପୂର୍ବଭଳି କାନାଡା ରାସ୍ତା ଦେଇ ଆଉ ମସୁର ଡାଲି ଆମେରିକାରୁ ଭାରତ ଆମଦାନୀ କରିବ ନାହିଁ । କେବଳ ସେତିକି ନୁହେଁ ଭାରତରେ ମସୁର ଡାଲିର ଷ୍ଟକକୁ ନେଇ ସରକାର କଡା ନିର୍ଦ୍ଦେଶ ଦେଇଛନ୍ତି । ଡାଲିର କଳାବଜାରୀ ଓ ବେଆଇନ ଷ୍ଟକ ରୋକିବାକୁ ସରକାର ପ୍ରତି ସପ୍ତାହରେ ଷ୍ଟକର ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି । ଗତ ବର୍ଷ ଖରାପ ପାଗ କାରଣରୁ ଭାରତରେ ଡାଲି ଉତ୍ପାଦନ ହ୍ରାସ ପାଇଥିଲା । ଫଳରେ ହଠାତ ଡାଲିର ଦାମ ୫୦ ରୁ ୬୦ ଟଙ୍କା ପର୍ଯ୍ୟନ୍ତ କିଲୋପ୍ରତି ବୃଦ୍ଧି ପାଇଥିଲା ।

# ଫିକା ପଡୁଛି ଯାତ୍ରୀଙ୍କ ଉତ୍ସାହ: ସୁଧୁରୁନି 'ମୋ ବସ୍'ର ବହୁ ନିୟମିତ ସମସ୍ୟା




ଭୁବନେଶ୍ୱର, ୦୭/୦୯ (ନି.ପ୍ର): ଦିନକୁ ଦିନ ମୋ' ବସ୍‌ର ଚାହିଦା ବଢ଼ିବାରେ ଲାଗିଛି। ପ୍ରଶାସନ ବି ଲୋକଙ୍କ ଚାହିଦାକୁ ଦୃଷ୍ଟିରେ ରଖି ନୂଆ ନୂଆ ରୁଟ୍‌ରେ ବସ୍ ଚଳାଉଛନ୍ତି। କିନ୍ତୁ ବାସ୍ତବରେ ମୋ' ବସ୍ ଯାତ୍ରୀଙ୍କ ସମସ୍ୟା ସୁଧୁରିବା ନାଁ ଧରୁନି। ବହୁ ନିୟମିତ ସମସ୍ୟାର ସମାଧାନ ହୋଇପାରୁନଥିବାରୁ 'ମୋ ବସ୍'କୁ ନେଇ ଲୋକଙ୍କ ଭିତରେ ସୃଷ୍ଟି ହୋଇଥିବା ପ୍ରାଥମିକ ଉତ୍ସାହ ମଉଳିବାରେ ଲାଗିଛି। ଯାତ୍ରୀଙ୍କ ଭିତରେ ଅସନ୍ତୋଷ ମଧ୍ୟ କୁହୁଳିବାରେ ଲାଗିଛି। ଯାତ୍ରୀମାନଙ୍କ ଅଭିଯୋଗ ଅନୁସାରେ, ବହୁ ବସ୍ ଷ୍ଟପ୍ ଛାତରୁ ପାଣି ଗଳୁଛି। ଫଳରେ ବର୍ଷାବେଳେ ବସ୍‌କୁ ଅପେକ୍ଷା କରିବା ମୁସ୍କିଲ ହୋଇପଡୁଛି। ବସ୍ ରୁଟ୍‌ର ନାମ ଓ ବସ୍ ଯିବା ଆସିବାର ସମୟ ଜଣାଇବା ପାଇଁ ବିଭିନ୍ନ ବସ୍ ଷ୍ଟପ୍‌ରେ ଲାଗିଥିବା ଡିସ୍‌ପ୍ଲେ ବୋର୍ଡରୁ କିଛି ଜଣାପଡୁନାହିଁ। ଦିନବେଳେ ଆଲୋକ ପ୍ରତିଫଳନ ହେଉଥିବାରୁ ବସ୍ ଯିବା ଆସିବାର ସମୟ ଜଣା ପଡୁନାହିଁ। ପୁଣି କେତେକ ସ୍ଥାନରେ ଡିସ୍‌ପ୍ଲେ ବୋର୍ଡରେ ଦାଗ ପଡ଼ିଯାଇଥିବାରୁ କିଛି ପଢ଼ି ହେଉନାହିଁ। ଫଳରେ କିଛି ଲୋକ ଭୁଲବଶତଃ ଯେଉଁ ବସ୍‌ରେ ଉଠିବା କଥା ଜାଣିନପାରି ଅଲଗା ବସ୍‌ର ଉଠିଯାଉଛନ୍ତି। ବିଶେଷକରି ବରିଷ୍ଠ ନାଗରିକମାନେ ଏଭଳି ସମସ୍ୟାରେ ପଡୁଛନ୍ତି। ବସ୍ କଣ୍ଡକ୍ଟର ସହାନଭୁତି ପ୍ରକାଶ କରିବା ବଦଳରେ ସେମାନଙ୍କୁ ଗାଳିଗୁଲଜ କରୁଥିବା ଅଭିଯୋଗ ହେଉଛି। ସେହିପରି ମୋ' ବସ୍ ଆପ୍‌ରେ ମଧ୍ୟ ବହୁ ତ୍ରୁଟି ପରିଲକ୍ଷିତ ହେଉଛି। କେଉଁ ରୁଟ୍‌ରେ କେଉଁ ବସ୍ ବା କେତେ ନମ୍ବର ବସ୍ ଯା'ଆସ କରୁଛି, କିଛି ସ୍ପଷ୍ଟ ଜଣା ପଡୁନାହିଁ। ପୁଣି ଅନେକ ସମୟରେ ନେଟ୍‌ୱର୍କ ସମସ୍ୟା ଯୋଗୁ ଆପ୍‌ରେ ପାସ୍ ତଥ୍ୟ ମିଳୁନାହିଁ। ଫଳରେ ଯାତ୍ରୀମାନଙ୍କୁ ପୁଣି ପଇସା ଦେବାକୁ ପଡୁଛି। ସେହିପରି ଆପ୍‌ରେ ବିଭିନ୍ନ ରୁଟ୍‌ର ବସ୍ ଷ୍ଟପେଜ୍‌ଗୁଡ଼ିକର ସମ୍ପୂର୍ଣ୍ଣ ତଥ୍ୟ ନଥିବାରୁ ଲୋକମାନେ କେଉଁ କେଉଁ ଷ୍ଟପ୍‌ରେ ବସ୍ ରହୁଛି, ଜାଣିପାରୁନାହାନ୍ତି। ସେହିଭଳି ବଡ଼ ସମସ୍ୟା ହେଉଛି ମୋ' ବସ୍‌ରେ ସଂରକ୍ଷଣ ସିଟ୍ ବ୍ୟବସ୍ଥା। ଦିବ୍ୟାଙ୍ଗ, ବରିଷ୍ଠ ନାଗରିକ ଓ ମହିଳାମାନଙ୍କ ପାଇଁ ଉର୍ଦ୍ଧିଷ୍ଟ ସିଟ୍‌ରେ ଅନ୍ୟ ଲୋକମାନେ ବସି ଯାଉଛନ୍ତି। ଏ ମାମଲାରେ ବସ୍‌ରେ କିଛି ନୀତି ନିୟମ ଅନୁସରଣ କରା ଯାଉନାହିଁ। ଲୋକମାନେ ନିୟମକୁ ସମ୍ମାନ ଦେଇ ବା ଅତିକମ୍‌ରେ ମାନବିକତା ଦୃଷ୍ଟିରୁ ସିଟ୍ ଛାଡୁନାହାନ୍ତି, କଣ୍ଡକ୍ଟରମାନେ ମଧ୍ୟ କିଛି କହୁ ନାହାନ୍ତି। ଏ ନେଇ 'ମୋ ବସ୍' ଦାୟିତ୍ୱରେ ଥିବା କ୍ରୁଟ୍ ସଂସ୍ଥାର ଜଣେ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ସମସ୍ୟା ସମାଧାନର କୌଣସି ନିର୍ଦ୍ଦିଷ୍ଟ ସମୟ ସୀମା ଉଲ୍ଲେଖ ନକରି ସେ କହିଲେ, ''ଆପ୍‌କୁ ତ୍ରୁଟିମୁକ୍ତ କରିବା ପାଇଁ ଚେଷ୍ଟା କରାଯାଉଛି। ବର୍ତ୍ତମାନ ଯାତ୍ରୀଙ୍କ ସୁବିଧା ପାଇଁ ଅନ୍‌ଲାଇନ୍ ଟିକେଟ ଓ ମେସିନ୍‌ରେ ସ୍କାନର ମଧ୍ୟ ଲାଗିଲାଣି। ଅନ୍ୟ ଯେଉଁ ସବୁ ସମସ୍ୟା ଅଛି, ସେସବୁକୁ ଦୂର କରାଯିବାକୁ ଉଦ୍ୟମ ଚାଲିଛି।''

# ସଂସାଧନ ସଭ୍ୟ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ମାଲକାନଗିରି, ୦୭/୦୯ (ନି.ପ୍ର): ସୂଚନା ଓ ଲୋକସଂପର୍କ ବିଭାଗ ଓ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ମିଳିତ ଆନୁକୂଲ୍ୟରେ ଚାଲିଥିବା ଦୁଇଦିନିଆ ସଂସାଧନ ପ୍ରଶିକ୍ଷଣ ଶିବିର ଉଦଯାପିତ ହୋଇଯାଇଛି। ଦ୍ୱିତୀୟ ଦିନ କାର୍ଯ୍ୟକ୍ରମ ପୂର୍ବାହ୍ନରେ ଜିଲ୍ଲା କ୍ରୀଡା ଅଧିକାରୀ ଧ୍ରୁବ ଚରଣ ମୁଦୁଲି ଯୋଗ ଦେଇ ହକି ଉପରେ ବିଶେଷ ପ୍ରାଧାନ୍ୟ ଦେଇ କ୍ରୀଡାର ଉନ୍ନତିକରଣ ଉପରେ ଆଲୋକପାତ କରିବା ସହ ପାରମ୍ପାରିକ ଲୋକ କଳା ଓ ସଂସ୍କୃତିକୁ ବଂଚାଇବାକୁ ହେଲେ ଏହାକୁ ଲିପିବଦ୍ଧ କରି ରଖିବାକୁ ହେବ ବୋଲି ପ୍ରକାଶ କରିଥିଲେ। ରାଜ୍ୟ ସଂସାଧନ ବିଶେଷଜ୍ଞ ଗୁପ୍ତେଶ୍ୱର ପାଣିଗ୍ରାହୀ ଉଦଯାପନୀ କାର୍ଯ୍ୟକ୍ରମରେ ସମସ୍ତ ସଭ୍ୟଙ୍କୁ ପାରମ୍ପାରିକ ଲୋକ କଳା ଓ ସଂସ୍କୃତିକୁ ବଜାୟ ରଖି ସରକାରଙ୍କ ଯୋଜନା ଗୁଡିକୁ ପ୍ରଚାର ପ୍ରସାର କରିବା ପାଇଁ ଗୁରୁତ୍ୱାରୋପ କରିଥିଲେ। ତତ୍ ସହିତ କିଭଳି ଲୋକ କଳା ମାଧ୍ୟମରେ ପ୍ରତ୍ୟେକ ଗ୍ରାମରେ ଯୋଜନା ଗୁଡିକୁ ପରିବେଷଣ କରିବେ, ସେହି ଶୈଳୀ ବିଷୟରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ସେହିପରି ଅନ୍ୟତମ ପ୍ରଶିକ୍ଷକ ବିନାଶ ମିଶ୍ର ଆଇଇସି କାର୍ଯ୍ୟକ୍ରମକୁ କିଭଳି ସଫଳତାର ସହ ପରିବେଷଣ କରିବେ, ତାହାର ବିଭିନ୍ନ ଦିଗ ଉପରେ ଦିଗଦର୍ଶନ ଦେଇଥିଲେ । ଉପସ୍ଥିତ ସାତଟି ବ୍ଲକର ସଭ୍ୟ ନିଜର ପାରମ୍ପାରିକ ଲୋକ କଳା ମାଧ୍ୟମରେ ଯୋଜନା ଗୁଡ଼ିକର କିଭଳି ପ୍ରଚାର ପ୍ରସାର କରିବେ ତାହା ପ୍ରଦର୍ଶନ କରିଥିଲେ। ଉଦଯାପନୀ ଉତ୍ସବରେ ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ, ପ୍ରମିଳା ମାଝୀ, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ସସ୍ମିତା ସ୍ୱାଇଁ ଏବଂ ସହକାରୀ ଶ୍ରମ ଅଧିକାରୀ ପୂର୍ଣ୍ଣିମା ଡୁରୁକା କର୍ମଶାଳା ରେ ଯୋଗ ଦେଇଥିବା ପ୍ରଶିକ୍ଷାର୍ଥୀ ମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା କଳା ସଂସ୍କୃତି ସଂଘର ଉପ ସଭାପତି ଘେନୁ ମୁଦୁଲି, ବରିଷ୍ଠ କଳାକାର ଅନାଦି କଡ଼ା, ହରେକୃଷ୍ଣ କୀର୍ତ୍ତନୀଆ, ରଞ୍ଜନ ମହାନ୍ତି, ସାତଟି ବ୍ଲକର ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଓ ଜିଲ୍ଲା ସଂସ୍କୃତି ବିଭାଗର କର୍ମଚାରୀ ମାନେ ଉପସ୍ଥିତ ଥିଲେ।

# ବରିଷ୍ଠ ସାମ୍ବାଦିକ ସ୍ୱର୍ଗତ ସତ୍ୟ ନାରାୟଣ ବେହେରାଙ୍କ ଜନ୍ମବାର୍ଷିକ ପାଳିତ

ବଲାଙ୍ଗୀର, ୦୭/୦୯ (ନି.ପ୍ର): ଲୋକପ୍ରିୟ ବରିଷ୍ଠ ସାମ୍ବାଦିକ, ସ୍ତମ୍ଭକାର, ନାଟ୍ୟକାର ସ୍ୱର୍ଗତ ସତ୍ୟନାରାୟଣ ବେହେରାଙ୍କ ଜନ୍ମବାର୍ଷିକ ସମାରୋହ ବୁଧବାର ସ୍ଥାନୀୟ ସାମ୍ବାଦିକ ଭବନରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଚଂଚଳ ରାଣା ଉଦ୍‌ଘାଟକ ଭାବେ ଯୋଗଦାନ କରି ସ୍ୱର୍ଗତ ବେହେରାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ତାଙ୍କର କର୍ମମୟ ଜୀବନ ଉପରେ ଆଲୋକପାତ କରିଥିଲେ। ଆୟୋଜିତ ଆଲୋଚନାଚକ୍ରର ବିଷୟବସ୍ତୁ 'ସାମ୍ପ୍ରତିକ ସମାଜରେ ଗଣମାଧ୍ୟମର ଭୂମିକା' ଉପରେ ନିଜ ମତ ରଖି ଜିଲ୍ଲାପାଳ ଶ୍ରୀ ରାଣା କହିଲେ ଯେ ଗଣମାଧ୍ୟମ ଖବର ପ୍ରକାଶନ ପୂର୍ବରୁ ଖବର କେତେ ପରିମାଣରେ ସମାଜର ହିତରେ ସକାରାତ୍ମକ ପ୍ରଭାବ ପକାଇବ ସେ ଦିଗରେ ବିଶେଷ ଦୃଷ୍ଟି ଦ୍ୱୋ ଉଚିତ୍ ବୋଲି କହିଥିଲେ। ସତ୍ୟ ନାରାୟଣ ବେହେରା ସ୍ମୃତି କମିଟି ସଭାପତି ପ୍ରଦୀପ୍ତ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ବଲାଙ୍ଗୀର ପୌରାଧ୍ୟକ୍ଷ। ଲିକା ସାହୁ, ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ଗଣମାଧ୍ୟମ ସମାଜର ପଥ ପ୍ରଦର୍ଶକ ବୋଲି କହିଥିଲେ। ମୁଖ୍ୟବକ୍ତା ଶିକ୍ଷିତ ତଥା ସ୍ତମ୍ଭକାର ଛାୟାକାନ୍ତ ଷଡ଼ଙ୍ଗୀ ସାମ୍ବାଦିକ ଓ ସାମ୍ବାଦିକତା ସମ୍ପର୍କିତ ବିଭିନ୍ନ ଉଦାହରଣ ଉପସ୍ଥାପନ କରିଥିଲେ। ବାସ୍ତବରେ ଗଣମାଧ୍ୟମ ସାମ୍ବାଦିକତା ସାମାନ୍ୟ ଲାଇନଚ୍ୟୁତ ହୋଇଥିବାବେଳେ ଆଗକୁ ପୁଣି ଟ୍ରାକ୍‌କୁ ଫେରିବବୋଲି ଆଶା ପ୍ରକାଶ କରିଥିଲେ। ସେ ସତ୍ୟ ଓ ତଥ୍ୟ ଉପରେ ଗଣମାଧ୍ୟମ ଖବର ପ୍ରକାଶ କରୁବୋଲି ପରାମର୍ଶ ଦେଇଥିଲେ। ଡା. ମଞ୍ଜୁବାଳା ପଣ୍ଡା ଗଣମାଧ୍ୟମ ଓ ସାମାଜିକ ଦୃଷ୍ଟିକୋଣ ଉପରେ ମତ ରଖିଥିଲେ। ପୂର୍ବତନ ସାଂସଦ ତଥା ବର୍ତ୍ତମାନର ରାଜ୍ୟ ହାଉସିଂବୋର୍ଡ ଅଧ୍ୟକ୍ଷ କଳିକେଶ ନାରାୟଣ ସିଂହଦେଓ ଯୋଗଦେଇ ସ୍ୱର୍ଗତ ବେହେରାଙ୍କ ବାଲୁକା ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଓ ଅର୍ଘ୍ୟଦେଇ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସ୍ମୃତିଚାରଣ କରି ସ୍ୱର୍ଗତ ସତ୍ୟନାରାୟଣ ବେହେରାଙ୍କ ସହିତ ନିବିଡ ପାରିବାରିକ ସମ୍ପର୍କ ସହିତ ତାଙ୍କର ଆତ୍ମିୟତା ଓ ସାମ୍ବାଦିକ ଜୀବନର କିଛି ଅଭୁଲା ସ୍ମୃତି ଉପସ୍ଥାପନ କରିଥିଲେ। ବରିଷ୍ଠ ସାମ୍ବାଦିକ ମନୋରଞ୍ଜନ ଯୋଶୀ ସାମ୍ପ୍ରତିକ ସମାଜରେ ଗଣମାଧ୍ୟମ କେଉଁ ସବୁ ଆହ୍ୱାନର ସମ୍ମୁଖୀନ ହେଉଛି ସେ ଦିଗରେ ତର୍ଜମା କରିଥିଲେ। ଏହା ସହିତ ସାମାଜିକ ସ୍ଥିତି ଓ ଦୃଷ୍ଟିକୋଣ ଉପରେ ମତ ରଖିଥିଲେ। ଅନ୍ୟତମ ବକ୍ତା ବରିଷ୍ଠ ସାମ୍ବାଦିକ ଅଖିଳ ଚନ୍ଦ୍ର ହୋତା ଖବରକୁ ଗୁଗୁଲ୍ କିପରି ଗ୍ରାସୁଛି ସେ ସମ୍ପର୍କରେ ମତ ରଖିଥିଲେ।

## ମୃଦ୍ୟୁ ପାନୀୟରେ ନିଶା ଦେଇ ଛାତ୍ରଙ୍କଠାରୁ ଲୁଟିନେଲେ

ବଲାଙ୍ଗିର , ୦୭/୦୯ (ନି.ପ୍ର): ମୃଦ୍ୟୁ ପାନୀୟରେ ନିଶା ଦେଇ ଛାତ୍ରଙ୍କଠାରୁ ଲୁଟିନେଲେ ଟଙ୍କା, ମୋବାଇଲ। ୩ଜଣ ଛାତ୍ରଙ୍କୁ ଅଚେତ ଅବସ୍ଥାରେ କଂଟାବାଞ୍ଜି ରେଲୱେ ଷ୍ଟେସନରୁ ଉଦ୍ଧାର କରାଯାଇଛି। ଘଟଣା ଘଟିଛି ବଲାଙ୍ଗିର ଜିଲ୍ଲା କଂଟାବାଞ୍ଜି ରେଲୱେ ଷ୍ଟେସନରେ। ଛାତ୍ରମାନଙ୍କ ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଗତ ୪ ତାରିଖ ଦିନ ସମ୍ବଲପୁର ବରାଇପାଲିରେ ଏସ୍‌ଏସ୍ସି ପରୀକ୍ଷା ଥିଲା।ସେଥିପାଇଁ ବେଲପଡା ଥାନା ଅଂଚଳର ରେଙ୍ଗାଲି ଗାଁର ବଳରାମ ମେହେର, ସୁବାଷ ମେହେର, ଥୁଡିବାହାଲ ଗାଁର ଆନନ୍ଦ ଭୋଇ, ପାଲେସିରା ଗାଁର ବଳବନ୍ତ କୁଅର ଓ ପଲ୍ଲୀମାଲ ଗାଁର ସିଶୀଳ ମହାନନ୍ଦ ସମସ୍ତେ ପରୀକ୍ଷା ଦେବାକୁ ଯାଇଥିଲେ। ପରୀକ୍ଷା ସାରି ଛାତ୍ରମାନେ ଗତକାଲି ରାତିରେ ଇସ୍ପାତ ଟ୍ରେନ ଯୋଗେ କଂଟାବାଞ୍ଜିକୁ ଆସିଥିଲେ। ଟ୍ରେନଟି ବିଳମ୍ବରେ କଂଟାବାଞ୍ଜିରେ ପହଂଚିବାରୁ ରାତିରେ ୱେଟିଂ ହଲ୍ରେ ଶୋଇକି ସକାଳୁ ନିଜ ନିଜ ଗାଁକୁ ଯିବା ପାଇଁ ସେମାନେ ସ୍ଥିର କରିଥିଲେ । ଛାତ୍ରମାନେ ଥଣ୍ଡା ପାନୀୟ ପିଇବାକୁ ଇଚ୍ଛା କରି ଷ୍ଟେସନରେ ନିକଟରେ ଥିବା ଦୋକାନରୁ ମୃଦ୍ୟୁ ପାନୀୟ କିଣି ପିଇଥିଲେ।

# ରାଜ୍ୟ ସରକାରଙ୍କ ବେଦାନ୍ତ ପ୍ରୀତି ଓ ବେଆଇନ ଜମି ଅଧିଗ୍ରହଣର ଗୁମର ୯ରେ ଖୋଲିବ

ପୁରୀ, ୦୭/୦୯ (ନି.ପ୍ର): ବେଦାନ୍ତ ସିଦ୍ଧାନ୍ତ'' ସ୍ଲୋଗାନ ଦେଇ ୨୦୦୬ ମସିହାରେ ରାଜ୍ୟର ବିଜେଡ଼ି ବିଜେପି ମେଣ୍ଟ ସରକାର ପୁରୀ- କୋଣାର୍କ ବେଳାଭୂମି ମାର୍ଗ ସ୍ଥିତ ବାଇଶମୌଜା ଅଞ୍ଚଳରୁ ଶାଗମାଛ ଦରରେ ହଜାର ହଜାର ଏକର ଚାଷଜମି ଓ ଶ୍ରୀଜଗନ୍ନାଥଙ୍କ ଅମୃତ ମଣୋହୀ ଚାଷଜମି ବେଆଇନ ଭାବେ ଅଧିଗ୍ରହଣ କରିଥିଲା । ଶିକ୍ଷାଦିକ୍ଷା ହୀନ ଗରିବ ଚାଷୀମାନେ କିଛି ବୁଝିବା ପୂର୍ବରୁ ତତ୍କାଳୀନ ସରକାର ଅର୍ଥବଳ, ବାହୁବଳ ଓ ପ୍ରଶାସନିକ କଳର ଅପପ୍ରୟୋଗ କରି ବିସ୍ତୀର୍ଣ୍ଣ ଚାଷଜମି ସହ ଦୁଇ ଦୁଇଟି ନଦୀ ଅଧିଗ୍ରହଣ କରି ନେଇଥିଲେ । ବିଳମ୍ବରେ ହେଲେବି ପରବର୍ତ୍ତୀ ସମୟରେ କ୍ଷତିଗ୍ରସ୍ତ ଚାଷୀମାନେ ସଙ୍ଘବଦ୍ଧ ଭାବେ ବେଦାନ୍ତ ବିଶ୍ୱବିଦ୍ୟାଳୟ ବିରୋଧୀ ସଂଘର୍ଷ ସମିତି ଗଠନ କରି ଏହି ବେଆଇନ ଜମି ଅଧିଗ୍ରହଣ ନେଇ ୨୦୧୦ ମସିହାରେ ଲୋକପାଳଙ୍କ ଦ୍ୱାରସ୍ଥ ହୋଇଥିଲେ । ଏହି ମାମଲାର ପୁଙ୍ଖାନୁପୁଙ୍ଖ ଅନୁଧ୍ୟାନ କରିବା ସହ ବିପୁଳ ପରିମାଣ ଜମି ଅଧିଗ୍ରହଣ ଓ କମ୍ପାନୀ ସହ ହୋଇଥିବା ବୁଝାମଣା ପତ୍ରରେ ଅନିୟମିତତା ଓ ଏକତରଫା ସର୍ତ୍ତର ପୁନଃ ଅନୁଧ୍ୟାନ ପାଇଁ ଆଦେଶ ଦେଇଥିଲେ । ରାଜ୍ୟ ସରକାର ଓ ବେଦାନ୍ତ କର୍ତ୍ତୃପକ୍ଷ ଲୋକପାଳଙ୍କ ଏହି କାଳକ୍ଷେପଣ ଆଦେଶକୁ ଏଡାଇ ତ୍ୱରିତ୍ ନିଜ ସପକ୍ଷରେ ରାୟ ଆଶା କରି ଓଡ଼ିଶା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ମାତ୍ର ବିଶ୍ୱ ବିଦ୍ୟାଳୟର ଆଳ ଦେଖାଇ ବେଦାନ୍ତ କମ୍ପାନୀ ୧୦ ହଜାରରୁ ଉର୍ଦ୍ଧ୍ୱ ଏକର ଜମି ହାତେଇବା ଓ ତତ୍କାଳୀନ ମେଣ୍ଟ ସରକାର ଅତି ତରବରିଆ ଭାବେ ନେଉଥିବା ନିଷ୍ପତ୍ତିକୁ ଅନୁଧ୍ୟାନ କରି ଶେଷରେ ଏହା ବେଆଇନ ଜମି ଅଧିଗ୍ରହଣ ବୋଲି ମାନ୍ୟବର ହାଇକୋର୍ଟ ରାୟ ଦେଇଥିଲେ । ମାତ୍ର କେଉଁ କାରଣ ପାଇଁ ଲୋକପାଳ ଓ ହାଇକୋର୍ଟରେ ଏହି ଜମି ଅଧିଗ୍ରହଣ ବେଆଇନ ଘୋଷିତ ହେଲା ରାଜ୍ୟ ସରକାର ତାହା ଅନୁଧ୍ୟାନ ନକରି କମ୍ପାନୀ ପ୍ରିତୀରେ ଅନ୍ଧ ହୋଇ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ମଧ୍ୟ ହୋଇଥିଲେ । ମାନ୍ୟବର ସୁପ୍ରିମକୋର୍ଟରେ ଏହି ମାମଲାର ତର୍ଜମା ହେବା ସମୟରେ ବେଦାନ୍ତ କମ୍ପାନୀର ଅସଲ ପରିଚୟ , ସମ୍ବିଧାନର କେଉଁ ଅଧିନିୟମରେ ଏହା କମ୍ପାନୀ ଭାବେ ପଞ୍ଜିକରଣ ହୋଇଛି, ପରିବାରର ୪ଜଣ ସଦସ୍ୟଙ୍କୁ ନେଇ ଅନୀଲ ଅଗ୍ରୱାଲ ନାମକ ବ୍ୟକ୍ତି ''ଅନୀଲ ଅଗ୍ରୱାଲ ଫାଉଣ୍ଡେସନ'' ନାମକ ସଂସ୍ଥା ତତ୍କାଳୀନ ମେଣ୍ଟ ସରକାରକୁ କିଭଳି ବଶୀକରଣ କରି ଏତେ ଚାଷଜମି ଅଧିଗ୍ରହଣ କରିପାରିଲା ସେନେଇ ସମସ୍ତ ତଥ୍ୟ ଅନୁଧ୍ୟାନ ଓ ମାମଲାର ଶୁଣାଣି କରି ଓଡ଼ିଶାର ନବୀନ ସରକାରକୁ ଭର୍ତ୍ସନା କରିବା ଜାଲିଆତିରେ ଚାଷଜମି ଅଧିଗ୍ରହଣ କରିଥିବାରୁ ଅନୀଲ ଅଗ୍ରୱାଲ ଫାଉଣ୍ଡେସନକୁ ୫ଲକ୍ଷ ଟଙ୍କା ଜରିମାନା କରିଛନ୍ତି । ମାନ୍ୟବର ସୁପ୍ରିମକୋର୍ଟ ଏହି ମାମଲାର ଶୁଣାଣି ସମୟରେ ରାଜ୍ୟ ସରକାରଙ୍କ ମାତ୍ରାଧିକ ପକ୍ଷପାତିତା, ଜମି ଅଧିଗ୍ରହଣ ପାଇଁ କମ୍ପାନୀର ଆବେଦନକୁ ଭଲ ଭାବେ ଅନୁଧ୍ୟାନ ନକରିବା, ଲୋକଙ୍କ ସର୍ବନିମ୍ନ ଆବଶ୍ୟକତାକୁ ଗୁରୁତ୍ୱ ଦେଇନଥିବା ଭଳି ବହୁ ତ୍ରୁଟି ଓ ମିଥ୍ୟା କାଗଜାତ୍ ଦେଇ ଅନୀଲ ଅଗ୍ରୱାଲ ଫାଉଣ୍ଡେସନର ସମସ୍ତ କଳା କାରନାମାକୁ ସମ୍ପୂର୍ଣ୍ଣ ଉଲଗ୍ନ କରିଥିବା ୧୦୫ ପୃଷ୍ଠାରେ ଦେଇଥିବା ରାୟରେ ଉଲ୍ଲେଖ ରହିଛି । ଏହି ବେଆଇନ ଜମି ଅଧିଗ୍ରହଣ ପରେ ମାନସିକ ସ୍ତରରେ ସମ୍ପୂର୍ଣ୍ଣ ଦୁର୍ବଳ ହୋଇଯାଇଥିବା ବାଇଶ ମୌଜା ଲୋକଙ୍କୁ ସ୍ୱାନ୍ତନା ଦେବାସହ ନ୍ୟାୟ ପାଇଁ ଗଠିତ ବେଦାନ୍ତ ବିଶ୍ୱବିଦ୍ୟାଳୟ ବିରୋଧୀ ସଂଘର୍ଷ ସମିତିର ନେତୃତ୍ୱ ନେଇଥିଲେ ବେଲଦଳର ବର୍ଷିଆନ ଚାଷୀ ନେତା ବେଣୁଧର ପ୍ରଧାନ। ରାଜ୍ୟ ସରକାରଙ୍କ ଏଭଳି ବେଆଇନ ଚାଷଜମି ଅଧିଗ୍ରହଣକୁ ବିଭିନ୍ନ ମହଲରେ ତୀବ୍ର ବିରୋଧ ହେବା ପରେ ଏଥିରେ ସମର୍ଥନର ହାତ ବଢ଼ାଇଥିଲେ ପୁରୀର ଟାଣୁଆ ନେତା ପୂର୍ବତନ ବିଧାୟକ ଉମାବଲ୍ଲଭ ରଥ । ଏହା ପରେ ପରେ ବେଦାନ୍ତ ବିଶ୍ୱବିଦ୍ୟାଳୟ ବିରୋଧୀ ସଂଘର୍ଷ ସମିତି ବେଶ୍ ଶକ୍ତିଶାଳୀ ହୋଇ ଉଠିଥିଲା। ସମିତିର ସଭାପତି ଦାମୋଦର ପ୍ରଧାନଙ୍କ ନେତୃତ୍ୱରେ ସଂଯୋଜକ ବରିଷ୍ଠ ନେତା ବିଷ୍ଣୁ ପ୍ରସାଦ ମିଶ୍ର, ଉପସଭାପତି ମଧୁସୂଦନ ରାଉତରାୟ, ସମ୍ପାଦକ ପ୍ରଭାକର ସ୍ୱାଇଁଙ୍କ ସହ ଆବାହକ ପୂର୍ବତନ ବିଧାୟକ ଉମାବଲ୍ଲଭ ରଥଙ୍କ ନୀରବଚ୍ଛିନ୍ନ ଅକ୍ଲାନ୍ତ ପରିଶ୍ରମ ଓ ଶ୍ରୀଜଗନ୍ନାଥଙ୍କ ଅପାର କରୁଣାରୁ ଶେଷରେ ମାନ୍ୟବର ସୁପ୍ରିମକୋର୍ଟରେ ରାଜ୍ୟ ସରକାର ଓ ଅନୀଲ ଅଗ୍ରୱାଲ ଫାଉଣ୍ଡେସନର ଅଧିଗ୍ରହଣ ଚାଷଜମି ବେଆଇନ ଘୋଷଣା ସମଗ୍ର ବାଇଶମୌଜା ଅଞ୍ଚଳରେ ଖୁସିର ଲହଡ଼ି ଖେଳିଯାଇଛି । ମାନ୍ୟବର ସୁପ୍ରିମକୋର୍ଟରେ ଏହି ବେଆଇନ ଜମି ଅଧିଗ୍ରହଣ ମାମଲାକୁ ବେଦାନ୍ତ ବିଶ୍ୱବିଦ୍ୟାଳୟ ବିରୋଧୀ ସଂଘର୍ଷ ସମିତି ପକ୍ଷରୁ ବରିଷ୍ଠ ଆଇନଜୀବୀ ପ୍ରଶାନ୍ତ ଭୂଷଣ ବିନା ପାରିଶ୍ରମିକରେ ପରିଚାଳନା କରିଥିବାରୁ ସମିତି ଓ ବିସ୍ଥାପିତ ଆଶଙ୍କାରେ ଥିବା ଲୋକେ ଆନ୍ତରିକ କୃତଜ୍ଞତା ଜଣାଇଛନ୍ତି। ସେହିପରି ଏହି ବେଆଇନ ଜମି ଅଧିଗ୍ରହଣକୁ ଦୃଢ଼ ବିରୋଧକରି ବେଦାନ୍ତ ବିଶ୍ୱବିଦ୍ୟାଳୟ ବିରୋଧୀ ସଂଘର୍ଷ ସମିତିକୁ ପୂର୍ଣ୍ଣ ସମର୍ଥନ କରିଥିବା ନର୍ମଦା ବଞ୍ଚାଅ ଅଭିଯାନର ଜନନେତ୍ରୀ ମେଧା ପାଟେକରଙ୍କୁ ମଧ୍ୟ କୃତଜ୍ଞତା ଜଣାଇଛନ୍ତି । ମାନ୍ୟବର ସୁପ୍ରିମକୋର୍ଟରେ ରାଜ୍ୟ ସରକାର ଓ ଅନୀଲ ଅଗ୍ରୱାଲ ଫାଉଣ୍ଡେସନର ଏହି ବେଆଇନ ଜମି ଅଧିଗ୍ରହଣକୁ ନେଇ ଦେଇଥିବା ଐତିହାସିକ ରାୟକୁ ନେଇ ଆଗାମୀ ୯ ତାରିଖରେ ବେଲଦଳ ଠାରେ ବିଶାଳ କୃଷକ ବିଜୟ ସମାବେଶ ହେବ। ଏହି ସମାବେଶରେ ଆଇନଜୀବୀ ପ୍ରଶାନ୍ତ ଭୂଷଣ ଓ ଜନନେତ୍ରୀ ମେଧା ପାଟେକରଙ୍କୁ ସମିତି ପକ୍ଷରୁ କୃତଜ୍ଞତାର ସହ ସମ୍ବର୍ଦ୍ଧନା ଜ୍ଞାପନ କରାଯିବ । ଶ୍ରୀ ଭୂଷଣ ନିଜ ଅଭିଭାଷଣରେ ଏହି ବେଆଇନ ଜମି ଅଧିଗ୍ରହଣର ବିଭିନ୍ନ ଅନାଲୋଚିତ ଦିଗରୁ ପରଦା ଉଠାଇବା ସହ ଚାଷଜମି ସୁରକ୍ଷା ନେଇ ଆଇନଗତ ସୂଚନା ଦେବାର ମଧ୍ୟ କାର୍ଯ୍ୟକ୍ରମ ରହିଛି । ଏହି ଅବସରରେ ଆଜି ପୁରୀ ରାମ ମନ୍ଦିର ନିକଟ ସମିତିର ଆବାହକ ତଥା ମୁଖ୍ୟ ପୁରୋଧା ପୂର୍ବତନ ବିଧାୟକ ଉମାବଲ୍ଲଭ ରଥଙ୍କ ବାସ ଭବନରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଶ୍ରୀ ରଥ ରାଜ୍ୟ ସରକାରଙ୍କ ବେଦାନ୍ତ ପ୍ରୀତି ଓ ବେଆଇନ ଚାଷଜମି ଅଧିଗ୍ରହଣକୁ ତୀବ୍ର ସମାଲୋଚନା କରିଛନ୍ତି। ରାଜନୈତିକ ନେତା ମାନେ ପଦ ପଦବୀର ମୋହ ଓ ନିଜ ସ୍ୱାର୍ଥ ଦେଖିବା ବଦଳରେ ଲୋକଙ୍କ ସମସ୍ୟା ସମାଧାନ କରି ସୁସ୍ଥ ସମାଜ ଗଠନ ଦିଗରେ ଆଗେଇ ଆସିବା ଉଚିତ୍ । ମାତ୍ର ବାଇଶମୌଜା ଅଞ୍ଚଳର ଚାଷଜମି ହଡ଼ପ କରିବା କ୍ଷେତ୍ରରେ ବେଦାନ୍ତ ଭଳି ଜାଲିଆତି କମ୍ପାନୀକୁ ଅହେତୁକ ଅନୁକମ୍ପାରେ ଏହି ବେଆଇନ ଜମି ଅଧିଗ୍ରହଣକୁ ଦୃଢ଼ ନିନ୍ଦା କରିଛନ୍ତି । ଏହି ବେଆଇନ ଚାଷଜମି ଅଧିଗ୍ରହଣ କେଳେଙ୍କାରୀରେ ସମ୍ପୃକ୍ତ ସମସ୍ତ ଅଭିଯୁକ୍ତ ତଥା ନେତା ଠୁଁ ନେଇ ପ୍ରଶାସନିକ ଅଧିକାରୀ ପର୍ଯ୍ୟନ୍ତ ସମସ୍ତଙ୍କୁ ସୁସ୍ଥ ନ୍ୟାୟପାଳିକା ବ୍ୟବସ୍ଥା ଅନୁଯାୟୀ ଦଣ୍ଡବିଧାନ କରାଯିବା ଆବଶ୍ୟକ ବୋଲି ମଧ୍ୟ ଦାବି କରିଛନ୍ତି ।

## ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ଉତ୍ସବ ପାଳିତ

ଜୟପୁର, ୦୭/୦୯ (ନି.ପ୍ର): ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଶାରଦା ବିହାର, ଜୟପୁରଠାରେ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ଉତ୍ସବ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଯଜ୍ଞ ଆରମ୍ଭ ହୋଇଥିଲା ଯେଉଁଥିରେ ବିଦ୍ୟାଳୟ ଶିଶୁଙ୍କ ଅଭିଭାବକ ସରୋଜ କୁମାର ମହାପାତ୍ର ଓ ଟିକିନା ଷଡଙ୍ଗୀ କର୍ତ୍ତା ଭାବେ ଯୋଗ ଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ସତ୍ୟ ନାରାୟଣ ସେଠୀ ସଭାପତିତ୍ୱରେ ରାଧା ମୋହନ ପଣ୍ଡା, ବରିଷ୍ଠ ଶିକ୍ଷକ, ପ୍ରୋଜେକ୍ଟ ହାଇସ୍କୁଲ୍ ଅତିଥି ଭାବେ ଯୋଗ ଦେଇ ଶିଶୁଙ୍କୁ ଶ୍ରୀକୃଷ୍ଣଙ୍କ ପୂଜନ ଦିବସର ମହତ୍ୱ ଭଗବାନଙ୍କ ଅବତାରର ଲକ୍ଷ୍ୟ ବିଷୟରେ ତଥା ଶ୍ରୀକୃଷ୍ଣଙ୍କ ଜୀବନର ସୁନ୍ଦର କଥା ଗୁଡ଼ିକ କାହାଣୀ ମାଧ୍ୟମରେ ଆଲୋକପାତ କରିଥିଲେ । ଅନ୍ୟତମ ଅତିଥି ଶ୍ରୀମତୀ କବିତା ସାହୁ, ବିଶିଷ୍ଟ ଲେଖିକା, କବି ଯୋଗଦେଇ କାର୍ଯ୍ୟକ୍ରମର ଶୋଭା ବଢାଇଥିଲେ । ଯଜ୍ଞ ପରେ ଶିଶୁମାନଙ୍କ ଦ୍ୱାରା ସ୍ୱାଗତ ସଂଗୀତ ଗାନ କରାଯାଇଥିଲା। ଅଷ୍ଟାଦଶ ଶ୍ଳୋକୀ ଗୀତା ମନ୍ତ୍ର ଉଚ୍ଚାରଣ ସହ ଶ୍ରୀକୃଷ୍ଣ ବେଶରେ ଆସିଥିବା ଶିଶୁଙ୍କୁ ଅତିଥିମାନଙ୍କ ଦ୍ୱାରା ପୂଜନ କରାଯାଇଥିଲା । ପରବର୍ତ୍ତୀ ପର୍ଯ୍ୟାୟରେ କୁନି କୁନି ଶିଶୁଙ୍କ ଦ୍ୱାରା ଦହି ହାଣ୍ଡି ଭଙ୍ଗାଯାଇଥିଲା । ଏହା ପରେ ସମସ୍ତ ଶ୍ରୀକୃଷ୍ଣ ବେଶରେ ଥିବା ଶିଶୁଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କାର ବିତରଣ କରାଯାଇଥିଲା । ଶିଶୁଙ୍କ ପିତା ମାତା ବହୁ ସଂଖ୍ୟାରେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଆହୁରି ଆକର୍ଷିତ କରିବାରେ ସହଯୋଗ କରିଥିଲେ। ପରିଶେଷରେ ସମସ୍ତ ଶିଶୁଙ୍କୁ ମିଷ୍ଟାନ୍ନ ବଂଟନ ପୂର୍ବକ କାର୍ଯ୍ୟକ୍ରମ ଶେଷ କରାଯାଇଥିଲା । କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ସମସ୍ତ ଗୁରୁଜୀ ଗୁରୁମା, ସେବକ ସେବିକା ସମ୍ପୂର୍ଣ୍ଣ ସହଯୋଗ କରିଥିଲେ । ସେହିପରି ସ୍ଥାନୀୟ ଅରବିନ୍ଦ ନଗର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଠାରେ ଶ୍ରୀ କୃଷ୍ଣ ଜନ୍ମାଷ୍ଟମୀ ମହା ସମାରୋହରେ ପାଳିତ ହୋଇଯାଇଛି । କୋଷାଧ୍ୟକ୍ଷ ଶ୍ରୀ ମିହିର କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଧାନ ଆଚାର୍ଯ୍ୟ ଲକ୍ଷ୍ମୀକାନ୍ତ ମିଶ୍ର ଯୋଗ ଦେଇ ଭଗବାନ ଶ୍ରୀକୃଷ୍ଣଙ୍କ କାର୍ଯ୍ୟାବଳୀ ର ସ୍ମୃତି ଚାରଣ କରିବା ସହ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ମତବ୍ୟକ୍ତ କରିଥିଲେ। ଶିଶୁ ଭାଇ କହ୍ନେଶ ଆୟୁଷ୍ମାନ ପୃଷ୍ଟି ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିବାବେଳେ ଅମିତା ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କୃଷ୍ଣ ରାଧା ବେଶଧାରି କୁନି କୁନି ଶିଶୁ ଭାଇ ଓ ଭଉଣୀ ମାନଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇ ସେମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା।

## ଚିକିତ୍ସାରେ ଅର୍ଥ ସାଜିଛି ବାଧକ ସହାୟତା ପ୍ରଦାନ କଲେ ଯୁବ ସମାଜସେବୀ

କୋରେଇ, ୦୭/୦୯ (ନି.ପ୍ର): ଏମିତି ବି ଆସେ ଦୁଃଖ,ଚାଷ କରି ପରିବାର ପ୍ରତିପୋଷଣ କରୁଥିବା ବ୍ୟକ୍ତି ଆଜି ଦୁର୍ଘଟଣା ଯୋଗୁଁ ଯନ୍ତ୍ରଣା ରେ ଜର୍ଜରିତ। ଫଳରେ ଭୋକ ଉପାସରେ କାଳାତିପାତ କରୁଛନ୍ତି ପରିବାର। ଏପରି ଏକ ଦୁଃଖଦ ଘଟଣା ଦେଖିବାକୁ ମିଳିଛି କୋରେଇ ବ୍ଲକ ଅନ୍ତର୍ଗତ ଅମୃତିଆ ପଂଚାୟତର ଜଳନ୍ଦା ଗ୍ରାମରେ। ଜଳନ୍ଦା ଗ୍ରାମରେ ବସବାସ କରନ୍ତି ତ୍ରିଲୋଚନ ମଲ୍ଲିକଙ୍କ ପରିବାର। ତ୍ରିଲୋଚନ ଙ୍କ ପରିବାର କହିଲେ ତ୍ରିଲୋଚନଙ୍କ ପତ୍ନୀ ଏବଂ ଦୁଇଟି ପୁଅ ଝିଅ। ତ୍ରିଲୋଚନ ଚାଷ କରି ଯାହା ରୋଜଗାର କରନ୍ତି ସେଥିରେ ପରିବାର ଚଳିଯାଏ। ଗତ କିଛି ଦିନ ତଳେ ତ୍ରିଲୋଚନ ବିଲରୁ କାମ ସାରି ଘରକୁ ଆସି ଖାଇପିଇ ପରିବାର ସହ ଶୋଇଥିଲେ। ଦୁର୍ଭାଗ୍ୟବଶତଃ ଘରର କାନ୍ଥ ପଡିଯିବାରୁ ତ୍ରିଲୋଚନ ଗୁରୁତର ଭାବେ ଆହତ ହେବା ସହ ତାଙ୍କ ପତ୍ନୀ ଏବଂ ପିଲାମାନେ ମଧ୍ୟ ଆହତ ହୋଇଥିଲେ। ତେବେ ଏନେଇ ସ୍ଥାନୀୟ ପଡୋଶୀ ଏବଂ ଗ୍ରାମବାସୀ ସେମାନଙ୍କୁ ଉଦ୍ଧାର କରି ଚିକିତ୍ସିତ କରାଇଥିଲେ। ବର୍ତ୍ତମାନ ତ୍ରିଲୋଚନଙ୍କ ଅଧିକ ଚିକିତ୍ସା ପାଇଁ ଅର୍ଥ ସାଜିଛି ବାଧକ। ତ୍ରିଲୋଚନ ପରିବାର ର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ହୋଇଥିବା ବେଳେ ଏବେ ତ୍ରିଲୋଚନ ଚଲାବୁଲା କରିବାକୁ ମଧ୍ୟ ଅକ୍ଷମ,ଏଣୁ ତ୍ରିଲୋଚନ ଙ୍କ ପରିବାର ଚଳିବା କଷ୍ଟ। ତେବେ ଏହି ଖବର ପାଇ ପାଣିକୋଇଲି ଅଂଚଳର ଯୁବ ସମାଜସେବୀ ବିକାଶ ଦାଶ ଆଜି ତ୍ରିଲୋଚନଙ୍କ ପରିବାର ନିକଟରେ ପହଂଚି ଚାରିମାସ ର ରାସନ ସାମଗ୍ରୀ ଏବଂ କିଛି ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ଏଥିସହିତ ତ୍ରିଲୋଚନ ଙ୍କ ଅଧିକ ଚିକିତ୍ସା ପାଇଁ ସମସ୍ତ ପ୍ରକାର ର ସହାୟତା ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ତେବେ ତ୍ରିଲୋଚନ ଙ୍କ ଖବର ଗଣମାଧ୍ୟମରେ ପ୍ରକାଶିତ ହୋଇଥିଲେ ମଧ୍ୟ ପ୍ରଶାସନ କିମ୍ବା କୌଣସି ଜନପ୍ରତିନିଧି ତ୍ରିଲୋଚନ ଙ୍କ ପରିବାର ନିକଟରେ ପହଂଚିବା ପୂର୍ବରୁ ଯୁବସମାଜସେବୀ ଶ୍ରୀ ଦାଶ ପହଂଚି ସହାୟତା ପ୍ରଦାନ କରିଥିବାରୁ ଜଳନ୍ଦା ଗ୍ରାମବାସୀ ତଥା ଅମୃତିଆ ପଂଚାୟତ ର ସରପଂଚ ଶ୍ରୀ ଦାଶଙ୍କୁ ବେଶ୍ ପ୍ରଶଂସା କରିଛନ୍ତି।

# କେନ୍ଦୁଝର ଖଣିଜ ପାଣ୍ଠିରେ ଅଷ୍ଟ୍ରେଲିଆର କର୍ଟିନ ବିଶ୍ୱବିଦ୍ୟାଳୟରେ ପାଠ ପଢିବେ ୫ଜଣ ଛାତ୍ରଛାତ୍ରୀ

କେନ୍ଦୁଝର, ୦୭/୦୯ (ନି.ପ୍ର): କେନ୍ଦୁଝର ସରକାରୀ ମାଇନ୍‌ସ ଇଞ୍ଜିନିୟରିଂ କଲେଜର ୫ ଜଣ ଛାତ୍ର ଛାତ୍ରୀ ଉଚ୍ଚ ଶିକ୍ଷା ପାଇଁ ଜିଲ୍ଲା ଖଣିଜ ପ୍ରତିଷ୍ଠାନ ଅର୍ଥରେ ଅଷ୍ଟ୍ରେଲିଆର କର୍ଟିନ ବିଶ୍ୱବିଦ୍ୟାଳୟ ରେ ପାଠ ପଢିବାକୁ ଯାଉଛନ୍ତି । ଏଥିପାଇଁ କର୍ଟିନ ବିଶ୍ୱ ବିଦ୍ୟାଳୟ ସହ ଜିଲ୍ଲା ପ୍ରଶାସନର ବୁଝାମଣା ହୋଇଥିବା ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି । ଏହି ଛାତ୍ର ଛାତ୍ରୀ ମାନେ କେନ୍ଦୁଝର ସରକାରୀ ମାଇନ୍‌ସ ଇଞ୍ଜିନିୟରିଂ କଲେଜରୁ ସଫଳତାର ସହ ବିଟେକ୍ ଶିକ୍ଷା ସମାପ୍ତ କରିବା ପରେ ଏବେ ବିଶ୍ୱର ଅନ୍ୟତମ ସୁନାମଧନ୍ୟ କର୍ଟିନ ବିଶ୍ୱ ବିଦ୍ୟାଳୟରେ ଶିକ୍ଷା ଲାଭ କରିବେ । ଏବଂ ସେମାନଙ୍କର ଯାତାୟତ ଠାରୁ ଅଷ୍ଟ୍ରେଲିଆ ରେ ରହଣୀ ପାଠପଢା ଆଦିର ସମସ୍ତ ଖର୍ଚ୍ଚ ଜିଲ୍ଲା ଖଣିଜ ପାଣ୍ଠି ବହନ କରିବ ବୋଲି ସୂଚନା ମିଳିଛି । ସୋମବାର ଦିନ ଏହି ଛାତ୍ର ଛାତ୍ରୀ ମାନେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ କରିଛନ୍ତି । କେନ୍ଦୁଝରରୁ ଏହି ଛାତ୍ର ଛାତ୍ରୀମାନେ ଅଷ୍ଟ୍ରେଲିଆ କର୍ଟିନ ବିଶ୍ୱ ବିଦ୍ୟାଳୟ ଅଧିନସ୍ଥ ୱେଷ୍ଟ ଅଷ୍ଟ୍ରେଲିଆନ ସ୍କୁଲ ଅଫ ମାଇନ୍ସ , ମିନେରାଲ୍ସ , ଏନର୍ଜି ଏଣ୍ଡ କେମିକାଲ ଇଞ୍ଜିନିୟରିଂ ରେ ଉଚ୍ଚ ଶିକ୍ଷା ଲାଭ କରିବା କଥା ଶୁଣି ମୁଖ୍ୟମନ୍ତ୍ରୀ ଖୁସି ବ୍ୟକ୍ତ କରିବା ସହ ସେମାନଙ୍କୁ ଶୁଭେଚ୍ଛା ଜଣାଇ କଠିନ ପରିଶ୍ରମ କରି ନିଜର କ୍ୟାରିଅର ଲକ୍ଷ୍ୟ ହାସଲ କରିବାକୁ ପରାମର୍ଶ ଦେଇଥିଲେ । କର୍ଟିନ ବିଶ୍ୱ ବିଦ୍ୟଳୟରେ ଅଧ୍ୟୟନ କରିବାକୁ ଚୟନ ହୋଇଥିବା ଏହି ଛାତ୍ର ଛାତ୍ରୀମାନେ ହେଲେ ମନିର୍ଭା ସାହୁ , ଅଦ୍ୱିକ କୁମାର , ଆକିବ ଅହମ୍ମଦ , ଗତିଶ ଶେଖର ନାୟକ ଓ ସରୋଜ କୁମାର ବିଶ୍ୱକର୍ମା । ଏହି ସମସ୍ତ ଛାତ୍ର ଛାତ୍ରୀ ପ୍ରଫେସନାଲ ମାଇନ୍‌ସ ଇଞ୍ଜିନିୟରିଂ ରେ ସ୍ନାତକୋତର ଡିଗ୍ରୀ ହାସଲ କରିବାକୁ ଯାଉଛନ୍ତି । ପର୍ଥ ଏବଂ ପଶ୍ଚିମ ଅଷ୍ଟ୍ରେଲିଆର ଐତିହାସିକ ଖଣି ସହର କଲଗୁର୍ଲାରେ ହୋର କାମ୍ପସ ରହିଛି । ଯେଉଁଠାରେ ଖଣିଜ ଭିତିକ ଗବେଷଣାର ପର୍ଯ୍ୟାପ୍ତ ସୁଯୋଗ ରହିଛି । ବିଶ୍ୱର ବିଭିନ୍ନ ପ୍ରତିଷ୍ଠିତ ଉଦ୍ୟଗ ମାନଙ୍କରେ ଛାତ୍ର ଛାତ୍ରୀ ମାନଙ୍କୁ ନିୟୋଜନ କରିବାରେ ଏହି ସ୍କୁଲର ଭଲ ଟ୍ରାକ ରେକର୍ଡ ମଧ୍ୟ ରହିଛି । ଏହି ବୁଝାମଣାର ଉଦ୍ଦେଶ୍ୟ କେନ୍ଦୁଝର ଜିଲ୍ଲାର ଛାତ୍ରଛାତ୍ରୀ ମାନଙ୍କୁ ବିଶ୍ୱସ୍ତରୀୟ ଶିକ୍ଷା ସୁବିଧା ଯୋଗାଇ ଦେବା ସହ ଜିଲ୍ଲାର ପ୍ରତିଭା ମାନଙ୍କର ପରିପୋଷଣ ବୋଲି କୁହାଯାଇଛି । ଏବଂ ମାଇନ୍‌ସ ଇଞ୍ଜିନିୟରିଂ କ୍ଷେତ୍ରରେ ସେମାନଙ୍କୁ ଅତ୍ୟାଧୁନିକ ଜ୍ଞାନ କୌଶଳ ସପନ୍ନ କରାଇ ସେମାନଙ୍କୁ ଭବିଷ୍ୟତରେ ନିଜ ଅଂଚଳର ବିକାଶ ରେ ନିୟୋଜନ କରାଇବା ସହ ନେତୃତ୍ୱ ନେବାର ସୁଯୋଗ ଦେବା ଜିଲ୍ଲା ପ୍ରଶାସନର ମୂଳ ଲକ୍ଷ୍ୟ ବୋଲି କୁହାଯାଇଛି । ଯାହା କି ଶୈକ୍ଷିକ ସଫଳତା ଓ ଦାୟିତ୍ୱପୂର୍ଣ୍ଣ ମାନବ ସମ୍ବଳ ପରିଚାଳନାର ଏକ ଉଜ୍ୱଳ ଉଦାହରଣ ରୂପେ ସାବ୍ୟସ୍ତ ହେବ । ଛାତ୍ର ଛାତ୍ରୀ ମାନଙ୍କର ନବୀନ ନିବାସରେ ଭେଟକାଟ ସମୟରେ ମୁଖ୍ୟମନ୍ତ୍ରୀଙ୍କ ସହ ତାଙ୍କର ବ୍ୟକ୍ତିଗତ ସଚୀବ ଭିକେ ପାଣ୍ଡିଆନ ଓ କେନ୍ଦୁଝର ଜିଲ୍ଲାପାଳ ଆଶିଷ ଠାକରେ ଉପସ୍ଥିତ ଥିଲେ । ଅନ୍ୟ ପକ୍ଷରେ ଡିଏମଏଫ ର ସହାୟତାରେ ଉଚ୍ଚ ଶିକ୍ଷା ପାଇଁ ଅଷ୍ଟ୍ରେଲିଆ ଯାଉଥିବା ୫ଜଣ ଛାତ୍ରଛାତ୍ରୀଙ୍କୁ କେଉଁ ପ୍ରକ୍ରିୟାରେ ଚୟନ କରାଗଲା ଏବଂ ଏହି ବ୍ୟବସ୍ଥା ପ୍ରତ୍ୟେକ ବର୍ଷ ଲାଗୁ ହେବ କି ନାହିଁ ସେ ସଂପର୍କରେ ଜିଲ୍ଲା ପ୍ରଶାସନ ସ୍ପଷ୍ଟ କରିବାକୁ ମତ ପ୍ରକାଶ ପାଇଥିବା ବେଳେ ଅନୁରୂପ ଭାବେ ଯଦି ପ୍ରତ୍ୟେକ ବର୍ଷ ଏହି ବ୍ୟବସ୍ଥା କାର୍ଯ୍ୟକାରୀ ହେବ ତେବେ କେଉଁ ବର୍ଷ କେଉଁ କେଉଁ ଷ୍ଟ୍ରିମରୁ ତଥା ପାଠ୍ୟକ୍ରମରୁ ଛାତ୍ର ଛାତ୍ରୀ ଚୟନ କରାଯିବ ସେ ସଂପର୍କରେ ବିସ୍ତୃତ ସୂଚନା ପ୍ରଦାନ ନିମନ୍ତ ମତ ପ୍ରକାଶ ପାଇଛି ।ଏଦିଗରେ ପ୍ରଶାସନ ଗୁରୁତ୍ୱ ଦେବା ଆବଶ୍ୟକ ।





# ମାନବ ସମ୍ବଳ ପରିଚାଳନା

ଅନେକ ଗୁଡ଼ିଏ ଜିନିଷ ଅଛି ଯାହାକୁ ଧ୍ୟାନରେ ରଖି ଏକ କମ୍ପାନୀ ଆଗକୁ ବଢ଼ିଥାଏ। ଗୋଟିଏ ପରିବାରରେ ଯେପରି ମାତାପିତାଙ୍କ ସହ ଅନ୍ୟ ସଦସ୍ୟମାନେ ଥାନ୍ତି ସେହିପରି କମ୍ପାନୀରେ କାର୍ଯ୍ୟ କରୁଥିବା କର୍ମଚାରୀମାନେ ଉକ୍ତ କମ୍ପାନୀର ଜଣେ ଜଣେ ସଦସ୍ୟ। ସମସ୍ତଙ୍କର ଗୋଟିଏ ଲକ୍ଷ୍ୟ ଥାଏ ଯେ କମ୍ପାନୀକୁ କିପରି ଆଗକୁ ଅଗ୍ରସର କରାଇ ସଫଳତାର ଶୀର୍ଷରେ ପହଞ୍ଚାଇବେ। ମ୍ୟାନେଜନମେଣ୍ଟ ଦ୍ୱାରା ପ୍ରସ୍ତୁତ ଯୋଜନାର ଅନୁପାଳନ ଏବଂ ସଂସ୍ଥାର ହିତ ସଂକଳ୍ପବଦ୍ଧ କର୍ମଚାରୀଙ୍କ ଦ୍ୱାରା ହିଁ ଏକ କମ୍ପାନୀ ସଫଳତା ପାଇଥାଏ। କମ୍ପାନୀ ବଢ଼ିଲେ କର୍ମଚାରୀଙ୍କ ଉନ୍ନତି ଘଟିଥାଏ। ସେମାନେ ମଧ୍ୟ ଆଗକୁ ବଢ଼ିଥାନ୍ତି। କମ୍ପାନୀର ଅଭିବୃଦ୍ଧିରେ ଦକ୍ଷ' ମାନବ ସମ୍ବଳର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥାଏ। ଦକ୍ଷ କର୍ମଚାରୀଙ୍କୁ ଚୟନ କରିବା ପାଇଁ କମ୍ପାନୀର ଏଚଆର ମ୍ୟାନେଜମେଣ୍ଟ ସିଷ୍ଟମ ମଧ୍ୟ ଭଲ ହୋଇଥିବା ଦରକାର। ପୂର୍ବେ କମ୍ପାନୀଗୁଡ଼ିକରେ ମାନବ ସମ୍ବଳ ପରିଚାଳନା ପାଇଁ ସେଭଳି କୌଣସି ସ୍ୱତନ୍ତ୍ର ବିଭାଗ ନଥିଲା। ଏବେ କିନ୍ତୁ ଏହା କମ୍ପାନୀର ଏକ ପ୍ରମୁଖ ବିଭାଗ ପାଲଟିଛି। ଛୋଟଠାରୁ ବଡ଼ ଯାଏ ସମସ୍ତ କମ୍ପାନୀରେ ଏଚଆର ମ୍ୟାନେଜରମାନଙ୍କୁ ନିଯୁକ୍ତ କରାଯାଉଛି। ଏଚଆର ବିଭାଗର କାର୍ଯ୍ୟ ପରିସର ମଧ୍ୟ ବ୍ୟାପକ। ମ୍ୟାନପାୱାର ପ୍ଲାନିଂ ଠାରୁ ଆରମ୍ଭ କରି ନିଯୁକ୍ତ ଏବଂ ତାଲିମ ପ୍ରକ୍ରିୟା, ପ୍ଲେସମେଣ୍ଟ ଆପ୍ରାଇଜାଲ, ଲିଭ୍ ରେକର୍ଡ୍, ଦରମା, କର୍ମଚାରୀଙ୍କ ଅନ୍ୟାନ୍ୟ ରିଟର୍ନ ଯେପରି ଇପିଏଫ, ଇଏସଆଇ, ମେଡ଼ିକାଲ, ବୋନସ, ଏଲଟିଏ ତଥା ଅନ୍ୟାନ୍ୟ ସୁବିଧା ଏଚଆର୍ ବିଭାଗର କାର୍ଯ୍ୟ ପରିସରଭୁକ୍ତ। ଯଦି କମ୍ପାନୀ ବଡ଼ ହୋଇଥାଏ ତା'ହେଲେ ଏହାର କର୍ମଚାରୀ ସଂଘର ଦାବି, ଅଭିଯୋଗ ଏବଂ ଅନ୍ୟାନ୍ୟ ସମସ୍ୟାର ସମାଧାନ ଏହି ଏଚଆର ବିଭାଗ କରିଥାଏ। କର୍ମଚାରୀଙ୍କୁ ଉପଯୁକ୍ତ କାର୍ଯ୍ୟରେ ନିୟୋଜିତ କରିବା, ସେମାନେ ଯେପରି କାର୍ଯ୍ୟରେ ସନ୍ତୁଷ୍ଟି ପାଇବେ, ସେମାନଙ୍କ ପଦୋନ୍ନତି, ତାଲିମ ଏବଂ ବିକାଶ ଆଦି ଦେଖିବା ହେଉଛି ଉକ୍ତ ବିଭାଗର କାର୍ଯ୍ୟ। ସମ୍ପ୍ରତି କମ୍ପାନୀଗୁଡ଼ିକ ମଧ୍ୟରେ ଦକ୍ଷ ମାନବସମ୍ବଳ ପାଇବା ପାଇଁ ପ୍ରତିଯୋଗିତା ଚାଲିଛି। ଯେଉଁ କମ୍ପାନୀ ଦକ୍ଷତାସମ୍ପନ୍ନ କର୍ମଚାରୀଙ୍କୁ ଆକୃଷ୍ଟ କରିପାରିଲା ତାହା ଆଗକୁ ବଢ଼ିପାରୁଛି। ଏଥିପାଇଁ ମାନବସମ୍ବଳ ପରିଚାଳନା ବିଭାଗ ଉନ୍ନତ ହୋଇଥିବା ଦରକାର। ତେବେ ଏକ ଶ୍ରେଷ୍ଠ ମାନବସମ୍ବଳ ବିଭାଗର ଦାୟିତ୍ୱ କ'ଣ ରହିବା ଦରକାର ତାହା ଆଜିର ବିଷୟବସ୍ତୁ।

- କମ୍ପାନୀର ବ୍ୟବସାୟିକ ଲକ୍ଷ୍ୟ, ଉତ୍ପାଦନ ଲକ୍ଷ୍ୟ, ପ୍ଲାଣ୍ଟ ମେଣ୍ଟେନାନ୍ସ, ସେଲ୍ସ, ମାର୍କେଟିଂ ଏବଂ ଡିଷ୍ଟ୍ରିବ୍ୟୁଶନ୍ ନେଟୱର୍କ ମାଧ୍ୟମରେ ପ୍ରଡ଼କ୍ଟ ପ୍ରମୋଶନ ଆଦି କାର୍ଯ୍ୟକୁ ଦୃଷ୍ଟିରେ ରଖି ମ୍ୟାନପାୱାର ପ୍ଲାନିଂ କରିବା ଏଚଆର ବିଭାଗର ପ୍ରଥମ କାର୍ଯ୍ୟ।








- କମ୍ପାନୀର ଅଭିବୃଦ୍ଧି ଓ ସ୍ଥାୟିତ୍ୱ ଦକ୍ଷ ଏବଂ ଉପଯୁକ୍ତ ମାନବସମ୍ବଳ ଦ୍ୱାରା ହିଁ ସମ୍ଭବ ହୋଇଥାଏ। ଏହାଦ୍ୱାରା ହିଁ କମ୍ପାନୀର ଲକ୍ଷ୍ୟ ପୂରଣ ହୋଇଥାଏ। ଦକ୍ଷ ମାନବସମ୍ବଳ ଚୟନରେ ସାମାନ୍ୟ ଭୁଲ କମ୍ପାନୀକୁ ନିମ୍ନମୁଖୀ କରିଥାଏ। ଏଣୁ ଏକ ଶ୍ରେଷ୍ଠ ଏଚଆର ବିଭାଗର ଗୁରୁଦାୟିତ୍ୱ ହେଉଛି ଦକ୍ଷ କର୍ମଚାରୀଙ୍କୁ ଚୟନ କରିବା। ଏଥିରେ ଯେପରି କୌଣସି ପ୍ରକାର ଭୁଲ୍ ନହୁଏ ତାହା ଉପରେ ଯଥେଷ୍ଟ ଦୃଷ୍ଟି ଦେବା ଦରକାର। ଯଦି ଏଚଆର ଟିମରେ ଅନୁଭବୀ ଏବଂ ଅଭିଜ୍ଞ ବ୍ୟକ୍ତିଥିବେ ତା'ହେଲେ ଏହା ସମ୍ଭବ ହେବ।

- ଏବେ ଅନେକ ରିକ୍ରୁଟମେଣ୍ଟ ଏଜେନ୍ସି କାର୍ଯ୍ୟ କରୁଛନ୍ତି, ଯେଉଁମାନେ କମ୍ପାନୀକୁ ନିଯୁକ୍ତି ପ୍ରକ୍ରିୟାରେ ସାହାଯ୍ୟ କରୁଛନ୍ତି। ଫଳରେ ଏଚଆର ବିଭାଗର ବହୁ ମୂଲ୍ୟବାନ ସମୟ ବଂଚିଯାଉଛି। କମ୍ପାନୀର ଗାଇଡ୍‌ଲାଇନକୁ ଦୃଷ୍ଟିରେ ରଖି ଏହି ଏଜେନ୍ସିଗୁଡ଼ିକ କେତେକ ପ୍ରାର୍ଥୀଙ୍କରୀ ସଂକ୍ଷିପ୍ତ ତାଲିକା ବନାଉଛନ୍ତି। ଏହାପରେ କମ୍ପାନୀର ଏଚଆର ବିଭାଗର କାର୍ଯ୍ୟ ଆରମ୍ଭ ହୁଏ। ବଛା ଯାଇଥିବା ପିଲାମାନଙ୍କୁ ରିଟିନ୍ ଟେଷ୍ଟ, ଜିଡ଼ି, ପିଆଇ ଏବଂ ଏଚଆର ରାଉଣ୍ଡ ପାଇଁ ଡକାଯାଇଥାଏ। ଏହି ଷ୍ଟେଜ ଗୁଡ଼ିକରେ ସଫଳ ହେଉଥିବା ପ୍ରାର୍ଥୀଙ୍କୁ ଏଚଆର ବିଭାଗ ଅଫର ଲେଟର ପ୍ରଦାନ କରିଥାଏ। ପିଲାମାନଙ୍କୁ ଭଲ ଭାବେ ପରଖିବା ପରେ ହିଁ ସେମାନଙ୍କୁ କମ୍ପାନୀ ଚୟନ କରିଥାଏ। ଏଥିରେ ସାମାନ୍ୟ ତ୍ରୁଟି ହେଲେ କମ୍ପାନୀର ଅଭିବୃଦ୍ଧି ବାଧାପ୍ରାପ୍ତ ହୋଇଥାଏ।

- କମ୍ପାନୀଠାରୁ ଅଫର ଲେଟର ପାଇବା ପରେ ନିଯୁକ୍ତି ଆଶାୟୀଙ୍କୁ ଆପଏଣ୍ଟମେଣ୍ଟ ଲେଟର ଦିଆଯାଏ। ପ୍ରତ୍ୟେକ କମ୍ପାନୀର ନିଜସ୍ୱ ସର୍ତ୍ତାବଳୀ, କାର୍ଯ୍ୟଶୈଳୀ ଏବଂ ନୀତି ନିୟମ ରହିଥାଏ। ନୂଆ ପିଲାମାନଙ୍କୁ ନିଯୁକ୍ତି ଦେବା ପରେ ଏଚଆର ବିଭାଗର କାର୍ଯ୍ୟ ହେଉଛି ଏମାନଙ୍କୁ ସବୁ ନେଇ ଅବଗତ କରିବା।

- ଏହା ପରେ ଆରମ୍ଭ ହୁଏ ଓରିଏଣ୍ଟେସନ ପ୍ରୋଗ୍ରାମ ବା ଇଣ୍ଡକଶନ ପ୍ରୋଗ୍ରାମ, ଯାହାକୁ ପରିଚାଳନା କରନ୍ତି ଏଚଆର ମ୍ୟାନେଜର। ଏଥିରେ ଏଚଆର ମ୍ୟାନେଜର ନୂଆ କର୍ମଚାରୀଙ୍କ ହାବଭାବକୁ ଅନୁଧ୍ୟାନ କରିଥାନ୍ତି। ଫଳରେ ନୂଆ କର୍ମଚାରୀଙ୍କୁ ନେଇ ତାଙ୍କର ସ୍ଥୂଳ ଧାରଣା ଆସିଥାଏ। ଆପ୍ରାଇଜାଲ ବେଳେ ଏହା ସହାୟକ ହୋଇଥାଏ। ପ୍ରୋଫାଇଲ ଆନାଲିସିସ୍ ଭାବେ ଏହାକୁ ଗଣନା କରାଯାଏ।

- ଓରିଏଣ୍ଟେଶନ/ଇଣ୍ଡକ୍ଶନ ପ୍ରେୟାଗ୍ରାମ ସରିବା ପରେ ନୂଆ କର୍ମଚାରୀଙ୍କୁ ସେବା ଏବଂ ଉତ୍ପାଦ ଉପରେ ତାଲିମ ପ୍ରଦାନ କରାଯାଇଥାଏ। ଏହା ସପ୍ତାହବ୍ୟାପୀ କିମ୍ବା ମାସେ ପର୍ଯ୍ୟନ୍ତ ହୋଇପାରେ। ଟ୍ରେନିଂ ପ୍ରୋଗ୍ରାମ ସରିବା ପରେ କାର୍ଯ୍ୟ ସମ୍ଭାଳିବା ପାଇଁ ପ୍ରାର୍ଥୀ ସମ୍ପୂର୍ଣ୍ଣ ରୂପେ ପ୍ରସ୍ତୁତ କି ନୁହେଁ ସେଥିପାଇଁ ଏକ ପରୀକ୍ଷା କରାଯାଇଥାଏ। ସଫଳ କର୍ମଚାରୀଙ୍କୁ ଫିଲଡ ଟ୍ରେନିଂରେ ପଠାଯାଏ। ସେଠାରେ ଜଣେ ବରିଷ୍ଠ କର୍ମଚାରୀଙ୍କ ଅଧିନରେ ତାଙ୍କୁ କାର୍ଯ୍ୟ କରିବାକୁ କୁହାଯାଇଥାଏ। ପ୍ରାର୍ଥୀଙ୍କୁ ମାପିବା ପାଇଁ ଫିଲଡ ଟ୍ରେନିଂର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସେମାନେ କିପରି କାର୍ଯ୍ୟ କରୁଛନ୍ତି ତାହାକୁ ନେଇ ଉକ୍ତ ବରିଷ୍ଠ କର୍ମଚାରୀଙ୍କ ଠାରୁ ଫିଡବ୍ୟାକ ଗ୍ରହଣ କରିବା ହେଉଛି ଏଚଆର ବିଭାଗର କାର୍ଯ୍ୟ।



- ଆପ୍ରାଇଜାଲ/ଆସେସମେଣ୍ଟ ପ୍ରକ୍ରିୟା ଦ୍ୱାରା କର୍ମଚାରୀଙ୍କ ପ୍ରଦର୍ଶନକୁ ମପାଯାଇଥାଏ। ଏହି କାର୍ଯ୍ୟ ହେଉଛି ଏଚଆର ବିଭାଗର। କର୍ମଚାରୀଙ୍କ ଉତ୍ପାଦିକତା ହେଉ କିମ୍ବା ଅନ୍ୟ ସହକର୍ମୀଙ୍କ ସହ ତାଙ୍କର ଆଇପିଆର (ଇଣ୍ଟର ପର୍ସନାଲ ରିଲେଶନଶିପ) ଏସବୁକୁ ଉକ୍ତ ବିଭାଗ ପ୍ରତି ସ୍ତରରେ ପରଖିଥାଏ।

- ଜଣେ କର୍ମଚାରୀଙ୍କ ପ୍ରଦର୍ଶନ କମ୍ପାନୀ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଦକ୍ଷତା ଅନୁଯାୟୀ କର୍ମଚାରୀମାନଙ୍କୁ ଯେପରି ଉପଯୁକ୍ତ ସ୍ଥାନରେ ଅବସ୍ଥାପିତ କରାଯିବ ଏବଂ ଅଭିଜ୍ଞତା ଓ ଉତ୍ପାଦିକତା ଦୃଷ୍ଟିରୁ ସେମାନଙ୍କୁ ବେତନ ପ୍ରଦାନ କରାଯିବ ତାହାକୁ ଦେଖି ଏଚଆର ବିଭାଗର ଦାୟିତ୍ୱ। ଠିକ୍ ଜାଗାରେ ଅବସ୍ଥାପିତ କରାଯାଇ ଉତ୍ତମ ବେତନ ପ୍ରଦାନ କରାଗଲେ ଜଣେ କର୍ମଚାରୀଙ୍କ ପ୍ରଦର୍ଶନ ଆପେ ଆପେ ଭଲ ହେବ। ଜଣେ କର୍ମଚାରୀ କାର୍ଯ୍ୟରେ କେତେ ସକ୍ରିୟ, କମ୍ପାନୀ ତଥା ମ୍ୟାନେଜମେଣ୍ଟ ପ୍ରତି ତାଙ୍କର କେତେ ସମ୍ମାନ ଅଛି, କମ୍ପାନୀର ଉତ୍ପାଦ ଏବଂ ସେବା ଉପରେ ତାଙ୍କର ଜ୍ଞାନ କିପରି ରହିଛି ଏଗୁଡ଼ିକୁ ଏଚଆର ବିଭାଗ ତର୍ଜମା କରିବା ଦରଦକାର। ଏହାକୁ ଭଲ ଭାବେ ତର୍ଜମା କରିବା ପରେ ହିଁ ଜଣେ କର୍ମଚାରୀଙ୍କୁ ର୍‍ୟାଙ୍କିଙ୍ଗ ଦିଆଯାଏ ଏବଂ ସେହି ଅନୁସାରେ ତାଙ୍କୁ ପଦୋନ୍ନତି ମିଳିଥାଏ।

- ଏକ ଉପଯୁକ୍ତ ଏଚଆର ସିଷ୍ଟମ କର୍ମଚାରୀଙ୍କ କାର୍ଯ୍ୟ ପ୍ରଦର୍ଶନକୁ ମାସିକ, ତ୍ରୈମାସିକ, ଅର୍ଦ୍ଧବାର୍ଷିକ ଏବଂ ବାର୍ଷିକ ଭିତ୍ତିରେ ତର୍ଜମା କରିଥାଏ। ନିଯୁକ୍ତି ପତ୍ରରେ ଉଲ୍ଲେଖ କରାଯାଇଥିବା ବେତନ ଅନୁସାରେ କିପରି କର୍ମଚାରୀଙ୍କୁ ଦରମା ମିଳିବ ତାହାକୁ ଦେବା ଏବଆର ବିଭାଗର କାର୍ଯ୍ୟ। କର୍ମଚାରୀଙ୍କ ପ୍ରଦର୍ଶନ ରିପୋର୍ଟକୁ ଭିତ୍ତିକରି ନିୟମିତ ବ୍ୟବଧାନରେ ଦରମା ସଂଶୋଧନ କରିବା ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ରିପୋଟିଂ ମ୍ୟାନେଜରଙ୍କ ଦ୍ୱାରା ଏହି ରିପୋର୍ଟ ପ୍ରସ୍ତୁତ ହୋଇଥାଏ। ଏହାର ଭେରିଫିକେଶନ କରନ୍ତି ଏଚଆର ମ୍ୟାନେଜର। ଏହାକୁ ଠିକ୍ ଭାବେ ପରଖିବା ନିତାନ୍ତ ଦରକାର।

- କୌଣସି କମ୍ପାନୀର କର୍ମଚାରୀଙ୍କ ନିଯୁକ୍ତି ଏବଂ ଇସ୍ତଫା ନିୟମିତ ବ୍ୟାପାର। ପୁରୁଣା କର୍ମଚାରୀ ଭଲ ବିକଳ୍ପ ପାଇବା ପରେ କମ୍ପାନୀ ଛାଡ଼ିବା ପାଇଁ ନିଷ୍ପତ୍ତି ନେଇଥାନ୍ତି। କେତେକ କ୍ଷେତ୍ରରେ କର୍ମଚାରୀଙ୍କ ଦୁର୍ବଳ ପ୍ରଦର୍ଶନ ଯୋଗୁ ତାଙ୍କୁ କାର୍ଯ୍ୟରୁ ନିବୃତ୍ତ କରାଯାଏ। କାରଣ ଯାହା ବି ଥାଏ ଜଣେ କର୍ମଚାରୀ କମ୍ପାନୀରୁ ସମ୍ମାନର ସହ ଯେପରି ବାହାରିବେ ତାହା ଜଣେ ଏଚଆର ମ୍ୟାନେଜର ଦେଖିବା ଉଚିତ।

- ଜଣେ କର୍ମଚାରୀ କମ୍ପାନୀରୁ ବାହାରିଯିବା ପରେ ତାଙ୍କ ସ୍ଥାନରେ ଉପଯୁକ୍ତ ବ୍ୟକ୍ତିଙ୍କୁ ନିୟୋଜିତ କରିବା ମଧ୍ୟ ଏଚଆର ବିଭାଗର ଗୁରୁ ଦାୟିତ୍ୱ।

କମ୍ପାନୀର ବ୍ରାଣ୍ଡ ପ୍ରସାର କ୍ଷେତ୍ରରେ କର୍ମଚାରୀଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଉପଯୁକ୍ତ କର୍ମଚାରୀଙ୍କୁ ଚୟନ କରିବାର ଗୁରୁଦାୟିତ୍ୱ ଏଚଆର ବିଭାଗ ନିକଟରେ ରହିଥିବାରୁ ଏହି କାର୍ଯ୍ୟକୁ ବିଭାଗ ଠିକ୍ ଭାବେ ସମ୍ପାଦନ କରିପାରିଲେ କମ୍ପାନୀକୁ ଅଭିବୃଦ୍ଧି ଆଡ଼କୁ ଅଗ୍ରସର ହେବାରେ କେହି ଅଟକାଇ ପାରିବ ନାହିଁ। ଏହା ଦ୍ୱାରା କମ୍ପାନୀ ଏବଂ କର୍ମଚାରୀ ଉଭୟ ଉପକୃତ ହୋଇପାରିବେ।

# ପାଳଙ୍ଗ




ସବୁଜ ପନିପରିବାର ହେଉ ବା ଶାଗ, ଭିଟାମିନ 'ଏ'ରେ ଭରପୂରଥାଏ। ଏହା ଆଖିକୁ ସୁସ୍ଥ ରଖିଥାଏ। ପାଳଙ୍ଗ ଏହାମଧ୍ୟରେ ଅନ୍ୟତମ। ଶରୀରରେ ହିମୋଗ୍ଲୋବିନ ବଢ଼ାଇବାରେ ପାଳଙ୍ଗର ଭୂମିକା ଅନନ୍ୟ। ଏହାବାଦ ଏହାର ଆହୁରି ଅନେକ ଔଷଧୀୟ ଗୁଣ ରହିଛି। ପାଳଙ୍ଗ ଶାଗ ଖାଇବା ପୂର୍ବରୁ ତାକୁ ଭଲ ଭାବେ ଧୋଇବାକୁ ଆଦୌ ଭୁଲନ୍ତୁ ନାହିଁ। ବିଭିନ୍ନ ପୋଷାକତତ୍ତ୍ୱରେ ଭରପୁର ପାଳଙ୍ଗ। ଏଥିରେ ଥିବା କ୍ୟାଲସିୟମ ହାଡ଼କୁ ମଜଭୁତ କରିଥାଏ। ପାଳଙ୍ଗରୁ ମିଳିଥିବା ଭିଟାମିନ-ଏ ଏବଂ ସି, ଫାଇବର, ଫୋଲିକ ଏସିଡ଼ ଏବଂ ମ୍ୟାଗ୍ନେସିୟମ ଦୂରେଇ ରଖିବାରେ ସହାୟତା କରେ। ହୃଦରୋଗରେ ଆଶଙ୍କା ହ୍ରାସ କରେ। ସାଧାରଣତଃ ସ୍ମୃତିଶକ୍ତିର ହ୍ରାସ ଘଟୁଥିଲେ ନିୟମିତ ପାଳଙ୍ଗ ଖାଆନ୍ତୁ। ଓଜନ ହ୍ରାସ କରାଇବାକୁ ଚାହୁଁଥିବା ବ୍ୟକ୍ତି ଏହାକୁ ନିୟମିତ ଖାଇ ପାରିବେ। ପାଳଙ୍ଗରେ କ୍ୟାଲୋରି କମ ଏବଂ ପୋଷକତତ୍ତ୍ୱ ଅଧିକ ମାତ୍ରାରେ ଥାଏ। ଆଣ୍ଟିଅକ୍ସିଡାଣ୍ଟର କାମ କରିଥାଏ ଏଥିରେ ଥିବା ଫ୍ଲୋବୋନୋଇଡସ। ଏହା ରୋଗ ପ୍ରତିରୋଧୀ କ୍ଷମତା ବୃଦ୍ଧି କରାଇବା ସହ ହୃଦୟ ସମ୍ବନ୍ଧିତ ରୋଗଠାରୁ ମଧ୍ୟ ଦୂରେଇ ରଖେ। ପାଳଙ୍ଗକୁ ଭଲ ଭାବେ କାଟି ତାକୁ ସାଲାଡ଼ ସହ ଖାଇ ପାରିବେ। ଏହାକୁ ଆପଣ ସୁପରେ ପକାଇ ମଧ୍ୟ ପିଇ ପାରିବେ। ପାଳଙ୍ଗ ଏବଂ ରସୁଣର ଭୁଜିଆ ପ୍ରସ୍ତୁତ କରି



ମଧ୍ୟ ଖାଇ ପାରିବେ। ଏହା ବେଶ୍ ସ୍ୱାଦିଷ୍ଟ। ପ୍ରତିଦିନ ସାଲାଡ଼ ସହ ଏହାକୁ ସେବନ କରିବା ଦ୍ୱାରା ପାଚନତତ୍ତ୍ୱ ସୁସ୍ଥ ରହେ। ଏଥିରୁ ମିଳୁଥିବା ବିଟା କେରୋଟିନ ଏବଂ ଭିଟାମିନ-ସି ଡିଏନଏ କ୍ଷୟରୁ ରକ୍ଷା କରିଥାଏ। ଆହୁରି ମଧ୍ୟ ଶରୀରର ବିଭିନ୍ନ ଗଣ୍ଠି ସ୍ଥାନଗଉଡ଼ିକରେ ଦେଖାଯାଉଥିବା ରୋଗ ଯଥା ଅର୍ଥାରାଟିସ, ଅଷ୍ଟିଓପୋରୋସିସର ସମ୍ଭାବନାକୁ ହ୍ରାସ କରିଥାଏ। ଏବେ ଜାଣନ୍ତୁ ଏହାର ଆଉ କିଛି ଔଷଧୀୟ ଗୁଣ ସମ୍ବନ୍ଧରେ।

ପଥୁରୀ ରୋଗ ଦୂର ପାଇଁ ଆପଣ ସମାନ ମାତ୍ରାରେ ପଇଡ଼ ପାଣି ସହ ତାଜା ପାଳଙ୍ଗର ରସ ମିଶାଇ ପିଇବା ଦ୍ୱାରା ଏହି ରୋଗ ଦୂରହୁଏ।

ତାଜା ତାଜା ପାଳଙ୍ଗ ରସକୁ ସକାଳେ ଏବଂ ସନ୍ଧ୍ୟାରେ ପିଇବା ଦ୍ୱାରା ଶ୍ୱାସ ସମ୍ବନ୍ଧୀୟ ବିଭିନ୍ନ ରୋଗ ଦୂରହୁଏ।

ଚୋପାଯୁକ୍ତ ମୁଗଡାଲି ଆପଣ ନିଶ୍ଚୟ ଖାଇଥିବେ। ଏହି ଡାଲି ପ୍ରସ୍ତୁତି ବେଳେ ଆପଣ ପାଳଙ୍ଗ ଶାଗ ମିଶାଇ ରୋଷେଇ କରି ତାକୁ ଜଣ୍ଡିସ ବା କାମଳ ରୋଗରେ ପୀଡ଼ିତ ବ୍ୟକ୍ତିଙ୍କୁ ଖାଇବାକୁ ଦିଅନ୍ତୁ। ଏହାର ଉପକାରିତା ଜାଣିପାରିବେ।

- ନିମ୍ନ ରକ୍ତଚାପ ହେଉ ବା ଉଚ୍ଚ ରକ୍ତଚାପ ଏଥିରୁ ରକ୍ଷା କରିଥାଏ ପାଳଙ୍ଗ। ଏହାକୁ ରୋଷେଇ କରି ଖାଆନ୍ତୁ ବା ଏହାର ଜୁସ ପିଅନ୍ତୁ କିମ୍ବା ପ୍ରତିଦିନ ସକାଳେ ଛ' ସାତଟି ପତ୍ର ଖାଇବା ଦ୍ୱାରା ଶରୀର ସୁସ୍ଥ ରହେ। ଆଖିର ସମସ୍ୟାଦୂରହୁଏ। କେଶ ଝଡ଼ିବା, କେଶପାଚିବାଠାରୁ ରକ୍ଷା ମିଳିଥାଏ।

ରକ୍ତହୀନତା ଭେକାଗୁଥିବା ବ୍ୟକ୍ତି ନିୟମିତ ପାଳଙ୍ଗ ଖାଆନ୍ତୁ। ଏହା ରକ୍ତହୀନତା ଦୂରକରେ। ସେହିପରି ରକ୍ତ ପରିଷ୍କାର ରଖିବା ପାଇଁ ମଧ୍ୟ ଆପଣ ନିୟମିତ ପାଳଙ୍ଗ ରସ ପିଅନ୍ତୁ।

ଆପଣଙ୍କ ଦାନ୍ତରେ କିଛି ସମସ୍ୟା ଥିଲେ ସକାଳୁ ଉଠି କୁଳୁକୁଞ୍ଚା ନକରି ପାଳଙ୍ଗ ରସ ପିଅନ୍ତୁ। ଏହାଦ୍ୱାରା ବାସି ଲାଳ ପେଟକୁ ଯାଇଥାଏ। ଏହାଦ୍ୱାରା ପେଟ ଠିକ ରହେ, ଆଉ ଦାନ୍ତ ବି ସୁସ୍ଥ ରହେ।

ଘିଅ ଦେଇ ରୁଟି ଏବଂ ପାଳଙ୍ଗର ତରକାରି କରି ଖାଇବା ଦ୍ୱାରା ଓଜନ ବଢ଼ିଥାଏ। ତେବେ ଏଥିପାଇଁ ଆପଣ ନିୟମିତ ବ୍ୟାୟାମ କରିବା ଆବଶ୍ୟକ।

ତେବେ ପାଳଙ୍ଗର ଅନେକ ଉପାକରୀ ଗୁଣ ସାତ୍ତ୍ୱେ ଏହାକୁମାତ୍ରାଧିକ ଖାଇବା ଉଚିତ ନୁହେଁ। ଯେମିତିକି, ଅନ୍ୟ କୌଣସି ଫାଇବରଯୁକ୍ତ ଖାଦ୍ୟ ସହ ପାଳଙ୍ଗ ଖାଇବା ଅନୁଚିତ। ଏହାଦ୍ୱାରା ଶରୀରରେ ଫାଇବରର ମାତ୍ରା ବଢ଼େ। ଜ୍ୱର, ମୁଣ୍ଡବିନ୍ଧା, ଡାଇରିଆ ବି ହୋଇପାରେ। ଆଣ୍ଠୁଗଣ୍ଠି, ବାତରେ ଅଧିକ ପାଳଙ୍ଗ ଖାଇବା ଉଚିତ ନୁହେଁ। ପାଳଙ୍ଗର ଅତ୍ୟୁଧିକ ସେବନ ମଧ୍ୟ ଏଲର୍ଜିକ କରିଥାଏ। ତେଣଉ ଅତ୍ୟଧିକ ନୁହେଁ ଉପଯୁକ୍ତ ମାତ୍ରାରେ ପାଳଙ୍ଗ ଖାଇବା ଦ୍ୱାରା ଉପକାର ମିଳିଥାଏ।



# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୮ ସେପ୍ଟେମ୍ବର ୨୦୨୩, ଶୁକ୍ରବାର


## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଜି-୨୦ ଓ ଜିନ୍‌ପିଙ୍ଗ୍‌ଙ୍କ ହାଜିରା...

ଏକଥା ସରକାରୀ ଭାବରେ ଘୋଷିତ । ଚଳିତ ସପ୍ତାହର ଶେଷ ବେଳକୁ ନୂଆଦିଲ୍ଲୀଠାରେ ଅନୁଷ୍ଠିତ ହେବାକୁ ଯାଉଥିବା ଜି-୨୦ ବୈଠକରେ ଚୀନ୍‌ର ରାଷ୍ଟ୍ରପତି ଜି ଜିନପିଙ୍ଗ୍ ଯୋଗ ଦେବେନାହିଁ ଏବଂ ଏହି ବୈଠକରେ ଚୀନ୍ ପକ୍ଷରୁ ପ୍ରତିନିଧି ଭାବରେ ଯୋଗ ଦେବେ ପ୍ରଧାନମନ୍ତ୍ରୀ ଲି କିଆଙ୍ଗ୍ । ଏକ ଆନ୍ତର୍ଜାତିକ ସମ୍ମିଳନୀରେ ଯୋଗ ଦେବା ବା ନଦେବା ସମ୍ପୂର୍ଣ୍ଣ ଭାବରେ ଏକ ରାଷ୍ଟ୍ରର ନିଜ ପସନ୍ଦ ଓ ଇଚ୍ଛାର କଥା। ଏହା ସେହି ରାଷ୍ଟ୍ରର ଅନେକଗୁଡ଼ିଏ ଭୂରାଜନୀତିକ, କୌଶଳପୂର୍ଣ୍ଣ, ଆଭ୍ୟନ୍ତରୀଣ ଏବଂ ସହଯୋଗ ମନୋବୃତ୍ତି ଭଳି କାରଣଗୁଡ଼ିକ ଦ୍ୱାରା ନିର୍ଦ୍ଧାରିତ ହୋଇଥାଏ । କିନ୍ତୁ ଜି-୨୦ ସମ୍ମିଳନୀରେ ଯୋଗ ଦେବାକୁ ଏଡ଼ାଇ ଯିବା ପାଇଁ ଜିନ୍‌ପିଙ୍ଗ୍‌ଙ୍କର ନିଷ୍ପତ୍ତି ନେବା ତାଙ୍କର ଗର୍ବ ଓ ଅଭିମାନରୁ ଜାତ ହୋଇଥିବା ଜଣାପଡ଼େ, ନିର୍ଦ୍ଦିଷ୍ଟ ଭାବରେ ତାଙ୍କର ଉଦ୍ଦେଶ୍ୟ- ଯେ ପର୍ଯ୍ୟନ୍ତ ଚୀନ୍ ତା'ର ନିଜସ୍ୱ ନୀତି ପ୍ରସ୍ତୁତ କରି ସେଇ ଅନୁସାରେ ଅନ୍ୟମାନଙ୍କୁ ତା' ଇସାରାରେ ନଚାଇ ନାହିଁ, ସେ ପର୍ଯ୍ୟନ୍ତ ଆନ୍ତର୍ଜାତିକ ସ୍ତରର ସହଯୋଗ କ୍ଷେତ୍ରରେ ଯୋଗଦାନ କରିବା ନିମନ୍ତେ ବେଖାତିର ଭାବ ପ୍ରଦର୍ଶନ କରିବା, ଏବଂ ସମଗ୍ର ବିଶ୍ୱରେ ଭାରତର ଭାବମୂର୍ତ୍ତି ଓ ସ୍ଥିତିକୁ ନେଇ ଏହାର ଅସହିଷ୍ଣୁତା ସମ୍ପର୍କରେ ଏହା ସୂଚାଇ ଥାଏ । ସୂଚାଇ ଦିଆଯାଇପାରେ କି, ପ୍ରଥମ ଥର ପାଇଁ ଜି-୨୦ ବୈଠକରେ ଜିନ୍‌ପିଙ୍ଗ୍ ଯୋଗ ଦେଉ ନାହାନ୍ତି । କେତେକଙ୍କ ମତରେ, ଉପରୋକ୍ତ ବୈଠକରେ ଜିନ୍‌ପିଙ୍ଗ୍‌ଙ୍କ ଅନୁପସ୍ଥିତ ରହିବା ଭାରତୀୟ କୂଟନୀତିର ଦୁର୍ବଳ ଦିଗକୁ ପ୍ରତିଫଳିତ କରୁଛି । କିନ୍ତୁ ସେମାନେ ଜାଣି ରଖିବା ଉଚିତ ଯେ ଏହା ସମ୍ପୂର୍ଣ୍ଣ ଭାବରେ ଠିକ୍ ନୁହେଁ । ଚୀନ୍‌ର ଆକ୍ରମଣାତ୍ମକ ଆଭିମୁଖ୍ୟର ଗ୍ରହୀତା ପକ୍ଷରେ ରହିଥିଲେ ସୁଦ୍ଧା ଏଯାବତ୍ ଭାରତ ନିରନ୍ତର ଭାବରେ ଏହା ସହିତ ସମ୍ପର୍କ ରକ୍ଷା କରିବାରେ ସ୍ଥିରତା ପ୍ରଦର୍ଶନ କରି ଆସିଛି ଏବଂ ସର୍ବ ସମ୍ମୁଖରେ ସେଇ ଗୋଟିଏ କଥା କହି ଆସୁଛି ଯେ ସୀମାରେ ଶାନ୍ତି ଏବଂ ସ୍ଥିରତା ଫେରି ଆସିଲେ ଏହି ରାଷ୍ଟ୍ର ସହିତ ଭାରତର ଦ୍ୱିପାକ୍ଷିକ ସମ୍ପର୍କ ସ୍ୱାଭାବିକ ହୋଇ ପାରିବ । ଆଉ ଏଥିପାଇଁ ନୂଆଦିଲ୍ଲୀ ମଧ୍ୟ ବେଜିଂ ସହିତ ଭାବ ବିନିମୟ କରିବାର ସମସ୍ତ ଦ୍ୱାରକୁ ଉନ୍ମୁକ୍ତ ରଖି ନିଜର ଉଦାରତାକୁ ପ୍ରଦର୍ଶନ କରି ଆସିଛି । କେବଳ ଏତିକି ନୁହେଁ, ଏ ଦିଗରେ ଆଉ ପାଦେ ଆଗକୁ ଯାଇ ଭାରତ ଚୀନ୍ ସହିତ ବିଭିନ୍ନ ସ୍ତରରେ କୂଟନୀତିକ ଆଲୋଚନାକୁ ଜାରି ରଖିଛି, ଯେପରି ଗତ ବର୍ଷ ବାଲିଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜିନ୍‌ପିଙ୍ଗ୍‌ଙ୍କ ସହିତ ଏକ ସଂକ୍ଷିପ୍ତ ଆଲୋଚନା କରିଥିଲେ ଏବଂ ଏଇ ମାତ୍ର ଗତ ମାସରେ ଜୋହାନେସ୍‌ବର୍ଗଠାରେ ମଧ ଦୁଇ ନେତାଙ୍କ ମଧରେ ଆଲୋଚନା ହୋଇଥିଲା । ପୁନଶ୍ଚ, ଜି-୨୦ ବୈଠକରେ ଯୋଗ ଦେବାକୁ ଆମନ୍ତ୍ରିତ ଅନ୍ୟ ଦେଶର ନେତାମାନଙ୍କ ଭଳି ଚୀନ୍‌ର ନେତାଙ୍କୁ ଭାରତ ସମାନ ଧରଣର ଆତିଥେୟତା ପ୍ରଦାନ କରିଛି ଏବଂ ଯେଉଁସବୁ କ୍ଷେତ୍ରରେ ସମ୍ଭବପର, ସେସବୁରେ ଚୀନ୍ ସହିତ ମିଳିମିଶି କାର୍ଯ୍ୟ କରିବାକୁ ବୈଠକର କାର୍ଯ୍ୟସୂଚୀକୁ ନେଇ ଆଲୋଚନା କରିବାକୁ ଆଗ୍ରହ ପ୍ରଦର୍ଶନ କରିଛି । ତେବେ ପ୍ରକୃତ ସମସ୍ୟାଟି ରହିଛି ଚୀନ୍ ପାଖରେ । ଏହା ଚାହୁଁଛି ଯେ ସୀମାରେ ସବୁକିଛି ଠିକ୍ ଅଛି ଏବଂ ଦୁଇ ଦେଶ ମଧରେ ସମ୍ପର୍କ ପୂର୍ବବତ୍ ରହିଛି ବୋଲି ଭାରତ ଅନ୍ୟ ରାଷ୍ଟ୍ରମାନଙ୍କ ଆଗରେ ଛଳନା କରୁ । କିନ୍ତୁ ଭାରତ ତାହା କରୁନାହିଁ କି କରିବ ନାହିଁ । ପୁଣି ପାଶ୍ଚାତ୍ୟ ରାଷ୍ଟ୍ରମାନଙ୍କ ସହିତ ଏହାର ସମ୍ପର୍କରେ ସୁଧାର ଆଣିବା କ୍ଷେତ୍ରରେ ଭାରତ ଆଗ୍ରହ ପ୍ରଦର୍ଶନ କରୁ ବୋଲି ଚୀନ୍ ଚାହେଁ । ଏଥିରୁ ଚୀନ୍‌ର ଶକ୍ତି ପ୍ରଦର୍ଶନ କରିବାର ଉଚ୍ଚାକାଂକ୍ଷା ସମ୍ବନ୍ଧରେ ସୂଚନା ମିଳେ । ଯେଉଁ ଦେଶ ବୈଶ୍ୱିକ ସ୍ଥାପତ୍ୟ ଓ ସଂରଚନା ସମସାମୟିକ ବାସ୍ତବତାଗୁଡ଼ିକୁ ପ୍ରତିଫଳିତ କରିବା ଚାହେଁ ବୋଲି ଦାବି କରୁଛି, ସେହି ଦେଶ ପକ୍ଷରୁ କିପରି ସଂସ୍କାରିତ ବହୁପକ୍ଷୀୟବାଦର ବିରୋଧ କରାଯାଉଛି, ଏସବୁଥିରୁ ତାହା ସ୍ପଷ୍ଟ ଭାବରେ ଜଣାପଡ଼େ । ନିଜର ପର ଧନ ଅପହରଣକାରୀ ସ୍ୱଭାବବିଶିଷ୍ଟ ଆର୍ଥିକ କାରବାର ଦ୍ୱାରା ବେଶ୍ କେତେକ ଦେଶଙ୍କ ପାଇଁ ଋଣ ସଂକଟ ସୃଷ୍ଟିର କାରଣ ହୋଇଥିବା ଚୀନ୍ ଅବଶ୍ୟ ଚାହିଁବ ସେ ସମ୍ପର୍କିତ ଆଲୋଚନା ହେବା ପାଇଁ କାର୍ଯ୍ୟସୂଚୀରେ ସ୍ଥାନ ପାଇଥିବା ଏକ ବୈଠକରେ ଯୋଗ ନ ଦେବାକୁ । ଏହା ମଧ ଚୀନ୍ ପାଇଁ ନିଜର ଦାୟିତ୍ୱକୁ ମୁଣ୍ଡ ଉପରୁ ଖସାଇ ଦେବାର ଏକ ଉଦ୍ୟମ ବୋଲି କୁହାଯାଇପାରେ । ଭାରତ ପାଇଁ ଜିପିଙ୍ଗ୍‌ଙ୍କ ଅନୁପସ୍ଥିତି ସେତେଟା ଗୁରୁତ୍ୱ ବହନ କରେନାହିଁ । ବସ୍ତୁତଃ, ଏହା ମଧ କୁହାଯାଇପାରେ ଯେ ସୀମାରେ ପରିସ୍ଥିତି ପରିପ୍ରେକ୍ଷୀରେ ବୈଠକରେ ଜିପିଙ୍ଗ୍ ଉପସ୍ଥିତ ରହିଥିଲେ ଭାରତ ସମେତ ଆଉ କିଛି ରାଷ୍ଟ୍ର ନିଜକୁ ଅସହଜ ପରିସ୍ଥିତିରେ ପାଇଥାନ୍ତେ । ସମ୍ପ୍ରତି ଚୀନ୍ ପକ୍ଷରୁ ଯୋଗ ଦେଇଥିବା ଲି କିଆଙ୍ଗ୍‌ଙ୍କ ସହିତ ପ୍ରଧାନମନ୍ତ୍ରୀ ମୋଦୀ କ୍ୱଚିତ୍ କୌଣସି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା କରିବେ ବା ତାଙ୍କ ଜରିଆରେ କୌଣସି ବାର୍ତ୍ତା ଦେବାକୁ ଚାହିଁବେ କି ତାଙ୍କ କଥା ଉପରେ ସେତେଟା ଗୁରୁତ୍ୱ ଦେବେ, କାରଣ ଶ୍ରୀଯୁକ୍ତ ମୋଦୀ ଭଲ ଭାବରେ ଜାଣନ୍ତି ଯେ ଶ୍ରୀଯୁକ୍ତ କିଆଙ୍ଗ୍ ଯାହା କିଛି ବି କହିବେ, ତାହା କେବଳ ଜିନ୍‌ପିଙ୍ଗ୍‌ଙ୍କ ଭାଷା ହିଁ ହେବ । ତେଣୁ ମୋଟାମୋଟି ଜି-୨୦ ଏକ ବୈଷ୍ଟିକ ମିଳିତ ପରିବାର ହେବାର ସମ୍ଭାବନା କ୍ଷୀଣ । ତେବେ ଭାରତ ପାଇଁ ଏହା ଏକ ସୁଯୋଗ- ସେଇସବୁ ରାଷ୍ଟ୍ରମାନଙ୍କ ସହିତ ସମ୍ପର୍କକୁ ନିବିଡ଼ କରିବାର, ଯେଉଁମାନେ କି ଚୀନ୍‌ର ଆକ୍ରମଣାତ୍ମକ ଆଭିମୁଖ୍ୟର ଶିକାର ହେଉଛନ୍ତି। ସର୍ବୋପରି, ଜି-୨୦ ବୈଠକରେ ଜିନ୍‌ପିଙ୍ଗ୍‌ଙ୍କ ଯୋଗ ନଦେବା ଚୀନୀୟ ଏକତରଫାବାଦର ଅନ୍ୟ ଏକ ସଙ୍କେତ।



## ଆଚାରଃ ପରମ ଧର୍ମଃ

**ଯଶସ୍ୱିନୀ ପଟ୍ଟନାୟକ**

ଶିକ୍ଷା ଓ ସଚେତନତା ହେଲା ସଶକ୍ତୀକରଣର ଚାବିକାଠି । ଶିକ୍ଷା ଓ ସଚେତନତା ପାଇଁ ପ୍ରଥମ ପାହାଚ ହେଲା ସାକ୍ଷରତା । ତେଣୁ ସଶକ୍ତୀକରଣର ଲକ୍ଷ୍ୟ ହାସଲ ପାଇଁ ଯାତ୍ରାର ପ୍ରବେଶ ଦ୍ୱାର ହେଉଛି ସାକ୍ଷରତା । ସେପ୍ଟେମ୍ବର ୮ ତାରିଖରୁ ପାଳନ କରାଯାଏ ଅନ୍ତର୍ଜାତୀୟ ସାକ୍ଷରତା ଦିବସ ଭାବେ । ଏହି ଦିନଟିକୁ ସମଗ୍ର ବିଶ୍ୱରେ ସାକ୍ଷାରତା ଦିବସ ଭାବେ। ଏହି ଦିନଟିକୁ ସମଗ୍ର ବିଶ୍ୱରେ ସାକ୍ଷାରତା ଦିବସ ଭାବେ ପାଳନ କରିବା ପାଇଁ ୟୁନେସ୍କୋ ବିଧିବଦ୍ଧ ଘୋଷଣା କରିଥିଲା ୧୯୬୫ ନଭେମ୍ବର ୧୭ ତାରିଖରେ । ଏହା ପରଠାରୁ ଅର୍ଥାତ୍ ୧୯୬୬ ମସିହାରୁ ଏହାକୁ ପାଳନ କରାଯାଉଛି । ଶିକ୍ଷା ହିଁ ଜାତୀୟ ପ୍ରଗତିର ବାହକ । ଏକ ସାକ୍ଷରତା ଭିତ୍ତିକ ଜନଗୋଷ୍ଠୀ ସମାଜର ବୈପ୍ଳବିକ କ୍ରାନ୍ତୀ ସୃଷ୍ଟି କରି ପାରିବେ । ସାକ୍ଷରତା ଯଥାର୍ଥରେ ସଶକ୍ତିକରଣର ପ୍ରଥମ ପାହାଚ । କେନ୍ଦ୍ର ସରକାରଙ୍କ ଠାରୁ ରାଜ୍ୟ ସରକାର ସାକ୍ଷରତା ହାର ବୃଦ୍ଧି ପାଇଁ ବ୍ୟାପକ ଲୋକହିତକର ଯୋଜନା ହାତକୁ ନେଉଛନ୍ତି । ସରକାରୀ ବ୍ୟବସ୍ଥା ବ୍ୟତୀତ ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନ ଓ ବେସରକାରୀ ସଙ୍ଗଠନ ମଧ ସାକ୍ଷରତା କାର୍ଯ୍ୟକ୍ରମକୁ ବ୍ୟାପକ ପାଇଁ ନିଜର ସାଧମତ ଉଦ୍ୟମ ଜାରି ରଖିଛନ୍ତି । ଆମ୍ଭମାନଙ୍କର ଶାସ୍ତ୍ରରେ ଅଛି - ଆଚାରଃ ପରମ ଧର୍ମଃ। ଯେଉଁଥିରେ ଆମ୍ଭେମାନେ ବଞ୍ଚିପାରୁ, ବୃଦ୍ଧିପାଉ, ସମାଜରେ ସମସ୍ତଙ୍କ ସହିତ ସ୍ନେହପରବଶ ହୋଇ ଚାଲିପାରୁ ତାର କୌଶଳ ଗୁଡ଼ିକ ହାତ କଲମରେ କରିବା ଭିତର ଦେଇ ଯେଉଁ ଜ୍ଞାନ ଆସେ ତାହା ହିଁ ଅସଲ ଶିକ୍ଷା। ପ୍ରକୃତ ମନୁଷ୍ୟତ୍ୱର ଜାଗରଣ ହେଲା ଶିକ୍ଷାର ଉଦ୍ଦେଶ୍ୟ। କେବଳ ଭଲ ଚିକିତ୍ସକ, ଇଂଜିନିୟର, ଅଧ୍ୟାପକ ବା ଓକିଲ ତିଆରି କରିବା ଶିକ୍ଷାର ଉଦ୍ଦେଶ୍ୟ ନୁହେଁ। ସତ୍ ଆଦର୍ଶଙ୍କ ଠାରେ ଦୀକ୍ଷା ନେଇ ଆଚାର୍ଯ୍ୟ ଅନୁସରଣ ମାଧ୍ୟମରେ ମାନବୀୟ ମୂଲ୍ୟବୋଧ ଗୁଡ଼ିକ ବାସ୍ତବରେ ରୂପାୟନ ହେଲେ ହିଁ ଶିକ୍ଷାର ଉଦ୍ଦେଶ୍ୟ ସାର୍ଥକ ହୁଏ। ଛାତ୍ର, ଶିକ୍ଷକ ଓ ଅଭିଭାବକ - ପ୍ରତ୍ୟେକଙ୍କର ସତର୍କ ଓ ଦାୟିତ୍ୱଶୀଳ ଭୂମିକା ରହିବା ଆବଶ୍ୟକ। ନିଜସ୍ୱ ଘର ଗୁଡ଼ିକ ଯେଭଳି ଆଦର୍ଶ ଶିକ୍ଷାର ମନ୍ଦିର ହୋଇଉଠିପାରେ ସେ ଦିଗରେ ଯତ୍ନବାନ ହେବା ଆବଶ୍ୟକ। ଏହା ବାଦ୍ ଦେଇ ରାଷ୍ଟ୍ରର ମଧ ଶିକ୍ଷା ପ୍ରତି କର୍ତ୍ତବ୍ୟ ରହିଛି।

ପୂର୍ବକାଳରେ ଗୁରୁକୁଳ ଆଶ୍ରମରେ ଜଣେ ଜଣେ ଋଷି ବା ପ୍ରଧାନ ଶିକ୍ଷକଙ୍କ ପାଖରେ ଦଶ ହଜାରରୁ ଷାଠିଏ ହଜାର ପର୍ଯ୍ୟନ୍ତ ଶିଷ୍ୟ ରହୁଥିଲେ। ବାସ୍ତବ କର୍ମ ମାଧ୍ୟମରେ ଶିକ୍ଷା ହେଉଥିଲା । ନ କରି ପାଇବାର ଦାବି ଥିଲା ନାହିଁ । ବଶିଷ୍ଠ, ଭରଦ୍ୱାଜ, ବିଶ୍ୱାମିତ୍ର, ଗୌତମ ଇତ୍ୟାଦି ଋଷିମାନଙ୍କ ଆଶ୍ରମରେ ଛାତ୍ରମାନେ ଶିକ୍ଷା ଲାଭ କରୁଥିଲେ। ଏହି ସବୁ ଆଶ୍ରମ ଭିତରେ କୌଣସି ଦ୍ୱନ୍ଦ୍ୱ ନଥିଲା ବରଂ ଛାତ୍ର ବିନିମୟ ହେଉଥିଲା। ସେହି ସବୁ ବିଶ୍ୱବିଦ୍ୟାଳୟରେ ଛାତ୍ର ଥିଲେ ଉପମନ୍ୟୁ, ଆରୁଣି ଓ ଉଦ୍ଦାଳକ ଇତ୍ୟାଦି। ଶିକ୍ଷା କେବଳ ଆକ୍ଷରିକ ଓ ମୁଖସ୍ତ ନକରି ଚରିତ୍ର ଗଠନରେ ସହାୟ ନ ହେଲେ ତାହା ସମାଜକୁ ଠିକ୍ ଦିଗ୍‌ଦର୍ଶନ ଦିଏ ନାହିଁ। ଲେଖାପଢ଼ା ବା ଆକ୍ଷରିକ ଜ୍ଞାନ ବିଦ୍ୟା ନୁହେଁ। ଅଭ୍ୟାସ ଓ ବ୍ୟବହାରର ସାର୍ଥକ ସକ୍ରିୟ ନିୟନ୍ତ୍ରଣ ହିଁ ହେଲା ଶିକ୍ଷା। ଏହି ଚରିତ୍ର ଶିକ୍ଷକମାନଙ୍କ ଠାରୁ ଛାତ୍ରମାନଙ୍କ ପାଖକୁ ସଞ୍ଚାରିତ ହୁଏ। ଆଦର୍ଶକୁ ଧରି ସହଜାତ ସଂସ୍କାର ଗୁଡ଼ିକୁ ବାସ୍ତବରେ ମୂର୍ତ୍ତ କରି ଉଠାଇବା ହିଁ ଶିକ୍ଷା। ଛାତ୍ରଙ୍କର ସହଜାତ ସଂସ୍କାର, ରୁଚି, ବଂଶ ପରମ୍ପରା ଇତ୍ୟାଦିକୁ ଶିକ୍ଷକମାନେ ହିଁ ଅନୁସରଣ କରି ଶିକ୍ଷାକୁ ବୈଶିଷ୍ଟ୍ୟ ଅନୁପାତିକ କରି ଉଠାନ୍ତି। ଶିକ୍ଷକଙ୍କର ପ୍ରଧାନ ଦୋଷ ହେଲା ଅନ୍ୟ ଏକ ଶିକ୍ଷକଙ୍କୁ ବଦ୍‌ନାମ କରିବା। ଶିକ୍ଷା ଯେତେ ବାସ୍ତବ, ବ୍ୟବହାର, ପରିଚର୍ଯ୍ୟା ଓ କର୍ମଜଡ଼ିତ ହେବ ସେତେ ହିଁ ଭଲ। ଆଜିକାଲିର ଶିକ୍ଷା ଅଭିଳାଷ ବା ଗର୍ବ, ଲିପ୍ସା ବଢ଼ାଇ ଦିଏ କିନ୍ତୁ ସତ୍ତା ସମ୍ବର୍ଦ୍ଧନୀ ସମ୍ପଦ ଆହରଣର କୌଶଳ ଶିଖାଏ ନାହିଁ। ଥିଲେ ଥାଉ ପଛେ ଗୁଣ ହଜାର, ଚରିତ୍ର ନଥିଲେ ସବୁ ଅସାର। କେବଳ ଆକ୍ଷରିକ ଶିକ୍ଷାରେ ଶିକ୍ଷିତ ବ୍ୟକ୍ତି ସମାଜର କୌଣସି ମଙ୍ଗଳ କର୍ମରେ ଜଡ଼ିତ ନ ହୋଇ କେବଳ ନିଜ ସ୍ୱାର୍ଥ ସନ୍ଧାନରେ ରତ ରହି ସମାଜର ଅଶେଷ କ୍ଷତି ସାଧନ କରନ୍ତି ଆଉ ଏହା ହିଁ ହେଉଛି କୁଶିକ୍ଷା। ଆଜିର ସାକ୍ଷରତା ଦିବସରେ ଜ୍ଞାନୀ, ଗୁଣୀ, ସୁହୃଦ୍ ବ୍ୟକ୍ତିମାନଙ୍କୁ ଆଦର୍ଶ ଶିକ୍ଷା, ଦୀକ୍ଷା ଓ ସମାଜ ଗଠନରେ ବ୍ରତୀ ହେବା ପାଇଁ ଆହ୍ୱାନ ଜଣାଉଛି।


ଅଧକ୍ଷ, ନାଳନ୍ଦା ପବ୍ଲିକ ସ୍କୁଲ,
ସେକ୍ଟର-୮, ସିଡିଏ, କଟକ




## ବ୍ୟକ୍ତିର ଜନ୍ମଜାତ ପାଟକ ଓ ବର୍ତ୍ତମାନର ପେଶା

**ଉତ୍କଳାନନ୍ଦ ଅଜୟ କୁମାର ବେହେରା**

ଯେ କୌଣସି ବ୍ୟକ୍ତିର ଜନ୍ମ ପୂର୍ବ ପ୍ରଚଳିତ ନିଷ୍ଟେ ଜାତି ପାଟକରେ ହୋଇଥିବ। ମାତ୍ର ପୂର୍ବପରି ଜାତି ପାଟକର ଉଦ୍ଦିଷ୍ଟ ବୃତ୍ତି ବା ପେଶାରେ ସେ କେବେ ଜଡ଼ିତ ଏ ସମୟରେ ନଥିବେ। ଭାରତ ସ୍ୱାଧୀନତା ପୂର୍ବରୁ ଯେପରି ଜାତି ପାଟକର ଧାରା ବହୁତ କଡ଼ାକଡ଼ି ଥିଲା ତାହା ଏ ସମୟକୁ ବିଲୁପ୍ତ। ସେତେବେଳେ ଚଳୁ ନଥିଲା ଏ ସମୟରେ କିଛି ବାରଣ ନାହିଁ। ଜାତି ଅନୁସାରେ ପୋଷାକ ପରିଚ୍ଛଦ ଆଚାରଣ କଥା ଭାଷା ପ୍ରୟୋଗରେ ବହୁବିଧ କଟକଣା ଥିଲା। ତାହା ବିଲୁପ୍ତ ବ୍ରାହ୍ମଣମାନେ ହଳ କରିବା ଶଗଡ଼ରେ ଯିବା, ମାଛ, ମାଂସ ଭକ୍ଷଣ କରିବା ଏକ ପ୍ରକାର ବାରଣରେ ଆସୁଥିଲା। ପ୍ରତିଘରେ ଅନେକ ପ୍ରକାର ବିଧାନ ପରମ୍ପରା ଅନୁଯାୟୀ ଲାଗୁଥିଲା। ଭିନ୍ନ ଧର୍ମୀୟ ଲୋକ ମାଂସ ବିକ୍ରୟ କଲେ ତାକୁ ବାରଣ ହିନ୍ଦୁଧର୍ମରେ ଥିଲା। ନିଜ ଧର୍ମର ଧୋବା ଶ୍ରେଣୀୟ ଲୋକ ଛାଗ, ମେଷ ବଳୀ ଦେବୀ ପୀଠ ଦେଉଥିବାରୁ ଏମାନଙ୍କର ମାଂସ ବିକ୍ରୟ ଲେଶକେ ଆଣି ଭୋଜନ କରୁଥିଲେ। ଶିକାର କରି ଜଙ୍ଗଲରୁ ଶିକାର ଆଣୁଥିବା ଲୋକ ଠାରୁ କ୍ଷତ ବିକ୍ଷତ ମୃତଜୀବକୁ ମୀ ସେହି ଧୋବାଙ୍କ ଦ୍ୱାରା ମାଂସ ପ୍ରସ୍ତୁତ କରି ଲୋକେ ରୋଷେଇ ପାଇଁ ଆଣୁଥିଲେ। ଇସଲାମ ଧର୍ମରେ ହିନ୍ଦୁ ଜହ୍ଲାଦଙ୍କ ଦ୍ୱାରା ମରାଯିବା ଜୀବର ମାଂସ କ୍ରୟ ବା ଭକ୍ଷଣ ଏକ ପ୍ରକାର ଧର୍ମ ବିରୁଦ୍ଧ କାର୍ଯ୍ୟ। ଜୀବର ଗଳାପଟ ଜୀବନ୍ତ ଅବସ୍ଥାରେ ନକାଟି ବେକର ଉପରପଟ କାଟିଲେ ଇସଲାମ ଧର୍ମରେ ସେ ଜୀବର ମାଂସ ପ୍ରରିତ୍ୟାକ୍ତ।

ଜାତି ଦୃଷ୍ଟେ ଧାର୍ଯ୍ୟ ବୃତ୍ତି କଳକାରଖାନା ଓ ସରକାରୀ ବୃତ୍ତିମାନ ବହୁଳ ହେବାରୁ ବଦଳିଗଲା। ଲୁଗାବୁଣା, ତନ୍ତୁବାୟ ବୁଣାକାର ଜାତିର କାର୍ଯ୍ୟ ହେଲେ କଳକାରଖାନାରେ ଲୁଗାବୁଣା ଯେ କେହି ଲୋକ କରିବାରୁ ଚାହିଦା ତନ୍ତୁବାୟ ବୃତ୍ତିର ଲୋକଙ୍କର ଆସ୍ତେ ଆସ୍ତେ ହଟିଲା ଏବେ ଚାହିଦା ସମ୍ବଲପୁରୀ ନୂଆ ପାଟଣା ପରି ସ୍ଥାନରେ ଅଛି ମାତ୍ର ସର୍ବତ୍ର ଦୁର୍ଲ୍ଲଭ। ବଢ଼େଇ କାମ ପାଇଁ କାଠ ଅଭାବ ବାଉଁଶରେ ଆଉ ଗୃହ ନିର୍ମାଣ ନାହିଁ। କାଠ ଫର୍ଣ୍ଣିଚର ସ୍ଥାନରେ ଏବେ ଲୁହାର ଅଂଶ ଲଗା ତ୍ରିପସପଟା ବା କରତ ଗୁଣ୍ଡ କଣ୍ଡାରୁ ତିଆରି ପଟା ଲାଗୁଛି। ପଲଙ୍କ ଆଲମାରୀ ଏପରି ପୁଣି ବିଦେଶାଗତ କାଠର ଚିକ୍କଣ ସୁନ୍ଦର ଶୟନ ଖଟ ଫଳଙ୍କ। ଚେୟାର ପ୍ଲାଷ୍ଟିକର ମିଳୁଛି। କୈବର୍ତ୍ତଙ୍କର ଚୁଡ଼ାଡ଼ିଙ୍କି ଅଚଳ ମେସିନ ଚୁଡ଼ା, ମାଛଚାଷ ବିକ୍ରୟ ଯେ କେହି କରୁଛନ୍ତି। ଆଲମ୍ୟୁନିୟମ ଷ୍ଟିଲ ଧାତୁ ହାଣ୍ଡି ବାହାରିବାରୁ କୁମ୍ଭାର ବାଣିଜ୍ୟ ହାନି ମାଟି ନନ୍ଦ ସ୍ଥାନରେ ସିମେଣ୍ଟ ନନ୍ଦ ନହେଲେ କୂପ ସ୍ଥାନରେ ନଳକୂପ ଆଉ ସବୁ ମାଟି ପଦାର୍ଥ ଏତେ ବିକ୍ରୟ ନୁହଁ ଅତଏବ କୁମ୍ଭକାର ବୃତ୍ତି ରଦ୍ଦ। ଗୋପାଳ ଜାତି ଦୁଗ୍ଧ ଦହି ଛେନା ଘିଅ ବିକ୍ରୟ କରି ଜୀବିକା ଚଳାଉଥିଲେ। କ୍ଷେତ୍ରରେ ଅଦରକାରୀ ଘାସ କୁଟା ଓ ଗୃହର ପେଜ ତୋରାଣୀ ପରିବା ଚୋପା କୁଣ୍ଡା ବୋତି ଖାଇ ଗୋରୁ କ୍ଷୀର ଦେଉଥିଲେ। ଗୋଚାରଣ ଭୂମି ଗୋଚର ଜମି ବହୁଳରେ ଘାସ ଚରୁଥିଲେ ଏସବୁ ବିଲୁପ୍ତ ବେଳକୁ ବେଳ ହେଲା। ଗୋପାଳ ବୃତ୍ତି ଚଳାଇବା ବଡ଼ ମୁସ୍କିଲକୁ ବଡ଼ ବଡ଼ ଫନ୍ଦା ସରକାର ଓ ବଣିକମାନେ କରି ଖିରରୁ ଲହୁଣୀ କାଢ଼ି ନେଇ ପୂର୍ବ ଖବର ଦରରେ ବିକ୍ରୟ କରି ଏକ ଧନ୍ଦା ସବୁ ରାଜ୍ୟରେ ଚଳାଉଛନ୍ତି ଅତଏବ ଗୋପାଳକ ବୃତ୍ତି ରଦ୍ଦ।

ମନ୍ଦିର ପୂଜକ ପୌରହିତ୍ୟଗିରିରେ ଏବେ ବହୁ ବାଧା, ଖୋଦ ବ୍ରାହ୍ମଣ ପରିବାରରେ ପୁତ୍ର ବି ହେବୁ ଏସବୁ ବୃତ୍ତିରେ ସମ୍ମାନ ଦେଖାଇ କନ୍ୟା ବିବାହକୁ କନ୍ୟାପକ୍ଷ ଅରାଜୀ। ଫଳରେ ଏ ବୃତ୍ତି ଅବହେଳିତା। ପିଅନ ବୃତ୍ତିର ପୁଅଟି ବିବାହ ହେବାରେ ଦ୍ୱିଧାନାହିଁ ମାତ୍ର ପୁରୋହିତ ବୃତ୍ତିରେ ଥିଲେ ଏକ ନାପସନ୍ଦ କାର୍ଯ୍ୟ ଲୋକେ ଧରୁଛନ୍ତି ପୁଣି ସରକାରଙ୍କ ଶ୍ରମ ବିଭାଗ ସମସ୍ତଙ୍କର ମଜୁରୀ ଧାର୍ଯ୍ୟ କରୁଛନ୍ତି ପୁରୋହିତଙ୍କ ମଜୁରୀ ଲୋକଙ୍କ ଉପରେ ଛାଡ଼ିଛନ୍ତି ଯାହା ପୁରୋହିତ କର୍ମ ଆଦରି ଭାଗ୍ୟ ଆଦରି ଯେଜମାନ ଅର୍ଥ ନେବାକୁ ବାଧ୍ୟ ହେଉଛନ୍ତି ଯାହା ରୋଜଗାର ସମୁଦ୍ରକୁ ଶଙ୍ଖେ। ଅନେକ ପୁରୋହିତ ଛଳନାରେ ରୋଜଗାର ଏବେ କରୁଛନ୍ତି ମାତ୍ର ତାହା ରାଜ ଅନୁମୋଦିତ କାନୁନରେ ନାହିଁ। ଏପରି ଅନେକ ବୃତ୍ତିରେ ବହୁବାଧା ଆସୁଛି। ଫଳରେ ବୃତ୍ତିଧାରୀ ଭିନ୍ନ ଭିନ୍ନ ଦିଗକୁ ମନ ଦେଉଛନ୍ତି।


ବରେଣ୍ୟ ବାଣୀ' ପିସି ସରକାର
ଲେନ୍, ଅରୁଣୋଦୟ ମାର୍କେଟ,
କଟକ,
ମୋ: ୯୪୩୭୦୩୧୨୫୩




## ସତ ହେଉଛି ଗାଁ ପିଲାଙ୍କ 'ଡାକ୍ତର' ସ୍ୱପ୍ନ

**ଅଲେଖ ଚନ୍ଦ୍ର ସାମଲ**

ଆଜିକାଲିର ଶିକ୍ଷା ବ୍ୟବସ୍ଥାରେ ମେଡ଼ିକାଲ ଶିକ୍ଷା ସବୁଠୁ ଉଚ୍ଚରେ ରହିଛି। ଗ୍ରାମାଞ୍ଚଳରେ ଅନେକ ପ୍ରତିଭାବାନ ପିଲାମାନେ ଅର୍ଥ ଅଭାବରୁ ସେମାନଙ୍କର ଡାକ୍ତରୀ ପାଠରେ ଡୋରୀ ବାନ୍ଧୁଛନ୍ତି ତେବେ ଖୁସିର କଥା ରାଜ୍ୟ ସରକାରଙ୍କର ଏକ ବାସ୍ତବାଭିମୁଖୀ ଯୋଜନା ଏବେ ଏହି ପିଲାମାନଙ୍କର ସ୍ୱପ୍ନକୁ ସାର୍ଥକ କରିବାପାଇଁ ଯାଉଛି। ସବୁଠାରୁ ବଡ଼କଥା ହେଲା ସରକାରଙ୍କ ଏହି ସିଟ ସଂରକ୍ଷଣ ବ୍ୟବସ୍ଥାରେ ପିଲାମାନେ ଡାକ୍ତରୀ ପାଠ ସହ ଇଞ୍ଜିନିୟରିଂ ପାଠ ମଧ ପଢ଼ି ପାରିବାର ସୁଯୋଗ ପାଇବେ।

ସାକାର ହେଉଛି ଗାଁ ଗହଳିର ସରକାରୀ ସ୍କୁଲରେ ପଢୁଥିବା ଛାତ୍ରଛାତ୍ରୀଙ୍କ ସ୍ୱପ୍ନ। ଡାକ୍ତରୀ, ଇଞ୍ଜିନିୟରିଂ ପଢ଼ିବା ପାଇଁ ଅର୍ଥ ବାଧକ ସାଜୁନି। ଗାଁ ସରକାରୀ ସ୍କୁଲରୁ ପାଠପଢ଼ି ପିଲାମାନେ ଡାକ୍ତର ଓ ଇଞ୍ଜିନିୟର ହେବାର ଆଶା ପୂରଣ କରୁଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗ୍ରହଣ କରିଥିବା ଅଭିନବ ପଦକ୍ଷେପ ସେମାନଙ୍କ ପାଇଁ ବରଦାନ ସାଜିଛି। ରାଜ୍ୟ ସରକାର ସରକାରୀ ସ୍କୁଲ ପିଲାଙ୍କ ପାଇଁ ଡାକ୍ତରୀ ଓ ଇଞ୍ଜିନିୟରିଂରେ ୧୫ ପ୍ରତିଶତ ସିଟ ସଂରକ୍ଷଣ କରିଛନ୍ତି। ୨୦୨୧ ମସିହାରୁ ଏହି ବ୍ୟବସ୍ଥା ଲାଗୁ ହୋଇଥିବାବେଳେ ଡାକ୍ତରୀ ନାମ ଲେଖା ପାଇଁ ଚଳିତ ବର୍ଷ ୨୬୭ଟି ସିଟ ସଂରକ୍ଷିତ ରହିଛି। ତେବେ ସଂରକ୍ଷଣର ସିଂହଭାଗ ସରକାରୀ ସ୍କୁଲରେ ପଢୁଥିବା ପିଲାଙ୍କୁ ମିଳିଛି। ସରକାରୀ ସ୍କୁଲ ଛାତ୍ର ସଂରକ୍ଷିତ କୋଟାରେ ରାଜ୍ୟର ୨୬୭ ଜଣ ଛାତ୍ରଛାତ୍ରୀ ଚଳିତ ବର୍ଷ ଏମବିବିଏସ ଓ ବିଡ଼ିଏସ ଅଧ୍ୟୟନ କରିବେ। ଏନେଇ ଚୂଡ଼ାନ୍ତ ତାଲିକା ଓଜେଇଇ ପକ୍ଷରୁ ପ୍ରକାଶ ପାଇଛି। ଓଡ଼ିଶା ଯୁଗ୍ମ ପ୍ରବେଶିକା ପରୀକ୍ଷା କାଉନସେଲିଂ କରୁଥିବା ୧୮୨୧ଟି ସିଟ ମଧ୍ୟରୁ ସଂରକ୍ଷଣର ସିଂହଭାଗ କେବଳ ସରକାରୀ ସ୍କୁଲ ପିଲାଙ୍କ ପାଇଁ ଉଦ୍ଦିଷ୍ଟ ରହିଛି। ଚଳିତ ବର୍ଷ ଏସଜିଏସ କୋଟାରେ ସଂରକ୍ଷିତ ମୋଟ ୨୬୭ଟି ସିଟ ମଧ୍ୟରେ ୨୦୧ଟି ସାଧାରଣ ବର୍ଗର ପିଲାଙ୍କ ପାଇଁ ଉଦ୍ଦିଷ୍ଟ ଥିବାବେଳେ ୩୬ଟି ଅନୁସୂଚିତ ଜନଜାତି ୨୨ଟି ଅନୁସୂଚିତ ଜାତି ଏବଂ ୮ଟି ଆର୍ଥିକ ସ୍ତରରେ ପଛୁଆ ବର୍ଗର ପିଲାଙ୍କ ପାଇଁ ସଂରକ୍ଷିତ ରହିଛି। ସେହିପରି ଇଞ୍ଜିନିୟରିଂ ଅଧ୍ୟୟନ ଲାଗି ମଧ ସରକାରୀ ପ୍ରତିଷ୍ଠାନରେ ପିଲାଙ୍କ ପାଇଁ ୧୫ ପ୍ରତିଶତ ସିଟ ସଂରକ୍ଷଣ ବ୍ୟବସ୍ଥା ବିଗତ ଶିକ୍ଷା ବର୍ଷରୁ ଆରମ୍ଭ ହୋଇଛି। ରାଜ୍ୟର ସମସ୍ତ ସରକାରୀ ଇଞ୍ଜିନିୟରିଂ ପ୍ରତିଷ୍ଠାନରେ ଅଧ୍ୟୟନ ଲାଗି ସରକାରୀ ସ୍କୁଲ ପିଲାଙ୍କୁ ପ୍ରାଧାନ୍ୟ ଦିଆଯାଉଛି। ସରକାରୀ ସ୍କୁଲର ପିଲାଙ୍କ ଡାକ୍ତରୀ ଓ ଇଞ୍ଜିନିୟରିଂରେ ୧୫ ପ୍ରତିଶତ ସିଟ ସଂରକ୍ଷଣ ଲାଗି ୨୦୨୧-୨୨ ଶିକ୍ଷା ବର୍ଷରେ ରାଜ୍ୟ ସରକାର ନିଷ୍ପତ୍ତି ନେଇଥିଲେ। ୨୦୨୧ରୁ ଏହି ବ୍ୟବସ୍ଥା ମେଡ଼ିକାଲ ନାମ ଲେଖା କ୍ଷେତ୍ରରେ କାର୍ଯ୍ୟକାରୀ ହୋଇଥିବାବେଳେ ବିଗତ ବର୍ଷରୁ ଏହା ଇଞ୍ଜିନିୟରିଂ ପିଲାଙ୍କ କ୍ଷେତ୍ରରେ ଲାଗୁ ହୋଇଛି। ସର୍ବଭାରତୀୟ ସ୍ତରରେ ନିଟ ଏବଂ ଜେଇଇ ପରି ସାଧାରଣ ପ୍ରବେଶିକା ପରୀକ୍ଷା ପ୍ରଚଳନ ହେବା ପରେ ରାଜ୍ୟର ସରକାରୀ ସ୍କୁଲ ଓ କଲେଜ ମାନଙ୍କରେ ପଢୁଥିବା ଛାତ୍ରଛାତ୍ରୀ ମାନଙ୍କର ହ୍ରାସ ପାଉଥିବା ସଂଖ୍ୟାକୁ ପରିଲକ୍ଷିତ କରି ମୁଖ୍ୟମନ୍ତ୍ରୀ ଏହି ଅଭିନବ ପଦକ୍ଷେପ ଗ୍ରହଣ କରିଥିଲେ। ମାତ୍ର ଏହା ପୂର୍ବରୁ ମୁଖ୍ୟମନ୍ତ୍ରୀ ଏ ସମ୍ପର୍କରେ ଅନେକ ତର୍ଜମା ମଧ କରିଥିଲେ। ଏଥିଲାଗି ସର୍ବେକ୍ଷଣ ହୋଇଥିବାବେଳେ ତଥ୍ୟ ଦର୍ଶାଇଥିଲା ରାଜ୍ୟର ୮୬ ପ୍ରତିଶତ ଛାତ୍ରଛାତ୍ରୀ ସରକାରୀ ସ୍କୁଲରେ ପଢୁଥିବା ବେଳେ ସେମାନଙ୍କ ମଧ୍ୟରୁ ୨୩ ପ୍ରତିଶତ ମେଡ଼ିକାଲ କଲେଜ ଓ ୨୧% ଇଞ୍ଜିନିୟରିଂ ରେ ନାମ ଲେଖା ପାଇଁ ସିଟ ପାଉଛନ୍ତି। ହେଲେ ଘରୋଇ ସ୍କୁଲ ଗୁଡ଼ିକରେ ମାତ୍ର ୧୨ ପ୍ରତିଶତ ପିଲା ପଢୁଥିଲେ ହେଁ ଉଭୟ ମେଡ଼ିକାଲ ଓ ଇଞ୍ଜିନିୟରିଂ କଲେଜରେ ସେମାନେ ୬୦ ପ୍ରତିଶତ ସିଟ ପାଉଛନ୍ତି। ଘରୋଇ ସ୍କୁଲର ଛାତ୍ରଛାତ୍ରୀ ଆର୍ଥିକ ସଙ୍କଟ ତଥା ଉପଯୁକ୍ତ କୋଚିଂ ଅଭାବରୁ ମେଡ଼ିକାଲ ଓ ଇଞ୍ଜିନିୟରିଂ ସିଟ ପାଇବାରେ ଅସଫଳ ହେଉଥିବା ରାଜ୍ୟ ସରକାର ଉପଲବ୍ଧ କରିଥିଲେ। ତେଣୁ ପ୍ରବେଶିକା ପରୀକ୍ଷାରେ ଭଲ ପ୍ରଦର୍ଶନ ପାଇଁ ପିଲାଙ୍କୁ ସ୍ୱତନ୍ତ୍ର ତାଲିମ ଆବଶ୍ୟକ ତାହା କେବଳ କୋଚିଂ ସେଣ୍ଟର ମାନଙ୍କରେ ହିଁ ଉପଲବ୍ଧ ହୋଇଥାଏ। ଏହି କୋଚିଂ ସେଣ୍ଟର ଗୁଡ଼ିକ ମୁଖ୍ୟତଃ ସହର ଭିତ୍ତିକ ଏବଂ ଏଠାରେ ତାଲିମ ନେବା ପାଇଁ ବିପୁଳ ଅର୍ଥର ଆବଶ୍ୟକତା ରହିଛି। ଏ ସମସ୍ତ କ୍ଷେତ୍ରକୁ ତର୍ଜମା କରି ସରକାର ଆଦର୍ଶ ବିଦ୍ୟାଳୟ ଓ ସରକାରୀ ସ୍କୁଲ ନିଟ ଓ ଜେଇଇ କୋଚିଂ ବ୍ୟବସ୍ଥା ଲାଗୁ କରିଥିଲେ। ଯାହାକି ଆଇକନିକ ଆଦର୍ଶ ବିଦ୍ୟାଳୟରେ ବିଧିବଦ୍ଧ ଭାବେ କାର୍ଯ୍ୟକାରୀ ହୋଇଛି। ଅନେକ ମେଧାବୀ ଛାତ୍ର ଡାକ୍ତରୀ ପାଠରୁ ପ୍ରାୟତଃ ବଞ୍ଚିତ ହୋଇଥାନ୍ତି ବିଶେଷକରି ଯେଉଁମାନଙ୍କର ଆର୍ଥିକ ଅନଗ୍ରସରତା ଥାଏ। ତେବେ କେତେକ କ୍ଷେତ୍ରରେ ବଦାନ୍ୟ ବ୍ୟକ୍ତିତ୍ୱ ଓ ଦାତବ୍ୟ ସଙ୍ଗଠନ ଏହି ପିଲାମାନଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ଆଗେଇ ଆସୁଛନ୍ତି। ତେବେ ସରକାରଙ୍କ ଏହି ବ୍ୟବସ୍ଥା କିନ୍ତୁ ସେମାନଙ୍କ ସ୍ୱପ୍ନକୁ ସାର୍ଥକ କରିପାରିବ ନିଶ୍ଚୟ।


ଓଏଫଏସ-୧ (ଏସ୍.ବି.)
ପୂର୍ବତନ ଡିଏଫ୍‌ଓ (କେନ୍ଦୁଲିଫ୍)
ଜୟପୁର ଡିଭିଜନ,
ମୋ: ୯୪୩୭୨୫୭୧୨୩





### ନାରୀ

**ପୂଜା ମେହେର**



ଅବଳା ନୁହେଁ ସେ ଦୁର୍ବଳା ବି ନୁହେଁ
ନୁହେଁ ସେ ହୀନିମାନିଆ
ବୁଝୁ ନାହିଁ ଏଇ ଅଜ୍ଞାନୀ ସମାଜ
ଅଟେ ପରା ସେ ସୁକନ୍ୟା ।

ଜନ୍ମ ହେବ ବୋଲି କନ୍ୟା ସନ୍ତାନଟି
ଜାଣନ୍ତି ଯେ ପିତାମାତା
ଚକ୍ଷୁ ନ ଖୋଲିବା ପୂର୍ବରୁ ତାହାକୁ
ନିଷ୍ଠୁରେ କରନ୍ତି ହତ୍ୟା ।

ଜାଣି ଅଛି ସିଏ ନିଜେ ମାଆ ପରା
ଅଟଇ କାହାର ଝିଅ
ସବୁକୁ ବୁଝି ବି ଅବୁଝା ହୁଅଇ
କଥାରେ ରଖଇ ଖିଅ ।

ନାରୀ ପରା ଅଟେ ଜ୍ଞାନୀ ଓ ବିଜ୍ଞାନୀ
ସେ ଅଟେ ପୁଣି ଧରିତ୍ରୀ
ଘର ରକ୍ଷା ପାଇଁ ସୈନିକ ସଜାଇ
ରଖି ସହିଷ୍ଣୁତା ନୀତି ।

ନାରୀର ପ୍ରଗତି ଶିକ୍ଷା ଓ ସଂସ୍କୃତି
ଦିଅ ଯେ ତାକୁ ସମ୍ମାନ
ଧିରସ୍ଥିର ଚିତ୍ତେ ଏକମତ ହୋଇ
ଦିଅ ମୋ କଥାରେ ମନ ।


ବିଜେପୁର, ବରଗଡ଼


### ଭଲପାଏ ବୋଲି

**ରମାକାନ୍ତ ଦାସ**



ଭଲପାଏ ବୋଲି...
ଅତୃପ୍ତିର ମୁହୂର୍ତ୍ତରେ
ମୁଁ ନିଜକୁ ହଜେଇ ଦିଏ
ତୁମ ଭାବନାରେ
ତୁମକୁ ନିତି ଖୋଜୁଥାଏ
ମୋ ପାହାନ୍ତିଆ ଦେଖା ଅଭୁଲା
ସ୍ୱପ୍ନରେ ।

ଭଲପାଏ ବୋଲି....
ରାତିର ସ୍ୱପ୍ନ ସାଙ୍ଗେ
ମୁଁ ଗଢିଚାଲେ
ମୋ ସ୍ୱପ୍ନର ନଅର
ଅଭିମାନର ପତ୍ରରେ ଲେଖୁଥାଏ
ଆମ ମିଳନ ଖବର ।।

ଭଲପାଏ ବୋଲି...
ଚାତକ ପରି ମୁଁ
ଚାହିଁ ରହିଥାଏ
ତୁମରି ଫେରିବା ବାଟକୁ
ମୋ ପ୍ରତିଟି ସ୍ପନ୍ଦନେ
ମୁଁ ଅନୁଭବ କରେ ତୁମକୁ ।

ଭଲପାଏ ବୋଲି...
ବିଚ୍ଛୁରିତ ଜ୍ୟୋତ୍ସ୍ନା ରାତିରେ
ମୋ କଲମର ସ୍ୟାହି ଛିଟାରେ
ମୁଁ ଆଙ୍କୁଥାଏ ତୁମ ପ୍ରତିଛବିକୁ
ପୁନେଇଁ ରାତିର ଶୀତ କାକର
ଟୋପାରେ
ମୁଁ ନିତି ଖୋଜୁଥାଏ ତୁମକୁ ।

ଭଲପାଏ ବୋଲି...
ତୁମ ପ୍ରେମ ସପ୍ତରଙ୍ଗ
ଖେଳିଯାଏ ମୋ ମନ ଆକାଶରେ
ଅଜଣାତେ ମୁଁ ଭିଜୁଥାଏ
ତୁମ ପ୍ରେମର ରଙ୍ଗ ବର୍ଷାରେ ।

ଭଲପାଏ ବୋଲି...
ମୋ ଦେହସାରା ବୁଣି ହୋଇଯାଏ
ତୁମ ପ୍ରେମ ପ୍ରୀତିର ଜ୍ୟୋତ୍ସ୍ନା
ମୋ ଚାରିଆଡ଼େ ମହକିଯାଏ
ତୁମ ସ୍ନିଗ୍ଧମୟ ବାସ୍ନା ।


ନନ୍ଦିଗ୍ରାମ, ନାଉଗାଁ, ଜଗତସିଂହପୁର
ମୋ : ୯୬୬୮୮୧୫୩୬୯


### ମୁଁ ସୁବିଧାବାଦୀ ନା ସ୍ୱାର୍ଥପର

**ଭାସ୍କର ରାଉତ**



ସଭିଙ୍କ ସାଥିରେ ଅତି ଶରଧାରେ
କାରବାର କରେ ରହି
କାରବାର ଶେଷ ହୋଇଲେ ଅବଶ୍ୟ
ତା ଠାରୁ ଦୂର ହୁଅଇ।
ଆନ କିଛି ପାଇଁ ଆନସାଥେ ଯାଇ
ସୁନ୍ଦର ସମ୍ପର୍କ ଗଢ଼େ
ମୋ କାର୍ଯ୍ୟ ହାସଲ ହୁଏ ଯେଉଁ କାଳ
ତା ପରେ ତାହାକୁ ଛାଡ଼େ।
କାର୍ଯ୍ୟ ସଦ୍ଧିପାଇଁ ସଭିଙ୍କୁ ତୋଷଇ
ସ୍ୱାର୍ଥକୁ ପଛେ ଲୁଚାଇ
ସୁଯୋଗକୁ ମୁହିଁ ରହିଥାଏ ଚାହିଁ
ହାତଛଡ଼ା କରେନାହିଁ।

ମୁଁ ସୁବିଧାବାଦୀ କିବା ସ୍ୱାର୍ଥପର
କେଉଁଥିରେ ଗଣାହେବି
ବିତିଯାଏ ରାତି ନମିଳଇ ଶାନ୍ତି
ଏଇକଥା ଭାବି ଭାବି।

ଦୁଇନାବେ ପାଦ ଅଟଇ ପ୍ରମାଦ
ଅଥୟ ମୋହର ମନ
ଜ୍ଞାନୀ ଗୁଣୀ ଜନ ବିଚାର କରିଣ
କର ହେ ବର୍ଗୀକରଣ।
କେଉଁ ନାବେ ମୁହିଁ ବସିବି ହେ ଯାଇ
ଚଞ୍ଚଳ ନିର୍ଣ୍ଣୟ କର
ନାବ ଟଳମଳ ପାଉନାହିଁ କୂଳ
ଲାଗୁଅଛି ଭାରି ଡର।
ମଝି ଦରିଆରେ ମୁହିଁ ରହିଛିରେ
ନହୋଇ ପାରି କାହାର
କେ କରି ନିଜର ଏଥୁ ପାରିକର
ଭୋଗୁଛି ଫଳ କର୍ମର।


ଦେବମାୟା ଭବନ
ଶେରଗଡ଼, ଗଞ୍ଜାମ
ମୋ: ୯୭୭୬୪୮୬୬୨୮







ଧ୍ୱନି ପ୍ରତିଧ୍ୱନି




# ଏକତାଙ୍କୁ ମିଳିବ ଏମି ପୁରସ୍କାର: ପ୍ରଥମ ଭାରତୀୟ ଟେଲିକାର୍ଯ୍ୟକ୍ରମ ନିର୍ମାତା ଭାବେ ପାଇବେ ଏହି ସମ୍ମାନ

ପ୍ରଥମ ଭାରତୀୟ ଚଳଚିତ୍ର ନିର୍ମାତା ଭାବରେ ଏକତା କପୁର ଏମି ପୁରସ୍କାର ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଆସନ୍ତା ନଭେମ୍ବର ମାସରେ ହେବାକୁ ଥିବା ୫୧ତମ ଏମି ପୁରସ୍କାର ଉତ୍ସବରେ ତାଙ୍କୁ ସମ୍ମାନାସ୍ପଦ 'ଇଣ୍ଟରନାସନାଲ୍ ଏମି ଡାଇରେକ୍ଟରେଟ୍' ପୁରସ୍କାର ଦିଆଯିବ ବୋଲି ଘୋଷଣା କରାଯାଇଛି। ଭାରତୀୟ ଟେଲିଭିଜନ୍ ଶିଳ୍ପ ପ୍ରତି ଏକତାଙ୍କ ଉଲ୍ଲେଖନୀୟ ଅବଦାନକୁ ବିଚାର କରି ତାଙ୍କୁ ଏହି ପୁରସ୍କାର ଲାଗି ମନୋନୀତ କରାଯାଇଛି ବୋଲି ଏମି ପୁରସ୍କାର ପ୍ରଦାନ କରୁଥିବା ସଂସ୍ଥା 'ଇଣ୍ଟରନାସନାଲ୍ ଏକାଡେମି ଅଫ୍ ଟେଲିଭିଜନ୍ ଆର୍ଟ୍ସ ଆଣ୍ଡ୍ ସାଇନସ୍ସେସ୍'ର ଅଧ୍ୟକ୍ଷ ତଥା ସିଇଓ ବ୍ରୁସ୍ ଇ. ପେଜନର ସୂଚନା ଦେଇଛନ୍ତି।



ଏହି ଅବସରରେ ପେଜନର କହିଛନ୍ତି, 'ଏକତା କପୂର ତାଙ୍କର ପ୍ରଯୋଜନା ସଂସ୍ଥା ବାଲାଜି ଟେଲିଫିଲ୍ମ ଲି.କୁ ଭାରତର ଏକ ପ୍ରମୁଖ ମନୋରଞ୍ଜନକାରୀ ଭାବେ ଗଢ଼ିପାରିଛନ୍ତି ଏବଂ ଟେଲିଭିଜନ ଶିଳ୍ପ ବଜାରର ନେତୃତ୍ୱ ନେଇଛନ୍ତି ଯାହା ତାଙ୍କର ସୁଦୀର୍ଘ ଧାରାବାହିକ ଏବଂ ଓଟିଟି ମଞ୍ଚ ମାଧ୍ୟମରେ ଭାରତ ଓ ଦକ୍ଷିଣ ଏସିଆରେ ଦର୍ଶକଙ୍କ ପାଖରେ ପହଞ୍ଚିପାରିଛି।' ପ୍ରତିକ୍ରିୟାରେ ଏକତା କହିଛନ୍ତି, 'ଏହି ସମ୍ମାନଜନକ ମଞ୍ଚ ମାଧ୍ୟମରେ ବିଶ୍ୱସ୍ତରରେ ମୋ' ଦେଶକୁ ପ୍ରତିନିଧିତ୍ୱ କରିବା ଏକ ଅବିଶ୍ୱସନୀୟ ସମ୍ମାନ। ବିଶେଷ କରି ମହିଳାମାନଙ୍କ ପାଇଁ କାହାଣୀ ନିର୍ମାଣ କରୁଥିବା ଜଣେ ମହିଳା ଭାବରେ ମୋର ପରିଚୟକୁ ଆବିଷ୍କାର କରିବାରେ ଟେଲିଭିଜନର ନିର୍ଣ୍ଣାୟକ ଭୂମିକା ରହିଛି।

ଏହି ପୁରସ୍କାର ମୋତେ ଓ ଆମର ମିଳିତ ସଫଳତାକୁ ଅନ୍ତର୍ଜାତୀୟ ସ୍ତରରେ ପ୍ରତିନିଧିତ୍ୱ କରିବାର ସୁଯୋଗ ଦେଇଛି।' ଉଲ୍ଲେଖଯୋଗ୍ୟ, ଏକତାଙ୍କ ବାଲାଜି ସଂସ୍ଥା 'କ୍ୟୁଁକି ସାସ୍ ଭି କଭି ବହୂ ଥି', 'କାହାନି ଘର ଘର କି', 'କୁସୁମ' ଓ 'କସୌଟି ଜିନ୍ଦଗି କେ' ପରି ଲୋକପ୍ରିୟ ଧାରାବାହିକ ସମେତ ଦୀର୍ଘ ୧୭ ହଜାର ଘଣ୍ଟାର ଟେଲିଭିଜନ କାର୍ଯ୍ୟକ୍ରମ ପ୍ରଯୋଜନା କରିସାରିଛି। ଏକତା ଫର୍ଚ୍ୟୁନ୍ ଇଣ୍ଡିଆ ଦ୍ୱାରା ପ୍ରକାଶିତ ଏସିଆର ସବୁଠାରୁ ଶକ୍ତିଶାଳୀ ୫୦ଜଣ ମହିଳାଙ୍କ ତାଲିକାରେ ସ୍ଥାନ ପାଇଛନ୍ତି। ତା' ସହିତ ସେ ଭାରତୀୟ ଟେଲିଭିଜନ ଶିଳ୍ପର ଏକମାତ୍ର ମହିଳା ଭାବେ 'ଭେରାଇଟି ୫୦୦' ତାଲିକାରେ ରହିବାର ସୌଭାଗ୍ୟ ଅର୍ଜନ କରିଛନ୍ତି।

# ଅରିନ୍ଦମଙ୍କ 'ରାମ୍'ରେ ବଲିଉଡ ଅଭିନେତା ରାହୁଲ ଦେବ, ଦଶହରାରେ ଦେଖିବେ ଦର୍ଶକ

କିଛି ଦିନର ବ୍ୟବଧାନରେ ଓଲିଉଡ୍ ମେଗା ଆକ୍ସନ୍ ଷ୍ଟାର ଅରିନ୍ଦମ୍ କମ୍‌ବ୍ୟାକ୍ କରୁଛନ୍ତି। ଏଇ ଦଶହରାରେ ତାଙ୍କୁ ଦେଖିବାକୁ ମିଳିବ 'ରାମ୍?' ଅବତାରରେ । 'ବାବୁ ଭାଇଜାନ୍' ପରେ ନୂଆଲୁକ୍, ନୂଆ କାହାଣୀ ସହ ଦଶହରାରେ ଓଲିଉଡ୍ ଦର୍ଶକଙ୍କୁ ଭେଟି ଦେବାକୁ ଯାଉଛନ୍ତି ନୂଆ ଫିଲ୍ମ। ରନ୍ନା ଫିଲ୍ମସ ବ୍ୟାନରର ନାମ ଘୋଷଣା ଏକ ବର୍ଣ୍ଣାଢ୍ୟ ପରିବେଶରେ ହୋଇଥିଲା। ଏଥର



ଚତୁର୍ଥ ଅବଦାନ ତଥା ନିଜ ପ୍ରଯୋଜନାରେ ଦଶହରାରେ ମୁକ୍ତିଲାଭ କରିବାକୁ ଯାଉଥିବା ଏହି ନୂଆ ଚଳଚ୍ଚିତ୍ର ସୁଟିଂ ସମୟରୁ ହିଁ ଇତିହାସ ସୃଷ୍ଟି କରିଛି। ଏକା ସାଙ୍ଗରେ ଦୁଇଟି ୟୁନିଟରେ ସୁଟିଂ ଚାଲିଥିବା ବେଳେ ୬ଟି କ୍ୟାମେରାରେ ସୁଟିଂ ହେଉଛି, ଯାହା ଓଲିଉଡ୍ ପାଇଁ ନିଶ୍ଚିତ ଭାବେ ନୂଆ କଥା। ଗୋଟିଏ ୟୁନିଟରେ ଫାଇଟ୍ ଦୃଶ୍ୟ ଏବଂ ଦ୍ୱିତୀୟ ୟୁନିଟରେ ବଲିଉଡ ଅଭିନେତା ରାହୁଲ ଦେବଙ୍କ ଦୃଶ୍ୟ ସୁଟିଂ ହେଉଛି। କିଛିଦିନ ତଳେ ଚଳଚ୍ଚିତ୍ରର ନାଁ 'ଜ. ଇ. ଗ (ରାମ) ରଖାଯାଇଥିବା ଖବର ସୋସିଆଲ ମିଡ଼ିଆରେ ଚର୍ଚ୍ଚାର ବିଷୟ ଥିଲା ଏବଂ ଏହି 'ରାମ' ଚଳଚ୍ଚିତ୍ର ବଲିଉଡ, ଅଭିନେତା ରାହୁଲ୍ ଦେବଙ୍କ ଧମାକାଦାର ଏଣ୍ଟ୍ରି ଓଡିଆ ଚଳଚ୍ଚିତ୍ରପ୍ରେମୀଙ୍କ ପାଇଁ ସ୍ମରଣୀୟ ହୋଇ ରହିବ। ଚଳଚ୍ଚିତ୍ରର ନିର୍ଦ୍ଦେଶନାରେ ଅଶୋକ ପତି ଏବଂ ଚିତ୍ରନାଟ୍ୟ ଓ ସଂଳାପ ଦାୟିତ୍ୱରେ ଅଛନ୍ତି ଭାରଦ୍ୱାଜ ପଣ୍ଡା । ଫିଲ୍ମଟି ଦଶହରାରେ ମୁକ୍ତିଲାଭ କରିବା ପାଇଁ ସ୍ଥିର ହୋଇଥିବା ଯୋଗୁଁ କଟକ, ଭୁବନେଶ୍ୱରର ବିଭିନ୍ନ ସ୍ଥାନରେ ସୁଟିଙ୍ଗ ଚାଲିଛି। ଗୀତ ଗୁଡ଼ିକର ରେକର୍ଡିଂ ମଧ୍ୟ ଶେଷ ହୋଇଯାଇଛି। ଅସାଦ ନିଜାମ ଓ ଲିଙ୍କନଙ୍କ ଦମଦାର ମ୍ୟୁଜିକ୍ ଦଶହରା ମାହୋଲକୁ ସରଗରମ କରିବ ବୋଲି ଆଶା କରାଯାଉଛି । ଅରିନ୍ଦମଙ୍କ କମବ୍ୟାକକୁ ନେଇ ସମସ୍ତେ ଶୁଭେଚ୍ଛା ଜଣାଇବା ସହିତ 'ରାମ୍' ଚଳଚ୍ଚିତ୍ର ଦର୍ଶକ ସମର୍ଥନ ଲାଭ କରିବ ବୋଲି କାମନା କରିଛନ୍ତି।

# ସମୟ ଓ ସ୍ୱାଭିମାନକୁ ମୁଁ ସମ୍ମାନ ଦିଏ: ପଞ୍ଚାନନ ନାୟକ



ଓଡିଶାର ସଂଗୀତ,ସିନେମା ଓ ସାହିତ୍ୟ କ୍ଷେତ୍ରରେ ଜଣେ ଆଗ ଧାଡ଼ିର ସଫଳ ସ୍ରଷ୍ଟା ହେଉଛନ୍ତି କବି ଓ ଗୀତିକାର ପଞ୍ଚାନନ ନାୟକ । ଭଦ୍ରକ ଜିଲ୍ଲାର ତିହିଡି ବ୍ଲକ ଅନ୍ତର୍ଗତ ମଙ୍ଗଳ ପୁର ଗ୍ରାମରେ ଜନ୍ମ ଲାଭ କରିଥିବା ପଞ୍ଚାନନ ପିତା ମାତାଙ୍କ ଆଶୀର୍ବାଦରୁ କର୍ତ୍ତବ୍ୟ କ୍ଷେତ୍ରରେ ଆଗେଇ ଚାଲିଛନ୍ତି । ତାଙ୍କର ପରିବାର ରେ ସମସ୍ତେ ସମ୍ପୂର୍ଣ୍ଣ କଳାପ୍ରେମୀ ମଣିଷ । ତାଙ୍କର ଭାଇ, ଭଉଣୀ, ପତ୍ନୀ, ପୁତ୍ର ସମସ୍ତେ ସରଳ ଚିନ୍ତାଧାରା ମଧ୍ୟରେ । ଶ୍ରୀ ନାୟକଙ୍କ ହିଟ ଗୀତ ଆଲବମ ଓ କ୍ୟାସେଟ ମଧ୍ୟରେ ରହିଛି ମୋନାଲିସା, ପାଉଁଶ, କଣ୍ଢେଇ, ଖେଳନା, ମନ ଦେଇଛି, ଭଲ ପାଉଛି, ଚକା ଚନ୍ଦନ, ଚକା ବଦନ, ମନୁଆ ଚାନ୍ଦ, ରଙ୍କ ରତନ, କାଳିଆ ଅମୃତ ବାଣୀ, ସାହିତ୍ୟ ଦିଦି, ସମାଧି, ଡାକବାଲା, ହଳଦୀ ମୁହିଁ...... । ପଞ୍ଚାନନଙ୍କ ଦ୍ୱାରା ଲିଖିତ କବିତା ପୁସ୍ତକ ଲଢେଇ, ଚଢେଇ, ହୃଦୟ କିଛି କହିଲା, ନଗଡା ନାନାବାୟା, ଅନ୍ୟ ଏକ ରାଧା, ମହାପ୍ରଭୁ ଜଗନ୍ନାଥଙ୍କ ଭଜନ ପ୍ରଭୃତି ସାହିତ୍ୟ ଜଗତ ଓ ପାଠକ ଦରବାର ରେ ଖୁବ ପ୍ରଶଂସା ଲାଭ କରିଛି । ବର୍ତମାନର ସମାଜ ଓ ସମୟକୁ ନେଇ ଶ୍ରୀ ନାୟକ କହନ୍ତି ମୁଁ ସବୁ କିଛି ସମୟ ଉପରେ ଛାଡି ଦେଇଛି । ସମୟ ବେଳେ ବେଳେ ରାସ୍ତା ଉପରେ ନିଲାମ କରେ ସ୍ୱାଭିମାନ । କେବେ କେବେ ଅନ୍ୟ ମନସ୍କ ମୁଁ କାହିଁକି ଜାଣେନା । ମୁଁ ବାଉଳା ପବନ, ମତେ କିଏ ଧରିବ, ମୁଁ ବୈଶାଖର ଝାଂଜି ଖରା, ମତେ କିଏ ସମ୍ଭାଳି ପାରିବ । ପଞ୍ଚାନନ ସର୍ବଦା କହନ୍ତି ମୁଁ ସ୍ୱାଭିମାନ ଓ ସମୟ କୁ ଉପଯୁକ୍ତ ସମ୍ମାନ ଦିଏ । ଅନେକ ଓଡ଼ିଆ ସିନେମା ପାଇଁ ଓ ଯାତ୍ରା ଜଗତ ପାଇଁ ମଧ୍ୟ ସେ ଖୁବ ସୁନ୍ଦର ଓ ମନଛୁଆଁ ଗୀତ ଲେଖି ଛନ୍ତି । ରାଷ୍ଟ୍ରୀୟ ଚିନ୍ତାଧାରା, ଦେଶପ୍ରେମ ଓ ସମାଜ ସେବା କୁ ଶ୍ରୀ ନାୟକ ଅଧିକ ଗୁରୁତ୍ୱ ଦିଅନ୍ତି । ମହାପ୍ରଭୁ ଜଗନ୍ନାଥଙ୍କୁ ସମର୍ପିତ କରି ପଞ୍ଚାନନ ଗୀତ ଲେଖିଲେ .... ଭୋକ ବିକଳରେ ପେଟ ପୋଡି ଯାଏ ତୁ ତ ଷାଠିଏ ପଉଟି ରାନ୍ଧୁ, ବାହା ବାହାରେ ତୁ ମୋ ବଡ଼ ଦେଉଳିଆ ବନ୍ଧୁ । ଆଧୁନିକ ଓଡ଼ିଆ ସଂଗୀତ ଜଗତର ମଉଡମଣୀ ଅକ୍ଷୟ ମହାନ୍ତି ଖୋକା ଭାଇଙ୍କୁ ପଞ୍ଚାନନ ଆଦୌ ଭୁଲି ପାରିବେ ନାହିଁ । ଈଶ୍ୱରଙ୍କ କୃପାରୁ ଶ୍ରୀ ନାୟକଙ୍କର ଭବିଷ୍ୟତର ଚଲାପଥରେ ପୁଷ୍ପ ବୃଷ୍ଟି ହେଉ।

# ସୈଫ୍ ପ୍ରଥମ ବିବାହ କଲା ବେଳକୁ ୧୧ ବର୍ଷର ହୋଇଥିଲେ କରୀନା, କହିଥିଲେ ଏପରି କଥା



ଛୋଟା ନବାବ ତଥା ବଲିଉଡ୍‌ର ଲୋକପ୍ରିୟ ଅଭିନେତା ସୈଫ୍ ଅଲୀ ଖାନ୍ ଓ ତାଙ୍କ ଅଭିନେତ୍ରୀ ପତ୍ନୀ କରୀନା କପୁର ବି-ଟାଉନ୍‌ର ଏକ ଲୋକପ୍ରିୟ ଯୋଡ଼ି। ସେମାନଙ୍କ ପ୍ରେମ ବିବାହ ହୋଇଥିବା ବେଳେ ସୈଫ୍ କରୀନାଙ୍କ ପୂର୍ବରୁ ଅଭିନେତ୍ରୀ ଅମୃତା ସିଂହଙ୍କୁ ବିବାହ କରିଥିଲେ। ସୈଫ୍ ପ୍ରଥମ ବିବାହ ବେଳେ ୨୧ ବର୍ଷର ହୋଇଥିବା ବେଳେ ସେତେବେଳେ କରୀନାଙ୍କୁ ମାତ୍ର ୧୧ ବର୍ଷ ବୟସ ହୋଇଥିଲା। ସୈଫ୍ ଓ ଅମୃତାଙ୍କ ବିବାହ ଉତ୍ସବରେ ଅତିଥି ହୋଇ ପହଞ୍ଚିଥିଲେ କରୀନା। ସେ ସୈଫ୍‌ଙ୍କୁ ବିବାହ ପାଇଁ ଶୁଭେଚ୍ଛା ବାର୍ତ୍ତା ଦେଇଥିବା ବେଳେ ସୈଫ୍ ତାଙ୍କୁ 'ଥ୍ୟାଙ୍କ୍ ୟୁ ବେଟା' ବୋଲି କହିଥିଲେ। ଯେତେବେଳେ ସୈଫ୍ ଓ କରୀନାଙ୍କ ବିବାହ ହେଲା ତ ସେହି ପୁରୁଣା ଭିଡିଓକୁ ନେଇ ବହୁମାତ୍ରାରେ ଚର୍ଚ୍ଚା ହୋଇଥିଲା।

ସୋସିଆଲ୍ ମିଡିଆ ବ୍ୟବହାରକାରୀ ତାହାକୁ ନେଇ ବିଭିନ୍ନ ପ୍ରକାରର ମିମ୍ ବନାଇଥିଲେ। କେହି କେହି ଲେଖିଥିଲେ, 'କେହି ଯଦି ଆପଣଙ୍କୁ ବିବାହରେ ଶୁଭେଚ୍ଛା ଜଣାଉଛି ତ 'ବେଟା' ବୋଲି କୁହନ୍ତୁ ନାହିଁ।

ଅମୃତାଙ୍କୁ ବିବାହ ବେଳେ ସୈଫ୍ ତାଙ୍କଠାରୁ ୧୨ ବର୍ଷ ସାନ ଥିଲେ। ଚର୍ଚ୍ଚା ହେଉଥିଲା କି ନିଜ ବାପାମାଆଙ୍କ ବିରୋଧରେ ଯାଇ ସୈଫ୍ ଅମୃତାଙ୍କୁ ବିବାହ କରିଥିଲେ। ହେଲେ ଏକଥା ବି ସତ ଯେ ସୈଫ୍‌ଙ୍କ ବାହାଘର ପରେ ଘର ଲୋକ ଏକ ଜବରଦସ୍ତ ପାର୍ଟି ଦେଇଥିଲେ।

ହେଲେ ପରବର୍ତ୍ତୀ ସମୟରେ ସୈଫ୍‌ଙ୍କର ଅମୃତାଙ୍କ ସହ ଛାଡ଼ପତ୍ର ହୋଇଥିଲା ଓ ଦ୍ୱିତୀୟ ବିବାହ କରୀନାଙ୍କ ସହ ହୋଇଥିଲା। କରୀନାଙ୍କ ସହ ଏବେ ତାଙ୍କର ତୈମୁର ଓ ଜୈହଙ୍କ ନାମରେ ଦୁଇ ପୁଅ ଅଛନ୍ତି। ସେହିଭଳି ଅମୃତାଙ୍କର ବି ସାରା ଓ ଇବ୍ରାହିମ୍‌ଙ୍କ ନାମରେ ଏକ ଝିଅ ଓ ଏକ ପୁଅ ଅଛନ୍ତି।

# ବିଜୟଙ୍କ ସହ ପ୍ରେମ ସମ୍ପର୍କରେ ଥାଇ ବି ଏବେ ବିବାହ କରିବାକୁ ଚାହୁଁନାହାନ୍ତି ତମନ୍ନା



ବଲିଉଡ୍ ଅଭିନେତ୍ରୀ ତମନ୍ନା ଭାଟିଆ କିଛିଦିନ ତଳେ ତାଙ୍କ ପ୍ରେମ ସଂପର୍କ ବାବଦରେ ମିଡିଆ ଆଗରେ ପ୍ରଥମଥର ପାଇଁ ମୁହଁ ଖୋଲିଥିଲେ। ଅନେକ ଦିନ ଧରି ଡେଟିଂ ଗୁଜବ ମଧ୍ୟରେ ନିକଟ ଅତୀତରେ ବିଜୟ ବର୍ମା ଏବଂ ତମନ୍ନା ଭାଟିଆ ପରସ୍ପର ସହ ପ୍ରେମ ସମ୍ପର୍କରେ ଥିବା ସ୍ୱୀକାର କରିଥିଲେ। ଏହାକୁ ଅଧିକାରୀକ କରିବା ପରେ ଅଭିନେତା ଓ ଅଭିନେତ୍ରୀ ପରସ୍ପରର କାମକୁ ପ୍ରଶଂସା କରିବା ସହ ବିଭିନ୍ନ କାର୍ଯ୍ୟକ୍ରମରେ ଏକାଠି ନଜର ଆସୁଛନ୍ତି। ତେବେ ଭଲପାଇବା ଥିଲେ ବି ୩୩ ବର୍ଷୀୟା ତମନ୍ନା ଏବେ ବିବାହ କରିବାକୁ ଚାହୁଁନଥିବା କହିଛନ୍ତି। ଜାତୀୟ ଗଣମାଧ୍ୟମ ନିଉଜ୍ ୧୮କୁ ସାକ୍ଷାତକାର ଦେଇ ତମନ୍ନା କହିଛନ୍ତି, "ମୁଁ ବର୍ତ୍ତମାନ ବିବାହ କରିବାର ମନୋଭାବରେ ନାହିଁ। ମୋର କ୍ୟାରିୟର ବର୍ତ୍ତମାନ ବହୁତ ଭଲରେ ଚାଲିଛି ଏବଂ ମୁଁ ମୋର କ୍ୟାରିୟର ଉପରେ ଧ୍ୟାନ ଦେବାକୁ ଚାହୁଁଛି। ମୁଁ ବିବାହରେ ବିଶ୍ୱାସ କରେ ଏବଂ କିଛି ଦିନ ପରେ ଏହା ଘଟିବ। କିନ୍ତୁ ବର୍ତ୍ତମାନ ସୁଟିଂ ସେଟ ହିଁ ମୋର ଖୁସିର ସ୍ଥାନ। ମୁଁ ମୋ ପାଖକୁ ଆସୁଥିବା ବିଭିନ୍ନ କାମକୁ ଉପଭୋଗ କରୁଛି ଏବଂ ମୁଁ ଆଶା କରୁଛି ଯେ ଏଭଳି କାମ ମୋତେ ଆଗକୁ ମିଳିବ। " ସେ ଆହୁରି କହିଛନ୍ତି, "ମୋର ପାଞ୍ଚ ମାସ ମଧ୍ୟରେ ୬ଟି ଫିଲ୍ମ ରିଲିଜ୍ ହୋଇଛି ଏବଂ ସମସ୍ତ କାର୍ଯ୍ୟ ପାଇଁ ମୁଁ କୃତଜ୍ଞ। କାରଣ ଲୋକମାନେ ଏହାକୁ ପ୍ରଶଂସା କରିଛନ୍ତି ଏବଂ ପସନ୍ଦ କରିଛନ୍ତି।

# ଗାଁକୁ କାଠପୋଲ: ରାସ୍ତା ନିର୍ମାଣ କଲେ ଯୁବଗୋଷ୍ଠୀ



ହରିଚନ୍ଦନପୁର, ୦୭/୦୯ (ନି.ପ୍ର): ଜନନୀ ଯନ୍ତ୍ରଣା ପାଇଁ ଅପବାଦ ମୁଣ୍ଡାଇଥିଲା କେନ୍ଦୁଝର ଜିଲ୍ଲା ବଡ଼ପଳାଶପାଳ ପଞ୍ଚାୟତର ଦୁର୍ଗମ କହ୍ନେଇଗୋଳା ଗ୍ରାମ। ଗାଁକୁ ସବୁଦିନିଆ ରାସ୍ତା ଓ ତିନିଟି ପାହାଡ଼ି ନାଳ ଉପରେ ପୋଲ ନଥିବାରୁ ଗର୍ଭବତୀମାନେ କେତେବେଳେ ଭାରାରେ ବୁହା ହେଉଥିଲେ ତ ଆଉ କେତେବେଳେ ଚାଲିଚାଲି ସେମାନଙ୍କୁ ନାଳ ପାର ହେବାକୁ ପଡୁଥିଲା। ଜନନୀ ଯନ୍ତ୍ରଣାର ଏଭଳି ବିକଳ ଚିତ୍ର ବାରମ୍ବାର ସାମ୍ନାକୁ ଆସିବା ସତ୍ତ୍ୱେ ପ୍ରଶାସନ କୌଣସି ପଦକ୍ଷେପ ନ ନେବାରୁ ଗ୍ରାମର ଯୁବଗୋଷ୍ଠୀ ନିଜେ ଚାନ୍ଦା କରି ରାସ୍ତା ନିର୍ମାଣ କରିବା ସହ ନାଳ ଉପରେ କାଠପୋଲ ନିର୍ମାଣ କରିଛନ୍ତି। ବଡ଼ପଳାଶପାଳ ପଞ୍ଚାୟତର ଦୁର୍ଗମ ରାଣୀପଦା, ନୋଲ, କହ୍ନେଇଗୋଳା ଓ ବାଉଁରୁ ଗ୍ରାମରେ ଜୁଆଙ୍ଗ ଜନଜାତିର ଲୋକେ ବାସ କରନ୍ତି। ଦୁଇବର୍ଷ ତଳେ ବଡ଼ପଳାଶପାଳରୁ ରାଣୀପଦା ଗ୍ରାମ ପର୍ଯ୍ୟନ୍ତ ୮କିଲୋମିଟର ରାସ୍ତା ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ନିର୍ମାଣ କରାଯାଇଥିଲା। ରାଣୀପଦାରୁ କହ୍ନେଇଗୋଳା ଗ୍ରାମର ଦୂରତା ଅଢ଼େଇ କିଲୋମିଟର। ଗାଁକୁ ଯିବାକୁ ହେଲେ ଛୋଟଛୋଟ ୪ଟି ନାଳ ପାର ହେବାକୁ ପଡ଼ିଥାଏ। ବର୍ଷାଦିନେ ଏହି ପାହାଡ଼ି ନାଳଗୁଡ଼ିକରେ ପାଣିର ପ୍ରଖର ସ୍ରୋତ ଯୋଗୁଁ କହ୍ନେଇଗୋଳା ଗ୍ରାମକୁ ଗାଡ଼ିମୋଟର ଯାଇପାରେ ନାହିଁ। ଗତ ଦେଢ଼ମାସ ମଧ୍ୟରେ ଗାଁକୁ ଆମ୍ବୁଲାନ୍ସ ଯାଇନପାରିବାରୁ ୩ଜଣ ଗର୍ଭବତୀ ନାଳପାର ହୋଇ ଅଢ଼େଇ କିଲୋମିଟର ରାସ୍ତା ଚାଲିଚାଲି ରାଣୀପଦା ଗ୍ରାମ ପର୍ଯ୍ୟନ୍ତ ଆସିଥିଲେ। ପରେ ସେମାନଙ୍କୁ ଆମ୍ବୁଲାନ୍ସ ଯୋଗେ ଡାକ୍ତରଖାନା ନିଆଯାଇଥିଲା। ସେହିପରି କହ୍ନେଇଗୋଳା ଗ୍ରାମରେ ଥିବା ଆଶ୍ରମ ସ୍କୁଲରେ ୧୦୦ ଶଯ୍ୟା ବିଶିଷ୍ଟ ହଷ୍ଟେଲ ରହିଛି। ରାସ୍ତା ନଥିବାରୁ ବର୍ଷାଦିନେ ସ୍କୁଲ କର୍ତ୍ତୃପକ୍ଷ ରାଣୀପଦା ଗ୍ରାମରୁ ପିଲାଙ୍କ ଖାଦ୍ୟ ସାମଗ୍ରୀ ଭାର କରିନେଇଥା'ନ୍ତି। ବାରମ୍ବାର ପ୍ରଶାସନକୁ ଅବଗତ କରିବା ସତ୍ତ୍ୱେ ଏଠାରେ ରାସ୍ତା ଓ ପୋଲ ନିର୍ମାଣ ପାଇଁ କୌଣସି ପଦକ୍ଷେପ ନିଆଗଲା ନାହିଁ। ଶେଷରେ ଗ୍ରାମର ଯୁବକମାନେ ରାସ୍ତା ନିର୍ମାଣ ପାଇଁ ଅଣ୍ଟା ଭିଡ଼ିଲେ। ଟ୍ରାକ୍ଟରରେ ମୋରମ୍ ବୋହି ଆଣି ରାସ୍ତାରେ ପକାଇବା ସହ ଜେସିବି ମେସିନ୍ ଲଗାଇ ସମତୁଲ କରିଛନ୍ତି। ସେହିପରି ୩ଟି ନାଳ ଉପରେ କାଠଗଣ୍ଡି ପକାଇ ଅସ୍ଥାୟୀ ପୋଲ ନିର୍ମାଣ କରିଛନ୍ତି। ମୂଷଳ ନାଳ ଉପରେ ଯାତାୟାତ ପାଇଁ ପଥର ପକାଇଛନ୍ତି। ଏବେ ଗ୍ରାମକୁ ବାଇକ୍ ଓ ଛୋଟଛୋଟ ଗାଡ଼ି ଯାତାୟାତ କରିପାରିବ ବୋଲି ଗ୍ରାମର ଯୁବକମାନେ ଜଣାଇଛନ୍ତି। ରାସ୍ତା ମରାମତି ଓ କାଠପୋଲ ନିର୍ମାଣ ପାଇଁ ୨୦ ହଜାର ଟଙ୍କା ଖର୍ଚ୍ଚ ହୋଇଛି। ଏସବୁ ସେମାନେ ଚାନ୍ଦା କରି ଯୋଗାଡ଼ କରିଥିବା କହିଛନ୍ତି। ତୁରନ୍ତ ରାଣୀପଦାରୁ କହ୍ନେଇଗୋଳା ଗ୍ରାମ ପର୍ଯ୍ୟନ୍ତ ସବୁଦିନିଆ ପକ୍କାରାସ୍ତା ନିର୍ମାଣ କରିବାକୁ ଗ୍ରାମର ଯୁବକ ସଞ୍ଜୟ କୁମାର ମହକୁଡ଼, କୁନୁ ଅରୁକ, ମାନସ ଅରୁକ, ବିଜୁ ମହାକୁଡ଼, ହଳଧର ଜୁଆଙ୍ଗ, ଦୁଃଶାସନ ଜୁଆଙ୍ଗ, ପୂର୍ଣ୍ଣ ଜୁଆଙ୍ଗ, ଜଟେଶ୍ୱର ଜୁଆଙ୍ଗ, ଯଦୁ ମହାକୁଡ଼, ବିଦେଶୀ ବେହେରା, ବିନୋଦ ଜୁଆଙ୍ଗ, ଶୈଳ ଜୁଆଙ୍ଗ ପ୍ରମୁଖ ଦାବି କରିଛନ୍ତି।

# ସଦେଇପାଲି ନିକଟରେ ନରସିଂହଙ୍କୁ ସମ୍ବର୍ଦ୍ଧନା ଦେଲେ ଭୂମିହୀନ : ନରସିଂହ ନଗର ନାମରେ ବସ୍ତିର ନାମକରଣ ନିଷ୍ପତ୍ତି

ବଲାଙ୍ଗିର, ୦୭/୦୯ (ନି.ପ୍ର): ସଦେଇପାଲି ଓ ଆଖପାଖ ଅଂଚଳରେ ଥିବା ଭୀମହୀନ ଦଳିତ ଲୋକେ ୨୦ବର୍ଷ ପୂର୍ବରୁ ଜମି ପଟ୍ଟା ପାଇଥିଲେ କିନ୍ତୁ ଦୀର୍ଘ ୨୦ ବର୍ଷ ଭିତରେ ସେମାନେ କେଉଁ ଜମିର ପଟ୍ଟା ପାଇଲେ ତାଙ୍କୁ ଜଣାନଥିଲା। ଶହ ଶହ ଥର ସରକାରୀ କାର୍ଯ୍ୟାଳୟ ଦୌଡୁଥିଲେ ମଧ୍ୟ ସେମାନେ ହତାଶ ହୋଇ ଫେରୁଥିଲେ। ଏହି ସମସ୍ୟାକୁ ନେଇ ଏଠାକାର ହରିଜନ ଆଦିବାସୀମାନେ ବଲାଙ୍ଗିର ବିଧାୟକ ନରସିଂହ ମିଶ୍ରଙ୍କୁ ଭେଟି ତାଙ୍କ ସମସ୍ୟା ବାବଦରେ ଅବଗତ କରାଇବା ପରେ ବିଧାୟକ ଶ୍ରୀ ମିଶ୍ର ବିଭାଗୀୟ ଅଧିକାରୀ ଯଥା ତହସିଲଦାର ଓ ଅନ୍ୟାନ୍ୟ ରାଜସ୍ୱ ଅଧିକାରୀମାନଙ୍କୁ ଏହି ଗରିବ ଲୋକମାନଙ୍କୁ ଦିଆଯାଇଥିବା ଜମି ପଟ୍ଟା ସଠିକ୍ ଜମି ଚିହ୍ନଟ କରି ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଖୁସିର ବିଷୟ ବିଭାଗୀୟ ଅଧିକାରୀମାନେ ମଧ୍ୟ ତତ୍ପରତା ସହ କାମ କରି ବହୁ କମ୍ ଦିନ ଭିତରେ ଏହି ଗରିବ ଭୂମିହୀନମାନଙ୍କୁ ତାଙ୍କୁ ପ୍ରଦାନ କରା ଯାଇଥିବା ପଟ୍ଟାର ଜମି ଚିହ୍ନଟ କରି ଜମି ହସ୍ତାନ୍ତର କରିଥିଲେ। ଯାହା ଫଳରେ ବଲାଙ୍ଗିର ବ୍ଲକ ସ୍ଥିତ ସଦେଇପାଲି ପଂଚାୟତର ସଦେଇପାଲି ନିକଟସ୍ଥ ହାତୀମୁଣ୍ଡିଆ ପାହାଡ ପାଖରେ ଏହି ୧୪୧ ଜଣ ହିତାଧିକାରୀ ବଲାଙ୍ଗିର ବିଧାୟକଙ୍କୁ ସେମାନେ ପାଇଥିବା ଘର ଡିହ ନିକଟକୁ ନିମନ୍ତ୍ରଣ କରି ଗତକାଲି ଏକ ସଭାର ଆୟୋଜନ କରିଥିଲେ। ସଭାରେ ଏହି ପରିବାର ମାନଙ୍କ ତରଫରୁ ବିଧାୟକ ଶ୍ରୀ ମିଶ୍ରଙ୍କୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ପୂର୍ବତନ ଶିକ୍ଷକ ବାସୁଦେବ ମୁଗ୍ରୀଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ସଭାରେ ୧୪୧ ଜଣ ପରିବାର ତାଙ୍କର ଅନ୍ୟାନ୍ୟ ସମସ୍ୟା ବାବଦରେ ବିଧାୟକ ଶ୍ରୀ ମିଶ୍ରଙ୍କୁ ଅବଗତ କରାଇଥିଲେ। ବିଶେଷ କରି ଏହି ଚିହ୍ନଟ ହୋଇଥିବା ଏହି ଘରଡିହକୁ ରାସ୍ତା, ପିଇବା ପାଣି ଏବଂ ବିଜୁଳି ପରି ମୌଳିକ ସୁବିଧା ନ ଥିବାରୁ ଆଗାମୀ ଦିନରେ ସେମାନେ ଅନେକ ଅସୁବିଧା ସମ୍ମୁଖିନ ହେବାର ସମ୍ଭାବନା ଅଛି ବୋଲି କହିଥିଲେ। ବିଧାୟକ ଶ୍ରୀ ମିଶ୍ର ପ୍ରତିଉତ୍ତରରେ ରାସ୍ତା ନିର୍ମାଣ ପାଇଁ ତୁରନ୍ତ ନିଜ ବିଧାୟକ ପାଣ୍ଠିରୁ ଅନୁଦାନ ରାଶି ପ୍ରଦାନ କରିବେ ବୋଲି ଘୋଷଣା କରିବା ସହ ଯେତେ ଶୀଘ୍ର ହେବ ରାସ୍ତା ନିର୍ମାଣ ହୋଇପାରିଲେ ଲୋକେ ନିଜ ନିଜ ବାସଗୃହ ନିର୍ମାଣ ଆରମ୍ଭ କରନ୍ତୁ, ନିଶ୍ଚିତ ଭାବରେ ସେ ସମୟରେ ଗ୍ରାମ୍ୟ ପାନୀୟ ଜଳ ଏବଂ ବିଜୁଳି ବିଭାଗକୁ କହି ଏଠାରେ ପିଇବା ପାଇଁ ଓ ବିଜୁଳିର ସୁବିଧା କରାଯିବ ବୋଲି ପ୍ରତିଶୃତି ଦେଇଥିଲେ। ଗାଁବାସୀଙ୍କ ତରଫରୁ ଏହି ହାତୀମୁଣ୍ଡିଆ ପାହାଡକୁ ଏକ ପର୍ଯ୍ୟଟନ ସ୍ଥଳିର ମାନ୍ୟତା ପାଇଁ ବିଧାୟକ ଶ୍ରୀ ମିଶ୍ରଙ୍କୁ ପ୍ରଚେଷ୍ଟା କରନ୍ତୁ ବୋଲି କୁହାଯାଇଥିଲା। ବିସ୍ତାବିତ ପରିବାରମାନଙ୍କ ତରଫରୁ ଦୀର୍ଯ୍ୟୁ ମୁଗ୍ରୀ ଏଠାରେ ସ୍ଥାପନ ହେବାକୁ ଥିବା ୧୪୧ ଜଣଙ୍କ ଏହି ବସ୍ତିକୁ ନରସିଂହନଗର ନାମରେ ନାମିତ କରାଯିବାର ପ୍ରସ୍ତାବ ଦେଇଥିଲେ ଯାହାକି ସେଠାରେ ଉପସ୍ଥିତ ଥିବା ସମସ୍ତ ହିତାଧିକାରୀ ପରିବାର ଏହାର ପୂର୍ଣ୍ଣ ସମର୍ଥନ ଜଣାଇଥିଲେ। ଆଜି ଅନୁଧ୍ୟାନ କଲେ ଆହୁରି ମଧ୍ୟ ଅନେକ ପରିବାର ଭୂମିହୀନ ଭାବେ ରହିଯାଇଛନ୍ତି। ପ୍ରଶାସନ ସହ ଆଲୋଚନା କରି ସେହି ସମସ୍ତ ଭୂମିହୀନ ମାନଙ୍କୁ ମଧ୍ୟ ବିନା ମୂଲ୍ୟରେ ଘରଡିହ ପ୍ରଦାନ କରାଯିବ ବୋଲି ବିଧାୟକ ଶ୍ରୀ ମିଶ୍ର ପ୍ରତିଶୃତି ଦେଇଥିଲେ। ଏହି ଆଲୋଚନା ସଭାରେ ଅନ୍ୟମାନଙ୍କ ମଧ୍ୟରେ ଦଳିତ ନେତା ଓମ୍ ପ୍ରକାଶ କୁମ୍ଭାର, ଜ୍ୟୋତିଷ ମୁଗ୍ରୀ, ପୂର୍ବତନ ସରପଂଚ ଶ୍ରୀ ସାଏ, ଫକିର ମୋହନ ଥାର୍ଟି, ଗଦିଲ ମୁଗ୍ରୀ, ଡ. ପ୍ରଶାନ୍ତ ପ୍ରଧାନ ପ୍ରମୁଖ ମଂଚାସୀନ ଥିବା ବେଳେ ସହସ୍ରାଧିକ ଗ୍ରାମବାସୀ ଉପସ୍ଥିତ ଥିଲେ।

## ମନ୍ଦିରର ବିକାଶ ସହ ମରାମତି ପାଇଁ ହେଲା ଶୁଭାରମ୍ଭ

ଜୟପୁର, ୦୭/୦୯ (ନି.ପ୍ର): ଜୟପୁର ସହରର ୪ଟି ମନ୍ଦିରର ବିକାଶ ସହ ମରାମତି ପାଇ ଶୁଭାରମ୍ଭ ହୋଇଛି। ଜୟପୁରର ଜଗନ୍ନାଥ ମନ୍ଦିର, ବଲ୍ଲଭ ନାରାୟଣ ମନ୍ଦିର, ମା ଭଗବତୀ ମନ୍ଦିର ଓ ଲକ୍ଷ୍ମୀ ମନ୍ଦିରର ବିକାଶ ଓ ମରାମତି ପାଇ ଶୁଭ ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ଜଗନ୍ନାଥ ମନ୍ଦିର ନିର୍ମାଣ କରିଥିବା କାରିଗର କାର୍ତ୍ତିକ ମହାରଣା ରାସ୍ତା ଓ ଗୃହ ବିଭାଗର ଅଧିକ୍ଷଣ ଯନ୍ତ୍ରୀ କ୍ଷୀରଧର କନ୍ଦପାଣୀ, ଏସଡିପିଓ ସୋମନାଥ ତ୍ରିପାଠୀ, ତହସିଲଦାର ସାଗରିକା ଷଡଙ୍ଗୀ, ଜଗନ୍ନାଥ ସେବା ସମିତିର ସଭାପତି ନଟେନ୍ଦ୍ର ନାଥ ନାୟକ, ସମ୍ପାଦକ ସ୍ୱାଧିନ କୁମାର ସାହୁ ସହ ଦେବୋତର ବିଭାଗର ଉପଦେଷ୍ଟା ସଦସ୍ୟ ମାନେ ଉପସ୍ଥିତ ରହି ମନ୍ଦିରର ଉନ୍ନତି କରଣ ଓ ମତାମତି ପାଇ ଶୁଭାରମ୍ଭ କରାଯାଇଛି। ଜଗନ୍ନାଥ ଓ ବଲ୍ଲଭ ନାରାୟଣଙ୍କ ନିକଟରେ ପୁଜା ପାଠ କରାଯାଇ ଜଗନ୍ନାଥ ମନ୍ଦିର ନିର୍ମାଣ କରିଥିବା କାରିଗର ଶୁଭାରମ୍ଭ କରିଥିଲେ। ଗତ ଦିନ ରେ ୫-ଟି ସଚିହ ଭି କେ ପାଣ୍ଡିଆନ ଜଗନ୍ନାଥ ମନ୍ଦିର, ଭଗବତୀ ମନ୍ଦିର ଓ ବଲ୍ଲଭ ନାରାୟଣ ମନ୍ଦିର ପରିଦର୍ଶନ କରି ମନ୍ଦିରର ବିକାଶ ଓ ମରାମତି ପାଇ ୧ କୋଟି ୨୦ ଟଙ୍କାର ସ୍ୱତନ୍ତ୍ର ଅନୁଦାନ ମଞ୍ଜୁର ହୋଇଛି। ଏଠାରେ ଜଗନ୍ନାଥମନ୍ଦିର କବାଟ, ମୁଖ୍ୟ ଗେଟ, ନାଟ୍ୟ ମନ୍ଦିର କାମ ବଲ୍ଲଭ ନାରାୟଣ ମନ୍ଦିରର ମରାମତି ଭଗବତୀ ମନ୍ଦିରର ଦ୍ୱାରାପାଳ, ଲକ୍ଷ୍ମୀ ମନ୍ଦିର ସହ ରେଲିଂ ଆଦି କାର୍ଯ୍ୟ ହେବାକୁ ଯାଉଛି।

# ବନ୍ଦେଭାରତର ବେଗକୁ ନେଇ ଏବେଠୁ ଅସନ୍ତୋଷ: ସେପ୍ଟେମ୍ବର ୩୦ ନହେଲେ ଅକ୍ଟୋବର ୧୫ ଭିତରେ ଗଡ଼ିବ



ରାଉରକେଲା, ୦୭/୦୯ (ନି.ପ୍ର): ଖୁବଶୀଘ୍ର ବହୁ ପ୍ରତିକ୍ଷୀତ ପୁରୀ-ରାଉରକେଲା ବନ୍ଦେଭାରତ ଟ୍ରେନ୍ ଚାଲିବ। ସେପ୍ଟେମ୍ବର ୩୦ ତାରିଖରୁ ବନ୍ଦେଭାରତ ଗଡ଼ିବ ବୋଲି କୁହାଯାଉଛି। ଏ ପର୍ଯ୍ୟନ୍ତ କିନ୍ତୁ ଆନୁଷ୍ଠାନିକ ସୂଚନା ଆସିନଥିବା ରାଉରକେଲା ଷ୍ଟେସନ ମ୍ୟାନେଜରଙ୍କ ସୂଚନାରୁ ପ୍ରକାଶ। ତେବେ ସେପ୍ଟେମ୍ବର ୩୦ ସୁଦ୍ଧା ନ ହେଲେ ମଧ୍ୟ ଦ୍ୱିତୀୟ ସପ୍ତାହ ଭିତରେ ଏହି ଟ୍ରେନ ଗଡ଼ିବାର ସମ୍ଭାବନା ସର୍ବାଧିକ। ତେବେ ଏହି ପ୍ରସ୍ତାବିତ ବନ୍ଦେଭାରତର ଗତିକୁ ନେଇ ଏବେଠାରୁ ଅସନ୍ତୋଷ ଦେଖିବାକୁ ମିଳିଲାଣି। ୫୦୫ କିଲୋମିଟର ଅତିକ୍ରମ କରିବାକୁ ଥିବା ଏହି ଟ୍ରେନ୍‌ର ହାରାହାରି ଗତି ଘଣ୍ଟାପ୍ରତି ୬୬.୨୪ କିଲୋମିଟର ରହିବ। ଏହା ହେଉଛି ଦେଶରେ ଚାଲିଥିବା ଅନ୍ୟାନ୍ୟ ବନ୍ଦେଭାରତ ଏକ୍ସପ୍ରେସ୍ ତୁଳନାରେ ଢ଼େର କମ୍। ଦେଶସାରା ଗଡୁଥିବା ବନ୍ଦେଭାରତ ଏକ୍ସପ୍ରେସ୍‌ର ଗତିକୁ ଘଣ୍ଟାପ୍ରତି ୧୩୦ କିଲୋମିଟରରେ ସୀମିତ ରଖାଯାଇଛି। ମଧ୍ୟପ୍ରଦେଶର ଜଣେ ସୂଚନା ଅଧିକାରୀ କର୍ମୀ ଚନ୍ଦ୍ର ଶେଖର ଗୌଡ଼ଙ୍କୁ ମିଳିଥିବା ଆରଟିଆଇର ତଥ୍ୟ ଅନୁସାରେ, ଗତ ୨୦୨୧-୨୨ରେ ଦେଶବ୍ୟାପୀ ଚାଲୁଥିବା ବନ୍ଦେଭାରତ ଏକ୍ସପ୍ରେସ୍‌ର ହାରାହାରି ବେଗ ଘଣ୍ଟାପ୍ରତି ୮୪.୪୮ କିଲୋମିଟର ରହିଥିଲା। ତେବେ ୨୦୨୨-୨୩ରେ ହାରହାରି ବେଗ ହ୍ରାସ ପାଇ ୮୧.୩୮ କିଲୋମିଟରରେ ପହଞ୍ଚିଥିଲା। ବାସ୍ତବରେ ରେଳଧାରଣା ଉଚ୍ଚକ୍ଷମତା ସଂପନ୍ନ ହୋଇନଥିବାରୁ ଏହି ଟ୍ରେନ୍ ତା'ର ପ୍ରକୃତ ବେଗ ଛୁଇଁପାରୁନି। ରାଉରକେଲା-ପୁରୀ ମଧ୍ୟରେ ଥିବା ରେଳଧାରଣାର ସ୍ଥିତି ମଧ୍ୟ ମଧ୍ୟ ସମାନ। ସମ୍ଭବତଃ ଏହି କାରଣରୁ ଏହି ପଥରେ ବେଗକୁ କମ୍ ରଖାଯାଇଛି। ଉଲ୍ଲେଖଯୋଗ୍ୟ, ପୂର୍ବତଟ ରେଳବାଇ ଅଧିନରେ ଚାଲିବାକୁ ଥିବା ଏହି ଟ୍ରେନ୍ ମୋଟ୍ ୮ଟି ରେଳ ଷ୍ଟେସନ ଦେଇ ଗତି କରିବ। ବନ୍ଦେଭାରତ ଏକ୍ସପ୍ରେସ୍‌ର ବେଗ ଆସିବା ସମୟରେ ହାରାହାରି ୬୫.୧୭ କିଲୋମିଟର ରହିବ ଓ ପ୍ରାୟ ୭ ଘଣ୍ଟା ୪୫ ମିନିଟରେ ରାଉରକେଲାରେ ପହଞ୍ଚିବ। ତେବେ ରାଉରକେଲାରୁ ଯିବାବେଳେ ବେଗ ସାମାନ୍ୟ ଅଧିକ, ଅର୍ଥାତ୍ ୬୭.୩୩ କିଲୋମିଟର ରହିବ ଓ ଏହା ପ୍ରାୟ ସାଢ଼େ ୭ ଘଣ୍ଟା ଭିତରେ ପୁରୀରେ ପହଞ୍ଚିବ। ସଂପ୍ରତି ରାଉରକେଲା ଦେଇ ସିଧାସଳଖ ପୁରୀକୁ ୩ଟି ଟ୍ରେନ୍ ଚଳାଚଳ କରୁଛି। ସେଗୁଡ଼ିକ ହେଲା ରାଉରକେଲା-ପୁରୀ ଇଣ୍ଟରସିଟି, କଳିଙ୍ଗ ଉତ୍କଳ ଏକ୍ସପ୍ରେସ୍ ଓ ତପସ୍ୱିନୀ ଏକ୍ସପ୍ରେସ୍। ତପସ୍ୱିନୀ ଏକ୍ସପ୍ରେସ୍‌ରେ ରାଉରକେଲାରୁ ପୁରୀକୁ ଯିବାକୁହେଲେ ପାଖାପି ୧୦ ଘଣ୍ଟା ୫୦ ମିନିଟ୍ ସମୟ ଲାଗୁଥିବାବେଳେ କଳିଙ୍ଗ ଉତ୍କଳ ଏକ୍ସପ୍ରେସ୍‌ରେ ପାଖାପାଖି ୧୨ ଘଣ୍ଟା ୨୫ ମିନିଟ ଓ ପୁରୀ ଇଣ୍ଟରସିଟିରେ ୧୪ ଘଣ୍ଟା ୫୦ ମିନିଟ ସମୟ ଲାଗୁଛି। ଏହି ତିନି ଟ୍ରେନ୍‌ର ହାରହାରି ବେଗ ୪୮-୫୩ କିଲୋମିଟର ଭିତରେ ରହିଛି। ବନ୍ଦେଭାରତ କେବଳ ୭.୩୦/୭.୪୫ ଘଣ୍ଟା ଭିତରେ ପହଞ୍ଚିବ; କିନ୍ତୁ ବେଗ ଆଶାନୁରୂପ ରହିବନି। ଉଲ୍ଲେଖଯୋଗ୍ୟ, ଦେଶର ବିଭିନ୍ନ ପଥରେ ଗଡୁଥିବା ଅନ୍ୟାନ୍ୟ ବନ୍ଦେଭାରତ ତୁଳନାରେ ମୁମ୍ବାଇ ସିଏସ୍ଏମ୍‌ଟି- ସାଇନଗର ସିରିଡ଼ି ଏକ୍ସପ୍ରେସ୍‌ର ହାରହାରି ବେଗ(୬୪ କିଲୋମିଟର ଘଣ୍ଟାପ୍ରତି) ହେଉଛି ଏବଂ ଦିଲ୍ଲୀ-ବାରାଣାସୀ ବନ୍ଦେଭାରତ ଏକ୍ସପ୍ରେସ୍‌ର ହାରାହାରି ବେଗ (୯୫ କିଲୋମିଟର) ହେଉଛି ସର୍ବାଧିକ।

# ବାଣୀ ସାହିତ୍ୟ ସଂସଦର ୩୫ ତମ ସ୍ୱନକ୍ଷତ୍ର ଉତ୍ସବ ପାଳନ

ଭୁବନ, ୦୭/୦୯ (ନି.ପ୍ର): ପବିତ୍ର ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ପାବନ ତିଥିରେ,ବାଣୀ ସାହିତ୍ୟ ସଂସଦର ବାର୍ଷିକୋତ୍ସବ ବରିଷ୍ଠ ନାଗରିକ ସଂଘ ଗୃହ ରେ ମହାସମାରୋହରେ ପାଳିତ ହୋଇଯାଇଛି। ସସ୍ୱସଦର ପ୍ରତିଷ୍ଠାତା ସଭାପତି ବାଣୀଶ୍ରୀ ରବୀନ୍ଦ୍ର କୁମାର ହୋତାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ନଗରପାଳ ଶୁଭେନ୍ଦୁ କୁମାର ସାହୁ ଉଦ୍ ଘାଟକ ଭାବେ ଯୋଗଦେଇ ଥିଲା ବେଳେ ସ୍ଥାନୀୟ ତହସିଲଦାର ଡଃ ଅସ୍ୱଶୁମାନ ମହାପାତ୍ର ମୁଖ୍ୟ ଅତିଥି ,ଡଃ ଶରତ ରାୟ ମୁଖ୍ୟ ବକ୍ତା ଓ ଝାଡେଶ୍ୱର ମହାବିଦ୍ୟାଳୟର ଅଧକ୍ଷ, ଡଃ ଯୁଗଳ କିଶୋର ହୋତା ସମ୍ମାନିତ ଅତିଥି ରୂପେ ଯୋଗ ଦେଇ କୃଷ୍ଣ ଚେତନାର ଆଜି ସମାଜରେ ପ୍ରୟୋଜନୀୟତା ଉପରେ ଆଲୋଚନା କରି ଥିଲେ। ଏହି ଅବସରରେ ସଭାପତିଙ୍କ ରଚିତ ବାଣୀଶ୍ରୀ ପଦାବଳୀ କୁ ଅତିଥି ଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲ। ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭକରିଥିବା ୪ଜଣ ପ୍ରତିଭା ଯଥାକ୍ରମେ,ସମାଜ ସେବା ପାଇଁ ଭୁବନେଶ୍ୱର ର ସୁଶ୍ରୀ ସରୋଜିନୀ ମହାନ୍ତି, କବୟିତ୍ରୀ ବିଳାସିନୀ ପୃଷ୍ଟି , ସୁକାନ୍ତି କୁମାରୀ ନନ୍ଦ ଓ ସାହିତ୍ୟ ପାଇଁ ତୁଳସୀ ନାୟକ ଙ୍କୁ ପୁଷ୍ପ ଗୁଚ୍ଛ ଅଙ୍ଗ ବସ୍ତ୍ର ଓ ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ୨ୟ ଅଧିବେଶନ ଆର୍ଯ୍ୟ କବି ପ୍ରମୋଦକୁମାର ମିଶ୍ର ଙ୍କ ଅଧ୍ୟକ୍ଷତା ଓ କବି ପ୍ରଶାନ୍ତ ଦ୍ୱିବେଦୀ, ଡଃ ନାୟକଙ୍କ ସଂଯୋଜନା ରେ ୨୫ ଜଣ କବି ସ୍ୱରଚିତ କବିତା ଗାନ କରି ଥିଲେ।କବିତା ପାଠ କରିଥିବା କବି ଓ କବୟତ୍ରୀ ମାନଙ୍କ ମଧ୍ୟରେ,ବିଳାସିନୀ ପୃଷ୍ଟି,ସୁକାନ୍ତି ନନ୍ଦ, ଉଦ୍ଧବ ମହାପାତ୍ର, ଲଳିତା ନାୟକ, ପ୍ରିୟମ୍ବଦା ମିଶ୍ର, ବିନୟ ପଟନାୟକ, ହୃଷିକେଶ ସାହୁ, ବାସନ୍ତୀ କୁମାରୀ ମିଶ୍ର, ନଳିନୀ ମଞ୍ଜରୀ ମିଶ୍ର କବି କୁଳମଣି ଦତ ପ୍ରଭୃତି ୨୫ ଜଣ କବି କବିତା ଆବୃତି କରିଥିଲେ। ଆଜିର ମୁଖ୍ୟ ଅତିଥି ତହସିଲଦାର ଡଃ ଅସ୍ୱଶୁମାନ ମହାପାତ୍ର ସସ୍ୱସଦ ପାଇଁ ଗୋଟିଏ ଜମି ଯୋଗାଇ ଦେବାର ଦୃଢ଼ ପ୍ରତିଶୃତି ଦେଇ ଥଲେ।

## ଅସହାୟଙ୍କ ଦେବଦୂତ ସାଜିଲେ ମହିଳା ସଭାନେତ୍ରୀ ଲକ୍ଷ୍ମୀପ୍ରିୟା

ମାଲକାନଗିରି, ୦୭/୦୯ (ନି.ପ୍ର): ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକ ଅନ୍ତର୍ଗତ କୁରିଗୁଡ଼ା ଗ୍ରାମର ଜଣେ କୋମଳ ମତି ଶିଶୁ ବୟସ ୭ ବର୍ଷ ଦୀର୍ଘ ଦିନ ଧରି ରୋଗ ଶଯ୍ୟାରେ ପଡ଼ି ରହିଥିଲା। ବାପା ମା ଦିନ ମଜୁରିଆ ଓଳିଏ ଖାଇଲେ ଓଳିଏ ନାହିଁ ଝିଅ ସଞ୍ଜୁର ଚିକିତ୍ସାରେ ବାଧା ସାଜୁଥିଲା ଅର୍ଥ। ଅର୍ଥ ଅଭାବରୁ ଶଯ୍ୟାଶାୟୀ ହୋଇ ରହିଥିଲା ସଞ୍ଜୁ ପାଖ ଡାକ୍ତର ଖାନା ରେ ଯେତେ ବି ଚିକିତ୍ସା କଲେ କିଛି ଲାଭ ମିଳୁ ନଥିଲା। ଧୈର୍ଯ୍ୟ ହରାଇ ଝିଅ ଟିକୁ ଘରେ ପକାଇ ରଖି ଥିଲେ ବାପା ମା, ବିଭିନ୍ନ ଗଣ ମାଧ୍ୟମରେ ପ୍ରସାରଣ ହେଲା ପରେ ଖବର ପାଇ ପହଂଚି ଲେଜିଲ୍ଲାପରିଷଦ ସଭ୍ୟା ତଥା ବିଜୁ ଜନତା ଦଳ ଜିଲ୍ଲା ମହିଳା ସଭାନେତ୍ରୀ ଲକ୍ଷ୍ମୀପ୍ରିୟା ନାୟକ ଶିଶୁ କନ୍ୟାଟିର ସ୍ୱାସ୍ଥ୍ୟ ଅବସ୍ଥା ଦେଖି ତୁରନ୍ତ ଆମ୍ବୁଲାନ୍ସ ଯୋଗେ ମାଥିଲି ଉପଖଣ୍ଡ ଚିକିତ୍ସାଳୟକୁ ଆଣିଥିଲେ ଏବଂ ଡାକ୍ତର ଅମୟ କୁମାର ସ୍ୱାଇଁଙ୍କ ନେତୃତ୍ୱରେ ଏକ ଦୁଇ ଜଣିଆ ଡ଼ାକ୍ତରି ଟିମ୍ ସ୍ୱାସ୍ଥ୍ୟ ସେବାରେ ଲାଗିଥିଲେ।

## ବ୍ରହ୍ମପୁର କରଞ୍ଜିଆ ଶିଶୁ ବିଦ୍ୟା ମନ୍ଦିରରେ କୃଷ୍ଣ ଜନ୍ମାଷ୍ଟମୀ ପାଳିତ

ଚମ୍ପୁଆ, ୦୭/୦୯ (ନି.ପ୍ର): ଚମ୍ପୁଆ ବ୍ଲକ୍ ଅନ୍ତର୍ଗତ ବ୍ରହ୍ମପୁର କରଞ୍ଜିଆ ଶିଶୁ ବିଦ୍ୟା ମନ୍ଦିର ରେ ଜନ୍ମାଷ୍ଟମୀ ଉତ୍ସବ ପାଳିତ ହୋଇଯାଇଛି। ବିଦ୍ୟାଳୟ ର ପ୍ରଧାନ ଆଚାର୍ଯ୍ୟ କୃଷ୍ଣଚନ୍ଦ୍ର ମହାକୁଡଙ୍କ ତତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ରଶ୍ମିତା ମହାନ୍ତ, ମୁଖ୍ୟ ବକ୍ତା ଭାବେ ବିଦ୍ୟାଳୟ ପରିଚାଳନା ସମିତିର ସମ୍ପାଦକ ବିଜୟ କୁମାର ଗିରି, ଯୁଗ୍ମ ସମ୍ପାଦକ ରଞ୍ଜନ ରାକେଶ ମହାନ୍ତ ଓ ସଦସ୍ୟା ଶର୍ମିଷ୍ଠା ପ୍ରଧାନ ଯୋଗ ଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଅତିଥି ପରିଚୟ ପ୍ରଦାନ ସହ କାର୍ଯ୍ୟକ୍ରମ ର ଆଭିମୁଖ୍ୟ ସମ୍ପର୍କ ରେ ଆଲୋକପାତ କରିଥିଲେ। କୁନି କୁନି ଛାତ୍ର ଛାତ୍ରୀ ମାନେ ଶ୍ରୀକୃଷ୍ଣ ଓ ରାଧାରାଣୀ ବେଶରେ ସଜ୍ଜିତ ହୋଇ ନିକଟସ୍ଥ ରାଧାକୃଷ୍ଣ ମନ୍ଦିରକୁ ଯାଇ ପୂଜାର୍ଚ୍ଚନା କରିଥଲେ।

# ବୁର୍ବିନାଜୁ ସୁଲେରୁଠାରେ ଆଦର୍ଶ ବନାମ ବାସ୍ତବ ସ୍କୁଲ କାର୍ଯ୍ୟକ୍ରମ ଅନୁଷ୍ଠିତ

କନ୍ଧମାଳ, ୦୭/୦୯ (ନି.ପ୍ର): ଓଡ଼ିଶା ଶ୍ରମଜୀବୀ ମଞ୍ଚ ଓ ମହିଳା ଶ୍ରମଜୀବୀ ମଞ୍ଚ ଓଡ଼ିଶା ଏବଂ ତାର ସହଯୋଗୀ ଲୋକ ସଂଗଠନ ଜୀବିକା ସୁରକ୍ଷା ମଞ୍ଚ ଓ ମହିଳା ଜୀବିକା ସୁରକ୍ଷା ମଞ୍ଚ କନ୍ଧମାଳ ରେ ଦୀର୍ଘ ୧୪ ବର୍ଷ ହେଲା ଜିଲ୍ଲା ରେ ଗରିବ ଲୋକଙ୍କର ରାଜନୈତିକ, ସାମାଜିକ ତଥା ଅର୍ଥନୈତିକ ସଶକ୍ତି କରଣ ନିମନ୍ତେ କାର୍ଯ କରି ଆସୁଅଛି। ପ୍ରାରମ୍ଭରୁ ଗରିବ ଲୋକଙ୍କ ଜୀବିକା ଅଧିକାର ,ଖାଦ୍ୟ ଅଧିକାର ,ଜଳ ଅଧିକାର ଆଦି ବିଭିନ୍ନ ବିଷୟରେ କାର୍ଯ କରିବା ସହିତ ବିଶେଷତଃ କୋଭିଡ୍ ପରେ ଗରିବ ପିଲାଙ୍କ ଶିକ୍ଷା ଅଧିକାର ଉପରେ ସଂଗଠନ କାର୍ଯ୍ୟ କରି ଆସୁଅଛି। ସ୍କୁଲ ସବୁ ବନ୍ଦ ହେବା ଯୋଗୁଁ ଛାତ୍ରଛାତ୍ରୀମାନଙ୍କ ଶିକ୍ଷା କ୍ଷେତ୍ରରେ ସୃଷ୍ଟି ହୋଇଥିବା କ୍ଷତି କୁ ଭରଣ କରିବା ନିମନ୍ତେ ମୋ ଚାଟଶାଳୀ କେନ୍ଦ୍ର ସବୁ ଖୋଲି ଶିକ୍ଷା ବ୍ୟବସ୍ଥା କୁ ତ୍ୱରାନିତ୍ୱ କରାଯାଇଛି। ଏତଦ ବ୍ୟତୀତ ସ୍କୁଲ ଗୁଡ଼ିକର ଭିତ୍ତିଭୂମିର ବିକାଶ ନିମନ୍ତେ ବିଗତ କିଛି ବର୍ଷ ଧରି ଏହିଭଳି ଲୋକଙ୍କ ପାଇଁ କାମ କରି ଆସୁଛି। ଶିକ୍ଷା ସହିତ ଭିତ୍ତିଭୂମିର ଗଭୀର ସମ୍ପର୍କକୁ ସମସ୍ତ ବୁଦ୍ଧିଜୀବୀ ତଥା ଶିକ୍ଷାବିତ୍ ଗ୍ରହଣ କରିସାରିଛନ୍ତି। ଭିତ୍ତିଭୂମି ର ବିକାଶ ବିନା ଶିକ୍ଷାର ବିକାଶ ଅସମ୍ଭବ। ଉତ୍ତମ ଭିତ୍ତିଭୂମି ଶିକ୍ଷା ନିମନ୍ତେ ଏକ ଅନୁକୂଳ ପରିବେଶ ସୃଷ୍ଟି କରିଥାଏ ଯଦ୍ୱାରା ଶିଶୁ ମାନସିକ ଭାବରେ ଶିକ୍ଷା ପ୍ରତି ଆକୃଷ୍ଟ ହୋଇଥାଏ। ଏହି ପରିପ୍ରେକ୍ଷୀରେ ଟିକାବାଲି ବ୍ଲକ ଅନ୍ତର୍ଗତ ବୁର୍ବିନାଯୁ ଗ୍ରାମ ପଞ୍ଚାୟତର ସୁଲେସରୁ ଗାଁରେ ଗୁରୁ ଦିବସ ଉପଲକ୍ଷେ ମୋ ଚାଟଶାଳୀ ରେ ଅଧ୍ୟୟନ ରତ ଛାତ୍ର ଛାତ୍ରୀଙ୍କୁ ନେଇ ଆଦର୍ଶ ବନାମ ବାସ୍ତବ ସ୍କୁଲ ଏକ କାର୍ଯକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯକ୍ରମ ରେ ଛାତ୍ର ଛାତ୍ରୀ ମାନେ ତାଙ୍କର ଭାବନକୁ ଚିତ୍ର ମାଧ୍ୟମରେ ବ୍ୟକ୍ତ କରିଅଛନ୍ତି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ସ୍ଥାନୀୟ ସରପଞ୍ଚ ସାଲିନା ପ୍ରଧାନ ତଥା ସିଆରସିସି ସନ୍ତୋଷ କୁମାର ମିଶ୍ର ଯୋଗ ଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ୱାର୍ଡ ମେମ୍ବର ଯସ୍ମୀନା ପ୍ରଧାନ, ଅଭିଭାବକ ଗଣ, ଚଟଶାଳୀରେ ଶିକ୍ଷାଦାନ କରୁଥିବା ସ୍ୱେଚ୍ଛାସେବୀ ସଂଗୀତା ପ୍ରଧାନ, ରେଖା ପ୍ରଧାନ ଉପସ୍ଥିତ ଥିଲେ। ଆତ୍ମଶକ୍ତି ଟ୍ରଷ୍ଟ ତରଫରୁ ଅଭିଷେକ କୁମାର ଦାଶ ଉପସ୍ଥିତ ରହି କାର୍ଯ୍ୟକ୍ରମର ଲକ୍ଷ୍ୟ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ନିମନ୍ତ୍ରିତ ଅତିଥିମାନେ ଶିକ୍ଷାର ଉନ୍ନତି ନିମନ୍ତେ ଭିତ୍ତିଭୂମିର ଆବଶ୍ୟକତା ଉପରେ ନିଜର ମତାମତ ପୋଷଣ କରିଥିଲେ। ପରିଶେଷରେ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା ଦେବା ସହିତ ଉତ୍ତମ ଚିତ୍ର ଆଙ୍କିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ସ୍ଥାନୀୟ ଲୋକ ସଂଗଠନ ଜୀବିକା ସୁରକ୍ଷା ମଞ୍ଚ ଓ ମହିଳା ଜୀବିକା ସୁରକ୍ଷା ମଞ୍ଚ ତରଫରୁ ସଂଜୀବ ଦିଗାଲ, ସୁଧାକର ପ୍ରଧାନ, ସିଦ୍ଧେଶ୍ୱର ନାୟକ, ସସ୍ମିତା ମଲ୍ଲିକ, ପ୍ରଣୀତା ଦିଗାଲ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। ସଂଜୀବ ଦିଗାଲ ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ଥମୁନି ହାତୀପଲଙ୍କ ଉପଦ୍ରବ: ୩ ବର୍ଷରେ ମାଟିରେ ମିଶିଛି ୩୨୨ ଘର



ରାଉରକେଲା, ୦୭/୦୯ (ନି.ପ୍ର): ସୁନ୍ଦରଗଡ଼ ଜିଲ୍ଲାରେ ଥମୁନି ହାତୀପଲଙ୍କ ଉପଦ୍ରବ। ଉଜୁଡି ଯାଉଛି ଶହ ଶହ ଏକର ଫସଲ। ଗୃହଶୂନ୍ୟ ହେଉଛନ୍ତି ପରିବାର। ବର୍ଷ ତମାମ ହାତୀପଲଙ୍କ ଏଭଳି ଉତ୍ପାତ ଜାରି ରହୁଥିଲେ ହେଁ ବନ ବିଭାଗ ରୋକିବାରେ ବିଫଳ ହୋଇଛି। ଜନବସତି ମୁହାଁ ହେଉଥିବା ହାତୀପଲଙ୍କ ବାଟ ଓଗାଳିକୁ ବିଭିନ୍ନ ସ୍ଥାନରେ ସୋଲାର ଫେନ୍‌ସିଂ କରାଯାଇଛି। ହେଲେ ହାତୀପଲଙ୍କ ବାଟ ଓଗାଳି ପାରୁନି। ଗତ ୨୦୨୧-୨୨ରୁ ୨୦୨୩-୨୪ ଅର୍ଥାତ୍ ୩ ବର୍ଷରେ ହାତୀପଲ ଯୋଗୁ ରାଉରକେଲା ଓ ବଣାଇ ବନଖଣ୍ଡରେ ମୋଟ ୭୪୩ ପରିବାର ଘର ଭାଙ୍ଗିଛି। ଏଥି ମଧ୍ୟରୁ ୩୨୨ ଘର ସମ୍ପୂର୍ଣ୍ଣ ମାଟିରେ ମିଶିଛି। ୪୨୧ ଘର ଆଂଶିକ କ୍ଷତିଗ୍ରସ୍ତ ହୋଇଛି। ଅବଶ୍ୟ କ୍ଷତିପୂରଣ ବାବଦକୁ ବନ ବିଭାଗ ପକ୍ଷରୁ ଆର୍ଥିକ ସହାୟତା ଦିଆଯାଉଛି। ହେଲେ ଯେତିକି ଅର୍ଥ ସରକାର ଦେଉଛନ୍ତି, ତାହା ପର୍ଯ୍ୟାପ୍ତ ନୁହେଁ ବୋଲି କ୍ଷତିଗ୍ରସ୍ତ ପରିବାର ପକ୍ଷରୁ କୁହାଯାଇଛି। ସେପଟେ ଘରଶୂନ୍ୟ ହୋଇଥିବା କିଛି ପରିବାର ଗାଁ ଛାଡି ଅନ୍ୟ ସୁରକ୍ଷିତ ସ୍ଥାନକୁ ଚାଲିଯାଇଛନ୍ତି। ବଣାଇ ବନଖଣ୍ଡ ଅନ୍ତର୍ଗତ ବଣାଇ, କୁଳିପୋଷ, ଟାମରା, ଜର୍ଡା, ବରସୁଆଁ ଓ କୋଇଡା ରେଞ୍ଜରେ ୨୦୨୧-୨୨ରୁ ୨୦୨୩-୨୪ ଅର୍ଥାତ୍ ତିନି ବର୍ଷ ମଧ୍ୟରେ ହାତୀପଲ ବିଭିନ୍ନ ବସ୍ତିରେ ପଶି ଉତ୍ପାତ ମଚାଇବା ସହ ମୋଟ ୪୫୨ ଘର ଭାଙ୍ଗିଛନ୍ତି। ଏଥି ମଧ୍ୟରେ ୧୮୩ ପରିବାର ଘର ସମ୍ପୂର୍ଣ୍ଣ ଭାଙ୍ଗି ଯାଇଛି। ୨୬୯ ଘର ଆଂଶିକ ଭାଙ୍ଗିଛି। ୨୦୨୧-୨୨ରେ ୭୨ ପରିବାର ଘର ସମ୍ପୂର୍ଣ୍ଣ, ୮୭ ଘର ଆଂଶିକ ଭାଙ୍ଗିଛି। ୨୦୨୨-୨୩ରେ ୧୦୭ ଘର ମାଟିରେ ମିଶିଥିଲାବେଳେ ୧୨୮ ଘର ଆଂଶିକ ଭାଙ୍ଗିଛି। ୨୦୨୩-୨୪ ଆଜି ପର୍ଯ୍ୟନ୍ତ ୪ ଘର ସମ୍ପୂର୍ଣ୍ଣ ଓ ୫୪ ଘର ଆଂଶିକ ଭାଙ୍ଗିଛି। କ୍ଷତିପୂରଣ ବାବଦରେ ମୋଟ ୨୭ ଲକ୍ଷ ୨୮ ହଜାର ଟଙ୍କା ପ୍ରଦାନ କରାଯାଇଛି। ସେମିତି ରାଉରକେଲା ବନଖଣ୍ଡ ଅନ୍ତର୍ଗତ ପାନପୋଷ, ବିଶ୍ରା, କୁଆରମୁଣ୍ଡା, ପାନପୋଷ, ବାଙ୍କି ଏମିତି ୬ ରେଞ୍ଜରେ ଗତ ତିନି ବର୍ଷ ମଧ୍ୟରେ ହାତୀପଲଙ୍କ ଉପଦ୍ରପରୁ ୨୯୨ ଭାଙ୍ଗିଛି। ଏଥି ମଧ୍ୟରୁ ୧୩୯ ପରିବାର ସମ୍ପୂର୍ଣ୍ଣ ଗୃହଶୂନ୍ୟ ହୋଇଛନ୍ତି। ୧୫୨ ପରିବାର ଘର ୩୦ରୁ ୫୦% ପର୍ଯ୍ୟନ୍ତ କ୍ଷତିଗ୍ରସ୍ତ ହୋଇଛି। ୨୦୨୧-୨୨ରେ ୬୨ ପରିବାର ଘର ସମ୍ପୂର୍ଣ୍ଣ ଭାଙ୍ଗିଯାଇଥିଲାବେଳେ ୧୧୦ ଘର ଆଂଶିକ କ୍ଷତିଗ୍ରସ୍ତ ହୋଇଛି। ୨୦୨୨-୨୩ରେ ୬୫ ଘର ମାଟିରେ ମିଶିଥିଲାବେଳେ ୪୦ ଘର ଆଂଶିକ କ୍ଷତିଗ୍ରସ୍ତ ହୋଇଛି। ୨୦୨୩-୨୪ ଆର୍ଥିକ ବର୍ଷରେ ଆଜି ପର୍ଯ୍ୟନ୍ତ ୧୨ ପରିବାର ଘର ସମ୍ପୂର୍ଣ୍ଣ ଭାଙ୍ଗିଥିବାବେଳେ ୨ ଜଣଙ୍କ ଘର ଆଂଶିକ୍ଷ କ୍ଷତିଗ୍ରସ୍ତ ହୋଇଛି। ରାଉରକେଲା ବନ ବିଭାଗ ପକ୍ଷରୁ କ୍ଷତିଗ୍ରସ୍ତ ପରିବାରକୁ କ୍ଷତିପୂରଣ ବାବଦରେ ମୋଟ ୧୭ ଲକ୍ଷ ୪୦ ହଜାର ଟଙ୍କା ପ୍ରଦାନ କରାଯାଇଛି। ବନ ବିଭାଗ କ୍ଷତିଗ୍ରସ୍ତ ପରିବାରକୁ କ୍ଷତିପୂରଣ ଦେଇ କାମ ସାରିଦେଇଛି। ହେଲେ ଆଜି ପର୍ଯ୍ୟନ୍ତ ଜନବସତିମୂହାଁ ହେଉଥିବା ହାତୀପଲଙ୍କୁ ରୋକିବାରେ ସେମିତି କୌଣସି ଠୋସ୍ ପଦକ୍ଷେପ ନିଆଯାଉ ନାହିଁ।

## ୧୭୨ତମ ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ କମିଟି ବୈଠକ

ଭୁବନେଶ୍ୱର, ୦୭/୦୯ (ନି.ପ୍ର): ରାଜ୍ୟର କୋଣ ଅନୁକୋଣର ଜନସାଧାରଣଙ୍କୁ ଆର୍ଥିକ ଅନ୍ତର୍ଭୁକ୍ତିକରଣ ପ୍ରକ୍ରିୟାରେ ସାମିଲ କରିବା ପାଇଁ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି । ସବୁ ପଂଚାୟତରେ ବ୍ୟାଙ୍କିଂଙ୍କ ସେବା ପାଇଁ ଉଦ୍ୟମ ଅବ୍ୟାହତ ରହିଛି । ରାଜ୍ୟର ଆର୍ଥିକ ଅଭିବୃଦ୍ଧି ତ୍ୱରାନ୍ୱିତ କରିବା ପାଇଁ ବ୍ୟାଙ୍କଗୁଡ଼ିକ ସବୁକ୍ଷେତ୍ରକୁ ଋଣ ପ୍ରଦାନ ବୃଦ୍ଧି କରିବାକୁ ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖ କହିଛନ୍ତି ।
ଗୁରୁବାର ଭୁବନେଶ୍ୱରରେ ଆୟୋଜିତ ୧୭୨ତମ ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ କମିଟି ବୈଠକର ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ଶ୍ରୀ ଆରୁଖ କହିଲେ ଯେ କୃଷି ଏବଂ ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରରେ ବାର୍ଷିକ ଋଣ ଯୋଜନାରେ ଉତ୍ସାହପ୍ରଦ ସଫଳତା ହାସଲ ହୋଇଥିବାବେଳେ ଶିକ୍ଷା ଓ ହାଉସିଂ ପରି ଦୁଇ ପ୍ରମୁଖ ସାମାଜିକ କ୍ଷେତ୍ରକୁ ଅଧିକ ଋଣ ପ୍ରଦାନ ପାଇଁ ବ୍ୟାଙ୍କମାନେ ପଦକ୍ଷେପ ନିଅନ୍ତୁ । ୨୦୨୨-୨୩ ବର୍ଷରେ 'ବାର୍ଷିକ ଋଣ ଯୋଜନା'ରେ ୧.୩୪ ଲକ୍ଷ କୋଟି ଟଙ୍କା ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବାବେଳେ ଚଳିତ ୨୦୨୩-୨୪ ଆର୍ଥିକ ବର୍ଷରେ ଏହା ୧୯.୦୨ ପ୍ରତିଶତ ବୃଦ୍ଧି ପାଇ ୧.୬୦ ଲକ୍ଷ କୋଟି ଟଙ୍କା ହୋଇଛି । ପୂର୍ବ ବର୍ଷ ପରି ବାର୍ଷିକ ଋଣ ଯୋଜନା ଅଧିନରେ ବ୍ୟାଙ୍କମାନେ ଶତପ୍ରତିଶତ ଲକ୍ଷ୍ୟ ହାସଲ କରିବାକୁ ଉଦ୍ୟମ ଜାରି ରଖିବା ଆବଶ୍ୟକ ।

# ମାନସିଂ ବଜାର ସରସ୍ୱତୀ ଶିଶୁ ବିଦ୍ୟାଳୟରେ ଜନ୍ମାଷ୍ଟମୀ ପାଳିତ



ବାଲେଶ୍ୱର, ୦୭/୦୯ (ନି.ପ୍ର): ବାଲେଶ୍ୱର ମ୍ୟୁନିସିପାଲଟି ଅନ୍ତର୍ଗତ ମାନସିଂ ବଜାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ପବିତ୍ର ଜନ୍ମାଷ୍ଟମୀ ମହା ସମାରୋହରେ ପାଳିତ ହୋଇଯାଇଛି । ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ରାଧାକୃଷ୍ଣ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଉତ୍ସବ ଅନୁଷ୍ଠିତ ହୋଇଥିଲଶ । ପ୍ରାରମ୍ଭରେର ପ୍ରଦୀପ ପ୍ରଜ୍ୱଳନ ସହିତ ପ୍ରଭୁ ଶ୍ରୀକୃଷ୍ଣଙ୍କର ପୂର୍ଜାଅର୍ଚ୍ଚନା କରାଯାଇଥିଲା । ରାଧାକୃଷ୍ଣ ବେଶ ହୋଇ ଆସିଥିବା ଛାତ୍ରଛାତ୍ରୀମାନଙ୍କୁ ବନ୍ଦାଣ କରାଯାଇଥିଲା । ବିଦ୍ୟାଳୟର ସଂପାଦକ ତଥା ବରିଷ୍ଠ ସାମ୍ବାଦିକ ଗୟାଧର କର ଉପସ୍ଥିତ ରହି ଜନ୍ମାଷ୍ଟମୀର ଉଦ୍ଦେଶ୍ୟ ଓ ପୌରାଣରିକ ଆଭିମୁଖ୍ୟ ଉପରେ ବକ୍ତବ୍ୟ ରଖିଥିଲେ । ଏହି କାର୍ଯ୍ୟକ୍ରମରେ ୫୦ରୁ ଉର୍ଦ୍ଧ୍ୱ କୁନି ଛାତ୍ରଛାତ୍ରୀମାନେ ଶ୍ରୀକୃଷ୍ଣ, ରାଧା, ଅକ୍ରୁର, ନନ୍ଦାଜା, ଯଶୋଦା, ମଧୁମଙ୍ଗଳ, ସୁଦାମାଆଦି ବିଭିନ୍ନ ପ୍ରକାର ବେଶହୋଇ ଅନୁଷ୍ଠିତ ପ୍ରତିଯୋଗିତାରେ ଅଂଶ କରି ନାଚଗୀତ, ବକ୍ତବ୍ୟ ମାଧ୍ୟମରେ ନିଜ ନିଜର ଅଭିନୟ ପ୍ରଦର୍ଶନ କରିଥିଲେ । ପ୍ରତିଯୋଗିତାରେ ବିଚାରକ ଭାବେ ଅବସରପ୍ରାପ୍ତ ଶିକ୍ଷକ ରାଧାକୃଷ୍ଣ ଆଚାର୍ଯ୍ୟ ଶିକ୍ଷୟିତ୍ରୀ ଆରତୀ ବର୍ଦ୍ଧନ ପ୍ରତିଯୋଗୀ ଭାବେ ରହି ପ୍ରତିଯୋଗୀମାନଙ୍କର ପ୍ରତିଭା ଚୟନ କରିଥିଲେ । ପ୍ରଧାନ ଆଚାର୍ଯ୍ୟ ଦେବସ୍ମିତା ବେହେରା ମଞ୍ଚ ପରିଚାଳନା କରିଥିଲେ । ଗୁରୁମା ବିଜୟଲକ୍ଷ୍ମୀ ଜେନା, ଆରତୀମଣି ପାତ୍ର, ବାଦଲ ପାତ୍ର, ହରପ୍ରିୟା ଭୂୟାଁ, ସସ୍ମିତା ବାରିକ, ସୁଚିସ୍ମିତା ଜେନା ପ୍ରମୁଖ ସହଯୋଗ କରିଥିଲେ । ଏଥିରେ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ଓ ବହୁ ଅଭିଭାବକ ଉପସ୍ଥିତ ଥିଲେ ।

# ସମ୍ବର୍ଦ୍ଧିତ ହେଲେ ବିଶ୍ୱବିଜେତା ଭାରତୀୟ ମହିଳା ଦୃଷ୍ଟିବାଧିତ କ୍ରିକେଟ ଦଳର ୩ ଖେଳାଳି

## ଅନେକଙ୍କ ପାଇଁ ପ୍ରେରଣାର ଉତ୍ସ: ଜିଲ୍ଲାପାଳ

ବାଲେଶ୍ୱର, ୦୭/୦୯ (ନି.ପ୍ର): ବିଶ୍ୱବିଜେତା ଭାରତୀୟ ମହିଳା ଦୃଷ୍ଟିବାଧିତ କ୍ରିକେଟ ଦଳର ଉପଅଧିନାୟିକା ଫୁଲ ସୋରେନ, ଅଲରାଉଣ୍ଡର ପଦ୍ମିନୀ ଟୁଡୁ ଓ ବାସନ୍ତୀ ହାଁସଦାଙ୍କୁ ଆଜି ଜିଲ୍ଲାପାଳ ଶ୍ରୀଯୁକ୍ତ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ସମ୍ବର୍ଦ୍ଧିତ କରିଛନ୍ତି । ଉକ୍ତ ଖେଳାଳିମାନେ ଗତ ଅଗଷ୍ଟ ୨୬ ତାରିଖରେ ଇଂଲଣ୍ଡ ବର୍ମିଂହାମ ଠାରେ ଅଷ୍ଟ୍ରେଲିଆ ଦଳକୁ ପରାସ୍ତ କରି ବିଶ୍ୱବିଜେତା ହୋଇପାରିଛନ୍ତି । କ୍ରିକେଟ୍ ପଡ଼ିଆରେ ନିଜର ଚମତ୍କାର ପ୍ରଦର୍ଶନ ଏବଂ କ୍ରୀଡା ପ୍ରତି ଅଦମ୍ୟ ଉତ୍ସର୍ଗ ପାଇଁ ତିନି ଜଣଙ୍କୁ ଜିଲ୍ଲାପାଳ ଶ୍ରୀ ଶିନ୍ଦେ ହୃଦୟରୁ ଅଭିନନ୍ଦନ ଜଣାଇଥିଲେ । ସେମାନଙ୍କର ଉତ୍ସର୍ଗୀକୃତ ପ୍ରଶିକ୍ଷକଙ୍କ ମାର୍ଗଦର୍ଶନରେ ସେମାନେ କେବଳ ଉଲ୍ଲେଖନୀୟ ପ୍ରଦର୍ଶନ କରିନାହାଁନ୍ତି ବରଂ ସ୍ଥିରତା ଏବଂ ନିଷ୍ଠାର ଶକ୍ତି ମଧ ପ୍ରଦର୍ଶନ କରିଛନ୍ତି ବୋଲି ମତ ରଖିଥିଲେ ଜିଲ୍ଲାପାଳ । କ୍ରିକେଟ୍ ଏବଂ ଜୀବନର ଅନ୍ୟାନ୍ୟ କ୍ଷେତ୍ରରେ ମହାନ ଉଚ୍ଚତା ହାସଲ କରିବାକୁ ସେମାନଙ୍କର ସାମର୍ଥ୍ୟ ଉପରେ ସେ ନିଜର ବିଶ୍ୱାସ ବ୍ୟକ୍ତ କରିଥିଲେ । ସେମାନେ କେବଳ କ୍ରୀଡ଼ାରେ ଉତ୍କର୍ଷତା ହାସଲ କରିନାହାଁନ୍ତି ବରଂ ଅନେକଙ୍କ ପାଇଁ ପ୍ରେରଣାର ଉତ୍ସ ମଧ ହୋଇପାରିଛନ୍ତି । ସେ ଆଶା କରିଛନ୍ତି ଯେ ସେମାନଙ୍କର ସଫଳତା ଅନ୍ୟ କ୍ରୀଡ଼ାବିତ୍ ମାନଙ୍କୁ ନିର୍ଭୟରେ ସେମାନଙ୍କ ସ୍ୱପ୍ନକୁ ସାକାର କରିବାକୁ ଉତ୍ସାହିତ କରିବ । ପ୍ରକାଶ ଥାଉ କି, ଉକ୍ତ ଖେଳାଳିମାନେ ଭିନ୍ନକ୍ଷମ କଲ୍ୟାଣ ପ୍ରତିଷ୍ଠାନ ଦ୍ୱାରା ପରିଚାଳିତ ରାଣୀପାଟଣାସ୍ଥିତ ଦୃଷ୍ଟିବାଧିତ ଙ୍କ ନିମନ୍ତେ ବିଦ୍ୟାଳରେ ଶିକ୍ଷା ଗ୍ରହଣ କରୁଛନ୍ତି ।

# ଖଇରା ବ୍ଲକସ୍ତରୀୟ କ୍ରୀଡା ଉତ୍ସବ ୨୦୨୩ ଅନୁଷ୍ଠିତ: ଭାଗନେଲେ ୨ଶହ ସ୍କୁଲର ୩୫୦ ଛାତ୍ର ଛାତ୍ରୀ




ଖଇରା, ୦୭/୦୯ (ନି.ପ୍ର): ଖଇରା ବ୍ଲକ ସ୍ତରୀୟ ଖେଳ ଓ କ୍ରୀଡା ପ୍ରତିଯୋଗିତା ଗୁରୁବାର ଦିନ କୁପାରୀ ହାଇସ୍କୁଲ ପଡିଆରେ ଉଦ୍‌ଘାଟିତ ହୋଇ ଯାଇଛି । ବିଇଓ ଗଦାଧର ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ପୂର୍ବତନ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ପ୍ରତିଯୋଗିତାର ଶୁଭାରମ୍ଭ କରିବା ଅବସରରେ ପିଲା ମାନଙ୍କ ଶାରିରୀକ ଓ ବୌଦ୍ଧିକ ବିକାଶରେ କ୍ରିଡାର ଯଥେଷ୍ଟ ଗୁରୁତ୍ୱ ରହିଥିବା ପ୍ରକାଶ କରିଥିଲେ । ଖଇରା ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ,ଉପାଧକ୍ଷ ଗଜେନ୍ଦ୍ର ପରିଡା,ବିଡିଓ ଉତ୍ତମ କୁମାର ଜେନା,ତହସିଲଦାର ପ୍ରଶାନ୍ତ କୁମାର ମହାରଣା,ଜିଲା ପରିଷଦ ସଭ୍ୟ ଗଜେନ୍ଦ୍ର ପ୍ରସାଦ ଦାସ,ଏମ୍‌ପି ପ୍ରତିନିଧି ଜୟନ୍ତ କୁମାର ରାଉତ,ସରପଞ୍ଚ ଜ୍ୟୋସ୍ନାରାଣୀ ଦାସ,ସମିତିସଭ୍ୟ ଅକ୍ଷୟ କୁମାର ଜେନା,ଏବିଇଓ ଗୌରାଙ୍ଗ ମହାପାତ୍ର,ହେମନ୍ତ କୁମାର ମିଶ୍ର ଓ ପାର୍ବତୀ ପଣ୍ଡା,ପ୍ରଧାନଶିକ୍ଷକ ଜଗବନ୍ଧୁ ବେଶ୍ରା,ଦେବେନ୍ଦ୍ର କୁମାର ଜେନା,ବିଜୟ ସାସମଲ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ପିଲା ମାନଙ୍କ ମଧ୍ୟରେ କବାଡି,ଖୋଖୋ, ଭଲିବଲ, ଦୌଡ, ଉଚ୍ଚଡିଆଁ, ଲମ୍ବଡିଆଁ, ଜ୍ୟାଭଲିନ ଥ୍ରୋ, ଡିସକସ ଥ୍ରୋ ଇତ୍ୟାଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ସୁଶାନ୍ତ କୁମାର ମହାପାତ୍ର ମଞ୍ଚ ପରିଚାଳନା ଓ ମନୋଜ କୁମାର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ସମସ୍ତ ସିଆରସିସି,ବିଭିନ୍ନ ସଂଘର କର୍ମକର୍ତ୍ତା କ୍ରୀଡା ପରିଚାଳନାରେ ସହଯୋଗ କରିଥିଲେ ।

## ନୀଳଗିରି ଏନଏସି ବସ ଉଭାନ ଘଟଣାରେ ପୋଲିସର ଛାନଭିନ୍: ସିସି ଟିଭି ଜବତ

ନୀଳଗିରି , ୦୭/୦୯ (ନି.ପ୍ର): ନୀଳଗିରି ଏନଏସି ବସ ଉଭାନ ଘଟଣାକୁ ପୋଲିସ ଗୁରୁତର ସହ ନେଇ ତଦନ୍ତ ଜାରି ରଖିଛି । ଗୁରୁବାର ନୀଳଗିରି ପୋଲିସ ଏନଏସି କାର୍ଯ୍ୟାଳୟରେ ପହଞ୍ଚି ସିସି ଟିଭି ଫୁଟେଜ ଯାଞ୍ଚ କରିବା ସହ ସିସି ଟିଭି ଜବତ କରିଛନ୍ତି । ଏଥିସହିତ କାର୍ଯ୍ୟାଳୟ କର୍ମଚାରୀ ଓ ଅଧିକାରୀ ମାନଙ୍କୁ ଅଧିକ ପଚରା ଉଚୁରା କରି ତଦନ୍ତ ଜାରି ରଖିଛି । ତେବେ କାର୍ଯ୍ୟାଳୟ କର୍ମଚାରୀଙ୍କ କଥାରେ ତାଳମେଳ ରହୁନଥିବା ନେଇ ସି ସି ଟିଭି ଯାଞ୍ଚ ହେଲେ ଅଧିକ ତଥ୍ୟ ବାହାରକୁ ଆସିବ ବୋଲି ଜଣାଯାଇଛି ।

## ଜନ୍ମାଷ୍ଟମୀ ଅବସରରେ ଉତ୍ସବ ମୁଖର ଡ଼ିହିରାକୁଳ ଗ୍ରାମ

ଉଦଳା , ୦୭/୦୯ (ନି.ପ୍ର): ଭାଦ୍ରବ ମାସ କୃଷ୍ଣ ପକ୍ଷ ଅଷ୍ଟମି ତିଥିରେ ଭଗବାନ ଶ୍ରୀକୃଷ୍ଣ ଜନ୍ମ ଗ୍ରହଣ କରିଥିଲେ । ତେଣୁ ଏହି ଦିବସଟିକୁ ସମଗ୍ର ଭାରତ ବର୍ଷରେ ଜନ୍ମାଷ୍ଟମି ଭାବରେ ଆନନ୍ଦ ଉଲ୍ଲାସ ମଧ୍ୟରେ ପାଳନ କରାଯାଇଥାଏ । ସେହିପରି ଉଦଳା ବ୍ଲକ ଅନ୍ତର୍ଗତ ଡ଼ିହିରାକୁଳ ଗ୍ରାମରେ ଥିବା ଶ୍ରୀମନ୍ଦିର ପରିସରରେ ଦିବସ ବ୍ୟାପି ଭଜନ, କିର୍ତନ, ହୋମ, ଯଜ୍ଞ ସହିତ ଶ୍ରୀଜିଉଙ୍କ ନୂତନ ବସ୍ତ୍ର ପରିଧାନ ଓ ବେଦମନ୍ତ୍ର ଉଚ୍ଚାରଣ ପୂର୍ବକ ପୁଷ୍ପାଳି ପ୍ରଦାନର ପର୍ବ ଅନୁଷ୍ଠିତ ହୋଇ ଯାଇଛି । ମୋଟାମୋଟି ଭାବରେ ଗ୍ରାମରେ ଏକ ଆଧାତ୍ମିକ ପରିବେଶ ସୃଷ୍ଟି କରିଛି ଜନ୍ମାଷ୍ଟମି ।

# ଲିଆଫି ଜଳେଶ୍ୱର ବେସ୍‌ର ବାର୍ଷିକ ଅଧିବେସନ

ଜଳେଶ୍ୱର , ୦୭/୦୯ (ନି.ପ୍ର): ଭାରତୀୟ ଜୀବନବୀମା ନିଗମ ଏଜେଣ୍ଟ ଫେଡ୍ରେସନ ଜଳେଶ୍ୱର ବେସ୍‌ର ବାର୍ଷିକ ସାଧାରଣ ଅଧିବେସନ ଜଳେଶ୍ୱର ନିଗମ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇ ଯାଇଛି । ସମାବେଶରେ ଜଳେଶ୍ୱରର ସଭାପତି ଅନାଦି ଚାରଣ ଗିରି ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥିଭାବରେ ସର୍ବଭାରତୀୟ ସିଡବ୍ଲୁଏର ସଭାପତି ଜଗଦିଶ ଜୱାର ଯୋଗ ଦେଇଥିଲେ । ଅନ୍ୟତମ ଅତିଥିଭାବରେ କଟକ ଡିବିଜନାଲ କାଉନ୍‌ସିଲର ସଭାପତି ସପନ କୁମାର ମହାନ୍ତି ଓ ସାଂପାଦକ ରମେଶ ପାଣି ଯୋଗ ଦେଇ ଏଜେଣ୍ଟ ମାନଙ୍କ ବହୁ ବିଧ ସମସ୍ୟା ଉପରେ ଆଲୋକପାତ କରିଥିଲେ । ଜଳେଶ୍ୱର ଶାଖାର ବରିଷ୍ଠ ଶାଖା ପ୍ରବନ୍ଧକ ଦିଲ୍ଲିପ କୁମାର ବିହାରୀ ଜଳେଶ୍ୱର ଶାଖାର ଗୌରବାନ୍ୱିତି ଅଧ୍ୟୟକୁ ସାରା ଭାରତ ମନେ ରଖିବ ବୋଲି ଏଜେଣ୍ଟ ମାନଙ୍କୁ ଦନ୍ୟବାଦେ ଦେଇଥିଲେ । ଅନ୍ୟତମ ଅତିଥିଭାବରେ ଜଳେଶ୍ୱର ଶାଖାର ପୂର୍ବତନ ସଭାପତି ତଥା କେନ୍ଦ୍ରୀୟ କମିଟି ସଦସ୍ୟ ଭାଷ୍କର ଚନ୍ଦ୍ର ମିଶ୍ର, ଲିଆପି କରିଥିବା କାର୍ଯ୍ୟ ଉପରେ ଏଜେଣ୍ଟ ମାନଙ୍କୁ ବୁଝାଇଥିଲେ । କଟକ ସିଡବ୍ଲୁଏର ସାଧାରଣ ସଂପାଦକ ତପନ ପରିଡା ମଂଚାସୀନ ହୋଇ ଏବେ ସଂଘଦ୍ୱାରା ପାଉଥିବା ସୁବିଧା ସଂପର୍କରେ ସୂଚନା ପ୍ରଦାନ କରିଥିଲେ । ଭୋଗରାଇ ସେଟଲାଇଟ ଶାଖାର ବରିଷ୍ଠ ସଦସ୍ୟ ବିନୟ କୁମାର ଦାସ, ଏଜେଣ୍ଟ ମାନଙ୍କ ଦାବି ଯୋଗୁଁ ସେମାନେ ତାଙ୍କର ହକ୍ ପାଇପାରୁଛନ୍ତି ବୋଲି କହିଥିଲେ । କୋଷାଧକ୍ଷ୍ୟ ସଂଜିବ କୁମାର ଘୋଷ ବାର୍ଷିକ ଆୟ, ବ୍ୟୟର ସମୀକ୍ଷା କରିବା ସହିତ ସଂପାଦକ ମନୋରଂଜନ ଦାସ ବାର୍ଷିକ ବିବରଣୀ ସହିତ ଅତିଧି ପରିଚୟ ଓ ସଭା ପରିଚାଳନା କରିଥିଲେ । ଅଧିବେସନ ପ୍ରାରମ୍ଭରେ ଶାନ୍ତି, ମୌତ୍ରୀ, ପ୍ରଗତି ପ୍ରତୀକ ଓ ଜଳେଶ୍ୱର ଶାଖାର ବିଜୟ ଜୟଯାତ୍ରା ନିମନ୍ତେ ଏକ ଶୋଭାଯାତ୍ର ଜଳେଶ୍ୱର ସହର ପରିକ୍ରମା କରିଥିଲା । ଏଥିରେ ଗଂଜାମର ଲୋକବାଦ୍ୟ ସହିତ ପରମ୍ପରିକ ଲୋକବାଦ୍ୟ ଓ ଲୋକ ନୃତ୍ୟ ସାମିଲ ହୋଇଥିଲେ । ସଭା ପ୍ରାରମ୍ଭରେ ସଂଗଠନର ସଭାପତି ଅନାଦୀ ଚରଣ ଗିରି ସଂଘୀୟ ପାତାକ ଉତ୍ତୋଳନ କରିଥିଲେ । ଆଜୀବନ ସଦସ୍ୟ ଓ ୨୫ବର୍ଷ ଅଭିଜ୍ଞାତା ହାସଲ କରିଥିବା ଅଭିକର୍ତ୍ତା ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ଗୋପାଳକୃଷ୍ଣ ମହାପାତ୍ର, ପ୍ରତାପ ମହାନ୍ତି, ମଧୁସୂଦନ ଜେନା, ସୁଜୟ କର, ଗୋବିନ୍ଦ ସାହୁ, ଅନନ୍ତ ଜେନା, ସୁଶାନ୍ତ ପାତ୍ର, ଦିଲ୍ଲିପ ମହାନ୍ତି, କୁନିଲ ପରିଡା, କିରଣ ଦାସ,ବାସୁଦେବ ପ୍ରଧାନ ପ୍ରମୁଖ ପରିଚଳାନା କରିଥିଲେ । ନିତାଇଲାଲ ଦେ ଧନ୍ୟବାଦ ଅର୍ପଣ କରିଥିଲେ ।

# ସିଟି ମିଶନ ମ୍ୟାନେଜରଙ୍କୁ ମାଡ଼ ଘଟଣା: ସମୂହ ଛୁଟିରେ ଯିବାକୁ ଉପଜିଲ୍ଲାପାଳଙ୍କଠାରେ ଫେରାଦ ହେଲେ ଏନସି କର୍ମଚାରୀ

ନୀଳଗିରି, ୦୭/୦୯ (ନି.ପ୍ର): ରାଜ୍ୟ ସରକାର ପ୍ରତି ପୌରାଞ୍ଚଳରେ ବସବାସ କରୁଥିବା ଭୂମିହୀନ ପରିବାର ମାନଙ୍କୁ ଜାଗା ମିଶନ ଜରିଆରେ ପଟ୍ଟା ପ୍ରଦାନ କରି ଆସୁଛନ୍ତି । ଏନେଇ ନୀଳଗିରି ଏନଏସି ଅଧିନରେ ବାସକରୁଥିବା ବସ୍ତି ବାସିନ୍ଦାଙ୍କୁ ମଧ ପଟ୍ଟା ବଣ୍ଟନ କରାଯାଉଛି । ମାତ୍ର କିଛି ହିତାଧିକାରୀ ପଟ୍ଟା ପାଇବାରେ ଅନିୟମିତତା ନେଇ ଏନଏସି ଅଧକ୍ଷା ଅମ୍ବିକା ଦାସଙ୍କ ଠାରେ ଅଭିଯୋଗ ପରେ ଏହି ଦାୟିତ୍ୱରେ ଥିବା ଅଧିକାରୀ ଶିବାଜୀ ଦେଙ୍କୁ ଡାକି ଅଧକ୍ଷା ଶ୍ରୀମତୀ ଦାସ ଘଟଣା ବିଷୟରେ ଜାଣିବାକୁ ଚାହିଁଥିଲେ । ଅନିୟମିତତାକୁ ସ୍ୱୀକାର ନ କରିବା ଯୋଗୁଁ ଏଥିରେ ଉତ୍ତ୍ୟକ୍ତ ହୋଇ ଅଧକ୍ଷାଙ୍କ ସ୍ୱାମୀ ମାଡ଼ ମାରିଥିବା ନେଇ ଥାନାରେ ଅଭିଯୋଗ କରିଥିଲେ । ଅପର ପକ୍ଷରେ ଜାତିଆଣ ଆକ୍ଷେପ କରିଥିବା ନେଇ ଶିବାଜୀ ଦେଙ୍କ ବିରୁଦ୍ଧରେ ଅମ୍ବିକା ଦାସ ନୀଳଗିରି ଥାନାରେ ପାଲଟା ଅଭିଯୋଗ କରିଥିଲେ । ଉଭୟ ଅଭିଯୋଗ ପରେ ପୋଲିସ ଘଟଣାର ତଦନ୍ତ ଜାରି ରଖିଥିବା ବେଳେ ଗୁରୁବାର କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ସମୂହ ଛୁଟିରେ ଯିବାପାଇଁ ନୀଳଗିରି ଉପଜିଲ୍ଲାପାଳଙ୍କ ଠାରେ ପହଞ୍ଚି ଦରଖାସ୍ତ ଦେଇଥିଲେ । ମାତ୍ର ନିର୍ବାହୀ ଅଧିକାରୀ ଅକ୍ଷୟ କୁମାର ବାଡୁ ଛୁଟିରେ ଥିବାରୁ ସେମାନଙ୍କର ଅଭିଯୋଗ ପତ୍ର ଗ୍ରହଣ ନକରି ଉପରିସ୍ଥ ଅଧିକାରୀଙ୍କ ଠାରେ ଅଭିଯୋଗ କରିବାକୁ କହିଥିଲେ । ତେବେ ଏହି ଘଟଣା ଭିନ୍ନମୋଡ଼ ନେଇଥିବା ବେଳେ ତଦନ୍ତ ପରେ ଅଧିକ ତଥ୍ୟ ଜଣାପଡ଼ିବ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ.....

## ଦିନକ ପରେ ଦିଲ୍ଲୀରେ....

କ୍ୟାବିନେଟ୍ ମନ୍ତ୍ରୀଙ୍କୁ କହିଛନ୍ତି ପ୍ରଧାନମନ୍ତ୍ରୀ । ଜି-୨୦ ଶିଖର ସମ୍ମିଳନୀ ପାଇଁ ସଜେଇ ହୋଇଛି ରାଜଧାନୀ ଦିଲ୍ଲୀ । ଭାରତୀୟ ସଂସ୍କୃତି ସହ ପରିଚିତ କରିବାକୁ ଐତିହ୍ୟସ୍ଥଳକୁ ଚମତ୍କାର ଢଙ୍ଗରେ ସଜାଯାଇଛି । ଆକବର ରୋଡରେ ଦେଶର ସଂସ୍କୃତି, ଐତିହ୍ୟକୁ ପରିଚିତ କରିବାକୁ ସୁନ୍ଦର ମୂର୍ତି ରଖାଯାଇଛି । ଭୈରବ ରୋଡରେ ଭାରତୀୟ ବାଦ୍ୟଯନ୍ତ୍ର ଆକର୍ଷଣୀୟ ଢଙ୍ଗରେ ସଜା ଯାଇଛି । ସେପଟେ କଡା ସୁରକ୍ଷା ବଳୟରେ ଦେଶର ରାଜଧାନୀ । ସୁରକ୍ଷା ଦାୟିତ୍ୱ ତୁଲାଇବେ ୧ଲକ୍ଷ ୩୦ ହଜାର ସୁରକ୍ଷା କର୍ମୀ । ଡ୍ରୋନ ଜରିଆରେ ୨୪ ଘଂଟା ନଜର ରଖାଯିବ । ଜି-୨୦ ସମ୍ମିଳନୀ ପୂର୍ବରୁ ବମ୍ ସ୍କ୍ୱାର୍ଡ ପକ୍ଷରୁ ମଧ୍ୟରୁ ଅଭ୍ୟାସ କରାଯାଇଛି । ସମ୍ମିଳନୀ ପାଇଁ ଶୁକ୍ରବାରଠୁ ୧୦ ତାରିଖ ପର୍ଯ୍ୟନ୍ତ ଦିଲ୍ଲୀର ସମସ୍ତ ଶିକ୍ଷାନୁଷ୍ଠାନ ଓ କାର୍ଯ୍ୟାଳୟ ବନ୍ଦ ରହିବ । ଟ୍ରାଫିକ ପାଇଁ ସ୍ୱତନ୍ତ୍ର ଗାଇଡଲାଇନ ଓ ଆଇନଶୃଙ୍ଖଳା ପାଇଁ ମୋବାଇଲ ପୋଲିସ ଷ୍ଟେସନର ବ୍ୟବସ୍ଥା କରାଯାଇଛି । ଜି-୨୦ ବୈଠକକୁ ସଫଳ କରିବା ପାଇଁ ମୋଦୀ ସରକାର ସବୁ ପ୍ରକାର ପ୍ରସ୍ତୁତି କରିଛନ୍ତି । ଏଥିପାଇଁ ଦେଶର ରାଜଧାନୀକୁ ଅଭେଦ୍ୟଗଡରେ ପରିଣତ କରିଦିଆଯାଇଛି ।

## ଆଜି ଭାରତ....

ଆଉ ୨ ଦୁଇ ବଡ଼ ନେତାଙ୍କୁ ଆସୁନାହାନ୍ତି ବୋଲି ସ୍ପଷ୍ଟ କରିସାରିଛନ୍ତି । ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗ ଓ ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ଆସିବେ ନାହିଁ ବୋଲି ପୂର୍ବରୁ ଜଣାଇ ସାରିଛନ୍ତି । ଜିନପିଙ୍ଗଙ୍କ ବଦଳରେ ଚୀନ୍ ପ୍ରଧାନମନ୍ତ୍ରୀ ଲି କିଆଙ୍ଗ ଭାରତ ଆସି ବୈଠକରେ ଯୋଗଦେବେ ।

## ୨୨ ପୌରାଂଚଳରେ ନୂଆ ...

ସେହିପରି ଓଏଏସ୍ ସୋନା ଟୁଡୁଙ୍କୁ କଟକ ମହାନଗର ନିଗମର ଅତିରିକ୍ତ କମିଶନର, ଓଏଏସ୍ ସରୋଜିନୀ ପ୍ରସାଦ କୁଲୁଙ୍କୁ ସମ୍ବଲପୁର ମହାନଗର ନିଗମର ଅତିରିକ୍ତ କମିଶନର, ଓଏଏସ୍ ରମେଶ ହାସଦାଙ୍କୁ ବ୍ରହ୍ମପୁର ମହାନଗର ନିଗମର ଅତିରିକ୍ତ କମିଶନର, ସୁନୀଲ କୁମାର କେର୍କେଟାଙ୍କୁ ସମ୍ବଲପୁର ମହାନଗର ନିଗମର ଅତିରିକ୍ତ କମିଶନର, ହରପ୍ରସାଦ ଭୋଇଙ୍କୁ ବରଗଡ଼ ମ୍ୟୁନିସପାଲଟି କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ବଦଳି ହୋଇଛି । ସେହିପରି ମୟୂରଭଞ୍ଜ ଜିଲ୍ଲା ଜାମଦା ଅତିରିକ୍ତ ତହସିଲଦାର ବିକାଶ ମୁଣ୍ଡାରୀଙ୍କୁ ସୁନ୍ଦରଗଡ଼ ମ୍ୟୁନିସପାଲଟି କାର୍ଯ୍ୟନିର୍ବାହୀ ଅଧିକାରୀ, ଅଶୋକ କୁମାର ବେହେରାଙ୍କୁ ବୌଦ୍ଧ ମ୍ୟୁନିସପାଲଟି, ପ୍ରମୋଦ କୁମାର ଖିଲୋଙ୍କୁ ଖରିଆର ଏନଏସି, ବିରଂଚି ଧରୁଆଙ୍କୁ ଦେବଗଡ଼ ମ୍ୟୁନିସପାଲଟି, ଲକ୍ଷ୍ମୀକାନ୍ତ ମଲ୍ଲିକଙ୍କୁ ତରଭା ଏନଏସି, ଜୟସେନ୍ ଧରୁଆଙ୍କୁ ଧର୍ମଗଡ଼ ଏନଏଏସି, ଜଗନ୍ନାଥ ବେହେରାଙ୍କୁ ଉଦଳା ଏନଏସି, ଦୁଃଶାସନ ସ୍ୱାଇଁଙ୍କୁ ଓଡ଼ଗାଁ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ଅବସ୍ଥାପିତ କରାଯାଇଛି । ସେହିପରି ଶ୍ୱେତପଦ୍ମା ଧଳଙ୍କୁ କୋଣାର୍କ ଏନଏସି, ଶୋଭନ କୁମାର ବେହେରାଙ୍କୁ ରେଢ଼ାଖୋଲ ଏନଏସି, ମଧୁସ୍ମିତା ସିଂହଙ୍କୁ ଯୋଡ଼ା ମ୍ୟୁନିସପାଲଟି, ମନୋରଞ୍ଜନ ପଣ୍ଡାଙ୍କୁ ସୋନପୁର ମ୍ୟୁନିସପାଲଟି, ଚିନ୍ମୟ ଆଚାର୍ଯ୍ୟଙ୍କୁ ତୁଷୁରା ଏନଏସି, ନିରଞ୍ଜନ କୁମାର ଧଳଙ୍କୁ ଭବାନୀପାଟଣା ମ୍ୟୁନିସପାଲଟି ଓ ଗିରିଜା ଶଙ୍କର ମଲ୍ଲିକଙ୍କୁ କଂଟାବାଞ୍ଜି ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ଅବସ୍ଥାପିତ କରାଯାଇଛି ।

## ଡିସେମ୍ବର ସୁଦ୍ଧା ସବୁ...

ଗାଡ଼ିଗୁଡ଼ିକରେ ଏହି ଲୋକେସନ୍ ଟ୍ରାକିଙ୍ଗ୍ ଓ ସେଫ୍ଟି ଡିଭାଇସ୍ ଲଗାଇବାକୁ କୁହାଯାଇଛି । ଦୁଇଚକିଆ, ତିନିଚକିଆ ଓ ରିକ୍ସାକୁ ବାଦ୍ ଦେଇ ଅନ୍ୟ ସମସ୍ତ ଗାଡ଼ି ଯଥା ବସ୍ , ଶିକ୍ଷାନୁଷ୍ଠାନ ବସ୍ , ଆମ୍ବୁଲାନ୍ସ, ସବୁପ୍ରକାରର କ୍ୟାବ୍ , ଓମିନି ବସ୍, ମୋଟର କ୍ୟାବ୍, ପ୍ରାଇଭେଟ୍ ସର୍ଭିସ ଗାଡ଼ି ଓ ନ୍ୟାସନାଲ ପରମିଟ୍ ଥିବା ମାଲବାହୀ ଗାଡ଼ିଗୁଡ଼ିକରେ ଏହି ଭିଏଲଟିଡି ଡିଭାଇସ୍ ଲାଗିବ । ଅକ୍ଟୋବର ୧ ତାରିଖରେ ଅବା ଏହାପରେ ଯେଉଁ ନୂଆ ଗାଡ଼ିଗୁଡ଼ିକ କ୍ରୟ ହେବ ସେଥିରେ ପଞ୍ଜିକରଣ ସମୟରେ ଭିଏଲଟିଡି ଡିଭାଇସ୍ ଲଗାଇବା ଜରୁରୀ ।ସେହିପରି ଯେଉଁ ଗାଡ଼ିଗୁଡ଼ିକ ଚଳିତମାସ ୩୦ତାରିଖ ମଧ୍ୟରେ କ୍ରୟ ହୋଇଛି ସେଗୁଡ଼ିକ ୨୦୨୩ ଡିସେମ୍ବର ୩୧ତାରିଖ ପୂର୍ବରୁ ଏହି ଡିଭାଇସ୍ ଲଗାଇବେ । ଯଦି କୌଣସି ପୁରୁଣା ଗାଡ଼ିରେ ଧାର୍ଯ୍ୟ ସମୟସୀମା ମଧ୍ୟରେ ଏହି ଭିଏଲଟିଡି ଡିଭାଇସ୍ ନଲାଗେ, ତା'ହେଲେ ସମ୍ପୃକ୍ତ ଗାଡ଼ିକୁ ଫିଟନେସ, ମାଲିକାନା ପରିବର୍ତ୍ତନ, ପରମିଟ୍ ଓ ନ୍ୟାସନାଲ ପରମିଟ୍ ଆଦି ସୁବିଧା ମିଳିବ ନାହିଁ । ଓଡ଼ିଶା ସରକାରଙ୍କ ପରିବହନ ବିଭାଗର ୱେବସାଇଟକୁ ଯାଇ କ୍ଷମତାପ୍ରାପ୍ତ ବିକ୍ରେତାଙ୍କୁ ଚୟନ କରି ଅବା ନିକଟସ୍ଥ ରେଟ୍ରୋ ଫିଟମେଂଟ ସେଂଟର (ଆରଏଫସି)କୁ ଯାଇ ଏହି ଡିଭାଇସ୍ ଗାଡ଼ିରେ ଲଗାଇ ପାରିବେ ।ଗାଡ଼ି ମାଲିକମାନେ ଓଡ଼ିଶା ସରକାରଙ୍କ ଦ୍ୱାରା ଅନୁମୋଦିତ ଯେକୌଣସି କମ୍ପାନୀର ଭିଏଲଟିଡି ଡିଭାଇସ୍ ଲଗାଇ ପାରିବେ ।

## ଆଜି ପ୍ରବଳ ....

ବଲାଙ୍ଗିର, ସୁନ୍ଦରଗଡ଼, ବୌଦ୍ଧ, ବରଗଡ଼, ଅନୁଗୋଳ, କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାରେ ଗୋଟିଏରୁ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ଏହିସବୁ ଜିଲ୍ଲାରେ ୭ରୁ ୧୧ ସେଣ୍ଟିମିଟର ପର୍ଯ୍ୟନ୍ତ ବର୍ଷା ହୋଇପାରେ । ସେଥିପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ଆସନ୍ତାକାଲି ଅର୍ଥାତ ୮ ତାରିଖରେ ବରଗଡ଼, ସମ୍ବଲପୁର, ଝାରସୁଗୁଡ଼ା, ସୁନ୍ଦରଗଡ଼, ଦେବଗଡ଼, ଅନୁଗୋଳ, କଟକ, ଢେଙ୍କାନାଳ, କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାରେ କେତେକ ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ଏହିସବୁ ଜିଲ୍ଲାରେ ୭ରୁ ୧୧ ସେଣ୍ଟିମିଟର ପର୍ଯ୍ୟନ୍ତ ବର୍ଷା ହୋଇପାରେ । ସେଥିପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ସେପଟେ ଆଜି ମଧ୍ୟାହ୍ନରେ ରାଜଧାନୀ ଆକାଶରେ କଳାହାଣ୍ଡିଆ ମେଘ ଘୋଟି ଆସିଥିଲା । ଚାହୁଁଚାହୁଁ ପ୍ରବଳ ବର୍ଷି ଥିଲା । ଯାହାଫଳରେ ରାଜଧାନୀରେ ଜୀବନ ଯାତ୍ରା ପ୍ରଭାବିତ ହୋଇଛି । ଅନେକ ସ୍ଥାନରେ ବର୍ଷା ପାଣି ଜମି ରହିଥିବା ଦେଖିବାକୁ ମିଳିଛି । ଯାହାକୁ ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି ।

## ଟ୍ରାକ୍‌ରେ ପଡ଼ିଲା ବିରାଟକାୟ ଶାଳ....

ଏବେ ଉଦ୍ଧାର କାର୍ଯ୍ୟ ଚାଲିଛି । ବାଲେଶ୍ୱରରୁ ନିର୍ଦ୍ଧାରିତ ସମୟରେ ବାଲେଶ୍ୱର-ବାଙ୍ଗିରିପୋଷି ଉଗଟ ବାରିପଦା ଅଭିମୁଖେ ଯାଇଥିଲା । ଟ୍ରେନ୍‌ଟି ବେତନଟୀ ଷ୍ଟେସନ୍ ଅତିକ୍ରମ କରି କୃଷ୍ଣଚନ୍ଦ୍ରପୁର ଷ୍ଟେସନ୍‌ରେ ପହଞ୍ଚିଥିଲା । ଠିକ୍ ସେହି ସମୟରେ ଏକ ବିରାଟକାୟ ଶାଳ ଗଛ ଉପୁଡ଼ି ବେତନଟୀ ଷ୍ଟେସନ୍‌ସ୍ଥ ଟ୍ରାକ୍‌ରେ ପଡ଼ିଗଲା । ଯାହାଫଳରେ ଟ୍ରେନ୍ ଲାଇନ୍ ତାର ଛିଡ଼ି ଯାଇଛି । ସେପଟେ ଡିଏମ୍ୟୁ ଦୀର୍ଘ ସମୟ ଧରି ଅଟକିରହିବା ପରେ ବାରିପଦା ଅଭିମୁଖେ ପଳାଇ ଯାଇଛି । ମିଳିଥିବା ସୂଚନା ଅନୁସାରେ ଆଜି ଡିଏମ୍ୟୁ ବାଲେଶ୍ୱରକୁ ଫେରିବ ନାହିଁ । ସେପଟେ ବାଙ୍ଗିରିପୋଷି-ପୁରୀ ସୁପରଫାଷ୍ଟ ରାତିରେ ବାରିପଦାକୁ ଫେରିବ । ସେଥିପାଇଁ ରେଳ ବିଭାଗ ବର୍ଷା ହେଉଥିବା ସତ୍ତ୍ୱେ ଟ୍ରାକ୍ ଉପରେ ପଡ଼ିଥିବା ଶାଳ ଗଛକୁ କାଟି ବାହାର କରିଛି । ବିଦ୍ୟୁତ ତାର ମରାମତି ମଧ ଚାଲିଛି । ସନ୍ଧ୍ୟା ପୂର୍ବରୁ ଟ୍ରାକ୍ ଠିକ୍ ହୋଇଯିବ ବୋଲି ରେଳ ବିଭାଗ ପକ୍ଷରୁ ଜଣାପଡ଼ିଛି । ସୂଚନାରୁ ପ୍ରକାଶ, ଆଜି ଦିନ ତମାମ ମୟୂରଭଞ୍ଜ ଜିଲ୍ଲାରେ ପ୍ରବଳ ବର୍ଷା ହୋଇଛି । ଏପରିକି ବଜ୍ରପାତ ମଧ ହୋଇଛି । ଯେଉଁଥିପାଇଁ ଜୀବନଯାତ୍ରା ପ୍ରଭାବିତ ହୋଇଛି । ପ୍ରବଳ ବର୍ଷା ଯୋଗୁ ଅନେକ ସ୍ଥାନରେ ବଡ଼ବଡ଼ ଗଛ ଭାଙ୍ଗିପଡ଼ିଥିବା ଜଣାପଡ଼ିଛି ।

# ଫ୍ୟୁଚର ଷ୍ଟାର ସ୍ପୋର୍ଟସ ଏକାଡେମୀର ଚତୁର୍ଥ ସ୍ଥାପନା ଦିବସ ପାଳିତ



ବାରିପଦା , ୦୭/୦୯ (ନି.ପ୍ର): ସ୍ଥାନୀୟ ପ୍ରୟାସ ସମ୍ମିଳନୀ କକ୍ଷରେ ଫ୍ୟୁଚର ଷ୍ଟାର ସ୍ପୋର୍ଟସର ଚତୁର୍ଥ ସ୍ଥାପନା ଦିବସ ପାଳିତ ହୋଇଯାଇଛି ଓ ଏକାଡେମୀର ଉପଦେଷ୍ଟା ସୋମନାଥ ସିଂହଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ଡଃ ଦେବାଶିଷ ମାର୍ଣ୍ଡି ଏକାଡେମୀର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ସମ୍ମାନିତ ଅତିଥି ଭାବେ ନଗରପାଳ କୃଷ୍ଣଓନନ୍ଦ ମହାନ୍ତି, ସମାଜସେବୀ ଗିରିଶ ଚନ୍ଦ୍ର ଦାସ, ମୟୁରଭଞ୍ଜ କ୍ରୀଡା ସଂସଦର ସାଧାରଣ ସମ୍ପାଦକ ବିଜୟ କୁମାର ଦାସ, ଡିଭାଇନ ଇନଷ୍ଟିଚ୍ୟୁଟ ଅଫ ଇଞ୍ଜିନିୟରିଙ୍ଗର ନିର୍ଦ୍ଦେଶକ ଇଂ ବିପ୍ଳବ ଭଂଜନ ବୁଗୁଡେଇ, ସମାଜସେବୀ ଅମର କୁମାର ସେଠୀ, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଭାଗିରଥି ମଲ୍ଲିକ ପ୍ରମୁଖ ଯୋଗ ଦେଇ ଏକାଡେମୀ ଜାତୀୟ ଓ ଅନ୍ତର୍ଜାତୀୟ ଖେଳାଳୀ ସୃଷ୍ଟି କରିପାରିଥିବାରୁ ସମସ୍ତ କର୍ମକର୍ତ୍ତାଙ୍କୁ ପ୍ରଶଂସା କରିଥିଲେ । ପ୍ରତିଷ୍ଠାତା ଦିବ୍ୟରଞ୍ଜନ ଦାସ ସ୍ୱାଗତ ଅଭିଭାଷଣ ରେ ଏହି ଅନୁଷ୍ଠାନରୁ ୨ ଜଣ ଅନ୍ତର୍ଜାତୀୟ, ୮ ଜଣ ଯୁବତୀ ଓ ୫ ଜଣ ଯୁବକ ଜାତୀୟ କୋଚିଂ କ୍ୟାମ୍ପରେ ପ୍ରଶିକ୍ଷଣ ନେଉଥିବାର କହିଥିଲେ । ଏହି ଅବସରରେ ସମସ୍ତ ଅତିଥିଙ୍କ ସହିତ ଡ୍ରାଇଭର ଏସୋସିଏସନର କର୍ମକର୍ତ୍ତା ତଥା ଦିବ୍ୟାଙ୍ଗ ଟେମ୍ପୋ ଡ୍ରାଇଭର ରଞ୍ଜିତ ରାଉତଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା ଓ ଏମ ସାଇ ପ୍ରୀତି ଓ ଏମ ସାଇ ଜ୍ୟୋତିଙ୍କ ନୃତ୍ୟ ସମସଙ୍କୁ ବିମୋହିତ କରିଥିଲା ।

# ଗୀତାଲିଗରେ ନୀଳଗିରି ମହିଳା ଡିଗ୍ରୀ ମହବିଦ୍ୟାଳୟର ବାଜିମାତ

ନୀଳଗିରି , ୦୭/୦୯ (ନି.ପ୍ର): ପ୍ରତିବର୍ଷ ପରି ଏବର୍ଷ ମଧ ଇସ୍କନ ରେମୁଣା ଦ୍ୱାରା ଶ୍ରୀକୃଷ୍ଣ ଜନ୍ମାଷ୍ଟମୀରେ ଆଧାତ୍ମିକ ଶାସ୍ତ୍ର ଜ୍ଞାନ ଯାହା ଶ୍ରୀମଦଭଗବତଗୀତା, ଶ୍ରୀମଦ ଭାଗବତମ, ଭକ୍ତି ରସାମୃତ ସିନ୍ଧୁ, ଶ୍ରୀଇଶୋପନିଷଦ, ଶ୍ରୀଉପଦେଶାମୃତ ଆଧାରିତ, ତାହା ଉପରେ ଏକ ଜିଲ୍ଲା ସ୍ତରୀୟ କୁଇଜ



ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି ! ଉକ୍ତ ପ୍ରତିଯୋଗିତାରେ ମାଷ୍ଟର ଅଫ ସେରିମନି ଭାବରେ ଅଧ୍ୟାପକ ପ୍ରଦୀପ୍ତ କୁମାର ମିଶ୍ର, ବିଚାରକ ଭାବରେ ରତ୍ନାକର ଉଚ୍ଚ ବିଦ୍ୟାଳୟ ବାଲିଗୋହିରୀର ଆଦର୍ଶ ଶିକ୍ଷାବିତ୍ ଶ୍ରୀଯୁକ୍ତ ବିନୋଦ ବିହାରୀ ପଣ୍ଡା, ଶ୍ରୀକୃଷ୍ଣ ତତ୍ତ୍ୱ ଗବେଷକ ପଣ୍ଡିତ ହରେକୃଷ୍ଣ ଗିରି ଉପସ୍ଥିତ ଥିବାବେଳେ ଇସ୍କନର ପ୍ରବୀଣ ପ୍ରଭୁଜୀ ମହାରାଜ, ଶ୍ରୀ ମୁକୁନ୍ଦ ପ୍ରଭୁଜୀ ମହାରାଜ, ଶ୍ରୀ ଲକ୍ଷ୍ମୀନାରାୟଣ ପ୍ରଭୁଜୀ ମହାରାଜ ପରିଚାଳନାରେ ସହାୟକ କରିଥିଲେ ! ସର୍ବମୋଟ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟକୁ ନେଇ ତେର ଗୋଟି ଅନୁଷ୍ଠାନ ଏହି ପ୍ରତିଯୋଗିତାରେ ଯୋଗଦାନ କରିଥିଲେ ! ପ୍ରତିଯୋଗିତା ଶେଷରେ ଡାଏଟ.. ବାଲେଶ୍ୱର ପ୍ରଥମ, ନୀଳଗିରି ମହିଳା ଡିଗ୍ରୀ ମହାବିଦ୍ୟାଳୟ ଦ୍ୱିତୀୟ, ଫକୀରମୋହନ ବିଶ୍ୱବିଦ୍ୟାଳୟ ତୃତୀୟ ସ୍ଥାନ ହାସଲ କରିଥିବାବେଳେ ସ୍ୱତନ୍ତ୍ର ସ୍ଥାନ ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ହାସଲ କରିଥିଲେ । ଶେଷରେ କୃତକାର୍ଯ୍ୟ ହୋଇଥିବା ଟିମକୁ ଆଇ. ଟି. ଆର ର ନିର୍ଦ୍ଦେଶକ ଡ଼. ହରେକୃଷ୍ଣ ରଥ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସାର୍ଟିଫିକେଟ, ଟ୍ରଫି ଓ ନଗଦ ଅର୍ଥରାଶି ପୁରସ୍କୃତ କରିଥିଲେ । ଏହି ପ୍ରତିଯୋଗିତାରେ ବହୁ ଶ୍ରୀକୃଷ୍ଣ ଭକ୍ତ ଯୋଗଦାନ କରି ଏଭଳି କାର୍ଯ୍ୟକ୍ରମକୁ ଭୂୟସୀ ପ୍ରଶଂସା କରିଥିଲେ। ଶେଷରେ ଇସ୍କନ ତରଫରୁ ସମସ୍ତଙ୍କୁ ଧନ୍ୟବାଦ ଦିଆଯାଇଥିଲା ।

# ଏଲ୍.ଆଇ.ସି.ବାଲେଶ୍ୱର ଶାଖାରେ ବୀମା ସପ୍ତାହ ଉଦ୍‌ଯାପିତ

ବାଲେଶ୍ୱର , ୦୭/୦୯ (ନି.ପ୍ର): ୬୭ତମ ବୀମା ସପ୍ତାହ ପାଳନ ଅବସରରେ ଗତ ତା ୭/୯/୨୦୨୩ରିଖରେ ଏଲ୍.ଆଇ.ସି., ବାଲେଶ୍ୱର ଶାଖାରେ ଉଦ୍‌ଯାପନ ଦିବସ ପାଳିତ ହୋଇଯାଇଛି। ଶାଖାର ବରିଷ୍ଠ ପ୍ରଶାସନିକ ଅଧିକାରୀ ଶ୍ରୀଯୁକ୍ତ ପୀତାମ୍ବର ଦାସ ପ୍ରକ୍‌କଥା ରଖି ସେପ୍ଟେମ୍ବର ୧ ତାରିଖରୁ ୭ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ଦିନମାନଙ୍କରେ ବକ୍ତୃତା ପ୍ରତିଯୋଗିତା, ଚିତ୍ରାଙ୍କନ ପ୍ରତିଯୋଗିତା, ବିଭିନ୍ନ ସ୍କୁଲ୍ ଓ କର୍ମଚାରୀ, ଅଭିକର୍ତ୍ତାଙ୍କ ପିଲାମାନଙ୍କ ଦ୍ୱାରା କିପରି ପରିଚାଳନୀ କରାଯାଇଥିଲା ତାହା ବର୍ଣନା କରିଥିଲେ। ଗତ ୫ ତାରିଖରେ ଆମ୍ରି ହସ୍‌ପିଟାଲ, ଭୁବନେଶ୍ୱର ତଥା ଶାଖା ସହଯୋଗରେ ନିଶୁଳ୍କ ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଥିଲା। ଏତଦ୍‌ଭିନ୍ନ ଶାଖାର କର୍ମଚାରୀ, ଅଭିକର୍ତ୍ତାଙ୍କ ଦ୍ୱାରା ୭ ତାରିଖ ସକାଳ ୧୦ଟା ୩୦ମି.ରେ ଏକ ବିଶାଳ ର୍‍ୟାଲି ସହର ପରିକ୍ରମା କରି ବୀମା ସଚେତନତା ଉପରେ ଜନସାଧାରଣଙ୍କୁ ସନ୍ଦେଶ ପ୍ରଦାନ



କରିଥିଲେ । ଶାଖାର ବରିଷ୍ଠ ପ୍ରବନ୍ଧକ ଶ୍ରୀଯୁକ୍ତ ସବ୍ୟସାଚୀ ମହୋଦୟଙ୍କ ସଭାପତିତ୍ୱରେ ମଞ୍ଚରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ଚାଟାଡ଼ ଆକାଉଣ୍ଟାଣ୍ଟ ଶ୍ରୀଯୁକ୍ତ ପ୍ରଦୀପ୍ତ କୁମାର ପଣ୍ଡା, ମୁଖ୍ୟବକ୍ତା ଭାବେ ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ (ଫକୀରମୋହନ ସାହିତ୍ୟ ପରିଷଦର ସଭାପତି) ଓ ସମ୍ମାନିତ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ଶ୍ରୀଯୁକ୍ତ ବିପ୍ଳବ କୁମାର ମହାନ୍ତି ଏଲ୍.ଆଇ.ସି.ର ବିଭିନ୍ନ ଦିଗ ଉପରେ ସାରଗର୍ଭକ ଆଲୋଚନା ରଖିଥିଲେ। ବରିଷ୍ଠ ପ୍ରବନ୍ଧକ ଶ୍ରୀଯୁକ୍ତ ସବ୍ୟସାଚୀ ସାହୁ ଭାରତ ସରକାରଙ୍କ ଜାତୀୟକରଣ ବେଳେ ୫କୋଟି ସହାୟତା ବଳରେ ଏଲ୍.ଆଇ.ସି. କିପରି ଉନ୍ନତିର ଚରମ ସୀମାରେ ପହଞ୍ଚି ୪୦କୋଟିରୁ ଅଧିକ ସମ୍ବଳ ଓ ୩୫କୋଟିରୁ ଅଧିକ ଲାଇଫ୍‌ଫଣ୍ଡ ଅର୍ଜନ କରିପାରିଛି ତଥା ଦେଶର ପ୍ରତିଟି ବିକାଶ କ୍ଷେତ୍ରର ସାହାଯ୍ୟର ହାତ ବଢ଼ାଇ ଆସୁଅଛି ତାହା ନିଜ ବକ୍ତବ୍ୟରେ ଅବତାରଣା କରିଥିଲେ। ଚାର୍ଟଡ଼ ଆକାଉଣ୍ଟାଣ୍ଟ ଏଲ୍.ଆଇ.ସି.ର ସେବା ଓ ଅର୍ଥ ବିନିଯୋଗ, ଆର୍ଥିକ ସହାୟତା ପ୍ରଦାନ କରି ତା'ର ବିଭିନ୍ନ ଯୋଜନା ବିକ୍ରୟ ମାଧ୍ୟମରେ ଭାରତରେ କିପରି ଲୋକପ୍ରିୟ ହୋଇପାରିଛି ତାହା ବକ୍ତବ୍ୟ ରଖିଥିଲେ। ମୁଖ୍ୟବକ୍ତା ଡ. ତ୍ରିପାଠୀ ସାହିତ୍ୟିକ ଢଙ୍ଗରେ ଏଲ୍.ଆଇ.ସି.ର ପୁଞ୍ଜି ବିନିଯୋଗ ତଥା ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ସମ୍ବନ୍ଧରେ ବକ୍ତବ୍ୟ ପ୍ରଦାନ କରିଥିଲେ । ସମ୍ମାନିତ ଅତିଥ ଶ୍ରୀଯୁକ୍ତ ବିପ୍ଳବ କୁମାର ମହାନ୍ତି ଏଲ୍.ଆଇ.ସି.ର ବିଭିନ୍ନ ଦିଗ ଉପରେ ଅବତାରଣା କରିଥିଲେ। ଏଥିରେ ଶ୍ରୀଯୁକ୍ତ ଗିରିଜା ଶଙ୍କର ବେହେରା, ସୁନିଲ କୁମାର ସୁବୁଦ୍ଧି, ଜଗନ୍ନାଥ ସିଂ, ବସନ୍ତ କୁମାର ମହାନ୍ତି, ପ୍ରଦୀପ୍ତ କୁମାର ସାହୁ, ବସନ୍ତ କୁମାର ପୁହାଣ, ଜୟାନିଧି ଜେନା, ରବୀନ୍ଦ୍ର କୁମାର ମହାନ୍ତ ଆଦି ଶୁଭେଚ୍ଛୁକମାନେ ଏଲ୍.ଅଇ.ସି. ସମ୍ବନ୍ଧରେ ମତ ରଖିଥିଲେ । ଏଥିସହ ଅନୁଷ୍ଠିତ ହୋଇଥିବା ପ୍ରତିଯୋଗିତାରେ ଭାଗନେଇ କୃତିତ୍ୱ ଲାଭ କରିଥିବା ପ୍ରତିଯୋଗୀମାନଙ୍କୁ ସିଲ୍ ସହ ସାର୍ଟିଫିକେଟ୍ ପ୍ରଦାନ କରାଯାଇଥିଲା। ସଭା ଶେଷରେ ଶ୍ରୀଯୁକ୍ତ ଦାଶରଥ ଲେଙ୍କା ଧନ୍ୟବାଦ ଅର୍ପଣ କରିଥିଲେ । ସମଗ୍ର କାର୍ଯ୍ୟକ୍ରମକୁ ଭାଗୀରଥ ଦାସ, ଅରୁଣ କୁମାର ଦାସ, କୌଶିକ କୁମାର ପଣ୍ଡା, ଅଞ୍ଜନ କୁମାର ସାହୁ, ବସନ୍ତ ହୋତା, ସୃଷ୍ଟିଧର ଦାସ, ବାଇଧର ସିଂ, ସୁଧୁର କୁମାର ବଳ, ମାନସ ବେହେରା, ଦେବକୀନନ୍ଦନ ସେଠୀ, କ୍ରିଷ୍ଣାରାଣୀ ସେନାପତି, ଅନୁରାଧା ଦାସଅଧିକାରୀ, ସୁସ୍ମିତା ଦାସ, ଶର୍ମିଷ୍ଠା ସାହୁଙ୍କ ସହ ଶାଖାର ଅନେକ କର୍ମଚାରୀ ଓ ଅଭିକର୍ତ୍ତାମାନେ ସୁପରିଚାଳନା କରିଥିଲେ।

# ଅମର୍ଦ୍ଦା ବିମାନ ବନ୍ଦରକୁ ୪୫ କୋଟି ଅର୍ଥ ବରାଦ ପାଇଁ ବସ୍ତା ଗାନ୍ଧିଛକଠାରେ ବିଜେପିର ଧନ୍ୟବାଦ ସଭା



ବସ୍ତା, ୦୭/୦୯ (ନି.ପ୍ର): କେନ୍ଦ୍ର ବେସାମରିକ ବିମାନ ଚଳାଚଳ ବିଭାଗ ତରଫରୁ ଅମର୍ଦା ବିମାନ ବନ୍ଦର କୁ 'ଉଡାନ' ଯୋଜନାରେ ଅନ୍ତର୍ଭୁକ୍ତ କରି ପ୍ରଥମ ପର୍ଯାୟରେ ୪୫ କୋଟି ଟଙ୍କା ମଞ୍ଜୁର କରିଥିବାରୁ ବିଜେପି ତରଫରୁ ଏକ 'ଧନ୍ୟବାଦ ସଭା' ବସ୍ତା ଗାନ୍ଧୀଛକ ଠାରେ ଯୁବମୋର୍ଚ୍ଚାର ସଭାପତି ଧିରେନ ସେଠୀ ଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଥିଲା। ଉକ୍ତସଭାରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ବରିଷ୍ଠ ନେତା ଶ୍ୟାମାପ୍ରସାଦ ବେହେରା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ବିଭାଗୀୟ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ ଙ୍କୁ ଏଥିପାଇଁ ଧନ୍ୟବାଦ ଦେବାସହ ଏହାକୁ ଫଳବତୀ କରାଇବାରେ କେନ୍ଦ୍ର ଆଦିବାସୀ ମନ୍ତ୍ରୀ ଇଂ ବିଶେଶ୍ୱର ଟୁଲ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କର ଉଦ୍ୟମକୁ ଭୂୟସୀ ପ୍ରଶଂସା କରିଥିଲେ। ଏହି ବିମାନ ବନ୍ଦର କାର୍ଯ୍ୟକ୍ଷମ ହେଲେ ବାଲେଶ୍ୱର, ମୟୁରଭଞ୍ଜ ସମେତ ପଶ୍ଚିମ ବଙ୍ଗ ର ବହୁ ଜନସାଧାରଣ ଉପକୃତ ହେବେ। ଏହି ସଭାରେ ଅନ୍ୟମାନଙ୍କ ମଧ୍ୟ ରେ ଯୁବମୋର୍ଚ୍ଚା ଜିଲ୍ଲା ସାଧାରଣ ସମ୍ପାଦକ ଖଗେନ୍ଦ୍ର ନାୟକ,ଉପସଭାପତି ରାଜେନ ପରିଡା,ପୁଟୁରା ସରପଞ୍ଚ ରାଧାକୃଷ୍ଣ ବେହେରା,ପୁର୍ବତନ ସମିତିସଭ୍ୟ ରାଧାଶ୍ୟାମ ମହାପାତ୍ର, ସରପଞ୍ଚ ବିଶ୍ୱନାଥ ସିଂହ,ରାଉତପଡା ସମବାୟ ସଭାପତି ଦେବାଶିଷ ମହାପାତ୍ର, ମଣ୍ଡଳ ସଭାପତି ବସନ୍ତ ବାରିକ,ହରେନ୍ଦ୍ର ଦାସ, ଧ୍ରୁବ ନାୟକ,ସୁଦର୍ଶନ ସାହୁ,ଶଙ୍କର ଜେନା,ବାସୁଦେବ ପଣ୍ଡା,ପ୍ରକାଶ କୁଣ୍ଡୁ, ସୂର୍ଯ୍ୟନାରାୟଣ ସାହୁ, ଅଦୈତ୍ୟ ଜେନା, ରାସ ଅଧିକାରୀ,ସତ୍ୟ ଦାସ,ପ୍ରିୟବ୍ରତ ପ୍ରହରାଜ, ଚନ୍ଦନ ଭୋଳ,ଦିବାକର ରାଉତ, ବାଞ୍ଛାନିଧି ଦେ, ନୀହାର ବେହେରା,ରବି ରାଉଳ, ଉମାକାନ୍ତ ବେଜ, ମନୋଜ ସାମଲ ପ୍ରମୁଖ ଉଦବୋଧନ ଦେଇଥିଲେ। ଫକୀର ମୋହନ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ବାସୁଦେବପୁର ନୂଆ ଥାନା ଅଧିକାରୀ ଲୋପାମୁଦ୍ରାଙ୍କ ଯୋଗଦାନ

ବାସୁଦେବପୁର, ୦୭/୦୯ (ନି.ପ୍ର): ବାସୁଦେବପୁର ର ନୂତନ ଥାନା ଅଧିକାରୀ ଭାବେ ଲୋପାମୁଦ୍ରା ନାୟକ ଦାୟିତ୍ୱ ଗ୍ରହଣ କରିଛନ୍ତି । ପୂର୍ବରୁ ବାସୁଦେବପୁର ଥାନା ଅଧିକାରୀ ଥିଲେ ସାବିତ୍ରୀ ପଣ୍ଡା । ନାୟିକାଣୀ ଡ଼ିହି ଥାନା କୁ ବଦଳି ହେଲେ ଶ୍ରୀମତୀ ପଣ୍ଡା । ବର୍ତ୍ତମାନ ବାସୁଦେବପୁର ଥାନାରେ ନୂଆ ଥାନା ଅଧିକାରୀ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ଲୋପାମୁଦ୍ରା ନାୟକ ପୂର୍ବରୁ ଖଇରା, ରାସ ଗୋବିନ୍ଦ ପୁର ମୟୁରଭଞ୍ଜ, ଖୁଣ୍ଟା ପ୍ରଭୃତି ଥାନାରେ କାର୍ଯ୍ୟ କରିଥିଲେ । ଲୋପାମୁଦ୍ରା ବାସୁଦେବପୁର ଆସିବା ପରେ ସମସ୍ତ ଙ୍କ ମନରେ ଆନନ୍ଦ ର ଲହରୀ ଖେଳି ଯାଇଛି । ଆଇନ ଶୃଙ୍ଖଳା ପରିସ୍ଥିତିକୁ ଠିକ ଭାବେ ସଜାଡି ଉପଯୁକ୍ତ କାର୍ଯ୍ୟ କରିବେ ବୋଲି କହିଛନ୍ତି ଲୋପାମୁଦ୍ରା ।

# ଉଦ୍ୟୋଗୀ ବିକାଶ ତାଲିମ ଉଦ୍‌ଯାପିତ



ଉଦଳା , ୦୭/୦୯ (ନି.ପ୍ର): ଗତ ଅଗଷ୍ଟ ୨୧ ତାରିଖ ଠାରୁ ଉଦଳା ବ୍ଲକ କାର୍ଯ୍ୟାଳୟ ପରିସରରେ ଚାଲିଥିବା ଉଦ୍ୟୋଗି ବାକାଶ ତାଲିମ କାର୍ଯ୍ୟକ୍ରମ ଚଳିତ ସେପ୍ଟେମ୍ବର ୧ ତାରିଖ ଦିନ ଉଦ୍‌ଯାପିତ ହୋଇ ଯାଇଛି । ଏଥିରେ ୩୨ ଜଣ ଉଦ୍ୟୋଗି ଦିର୍ଘ ୧୨ ଦିନ ଧରି ତାଲିମ ନେଇଛନ୍ତି । ବରିଷ୍ଠ ଶିଳ୍ପ ଅଧିକାରୀ (ଆଇ.ପି.ଓ) ମନୋରଂଜନ ପାତ୍ର ଶିବିର ପରିଚାଳନାର ନେତୃତ୍ୱ ନେବା ସହିତ ତାଲିମରେ ଅଂଶ ଗ୍ରହଣ କରିଥିବା ସମସ୍ତ ଉଦ୍ୟୋଗିଙ୍କୁ ପ୍ରମାଣପତ୍ର ବଂଟନ କରିଛନ୍ତି । ଶିବିର ଚାଲିଥିବା ସମୟରେ ବିଭିନ୍ନ ଦିବସ ମାନଙ୍କରେ, କପ୍ତିପଦା ମହାବିଦ୍ୟାଳୟର ଅଧକ୍ଷ ନିରୋଜ କୁମାର ଖୁଂଟିଆ, ଜିଲ୍ଲା ଶିଳ୍ପ କେନ୍ଦ୍ରର ପରିଚାଳକ ବଳଭଦ୍ର ନାୟକ, ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ ଉଦଳା ଶାଖାର ପରରିଚାଳକ ନିମେଶ କୁମାର ନୟନ ଓ ଉଦଳା ବ୍ଲକର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦେବଯାନୀ ଭୂୟାଁ ପ୍ରମୁଖ ପ୍ରଶିକ୍ଷକ ଭାବରେ ଯୋଗ ଦେଇ ତାଲିମ ପ୍ରଦାନ କରିଛନ୍ତି । ଉଦ୍ୟୋଗି ମାନେ ଶିଳ୍ପ ପ୍ରତିଷ୍ଠା କରି ନିଜେ ଆତ୍ମ ନିର୍ଭରଶୀଳ ହୋଇ ପାରିଲେ ଏହି ତାଲିମ ସଫଳ ହେଲା ବୋଲି ଆମେ ଜାଣିବୁ ଆଇ.ପି.ଓ. ଶ୍ରୀଯୁକ୍ତ ପାତ୍ର ଶେଷରେ ବ୍ୟକ୍ତ କରିଥିଲେ।

# ଗଣେଷ ପୂଜା ଉପଲକ୍ଷେ ପ୍ରଶାସନିକ ପ୍ରସ୍ତୁତି ବୈଠକ

ଭଦ୍ରକ, ୦୭/୦୯ (ନି.ପ୍ର): ଓଡ଼ିଶା ପ୍ରସିଦ୍ଧ ଭଦ୍ରକ କାଳୀପୂଜା ପରେ ଭଦ୍ରକର ଦ୍ୱିତୀୟ ପ୍ରସିଦ୍ଧ ଉତ୍ସବ ଗଣେଶ ପୂଜା ପାଳନ ଉପଲକ୍ଷେ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଶାନ୍ତିକମିଟିର ସଦସ୍ୟ ଓ ସଂପୃକ୍ତ ବିଭାଗୀୟ ଅଧିକାରୀ ମାନଙ୍କୁ ନେଇ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଭଦ୍ରକ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧ୍ୟକ୍ଷତାରେ ଆୟୋଜନ ଏହି ବୈଠକରେ ଏସ୍.ପି. ବରୁଣ ଗୁଣ୍ଟୁପାଲି ଯୋଗଦେଇ ଶାନ୍ତି ଶୃଙ୍ଖଳାର ସହିତ ଗଣେଶ ପୂଜା ପାଳନ ନେଇ ସଦସ୍ୟ ଓ ପୂଜା କମିଟିର କର୍ମକର୍ତ୍ତା ମାନଙ୍କ ପ୍ରସ୍ତାବ ଓ ଆବଶ୍ୟକ ମତେ ଟିକିନିଖି ସମୀକ୍ଷା କରାଯାଇଥିଲା। ଚଳିତ ମାସ ୧୯ ତାରିଖରେ ପାଳିତ ହେବାକୁ ଥିବା ଗଣେଶ ପୂଜା ଦିନଠାରୁ ଭଦ୍ରକର ପ୍ରସିଦ୍ଧ ବୁଢ଼ାଗଣେଶ, ପିଲାଗଣେଶ, କାଞ୍ଚନ ଗଣେଶ, ଟୋକା ଗଣେଶ ଓ ଛୁଆଗଣେଶଙ୍କ ପୂଜା ଆରମ୍ଭ ହୋଇ ପ୍ରାୟ ଏକମାସ ପର୍ଯ୍ୟନ୍ତ ମଣ୍ଡପରେ ପୂଜା ଚାଲିବ। ଏହି ପୂଜା ପାଳନ ଅବଧି ମଧ୍ୟରେ ସେପ୍ଟେମ୍ବର ୨୮ ଓ



୨୯ ରେ ମହମ୍ମଦ ଜୟନ୍ତୀ ପାଳନ ଓ ଜୁଲସ୍ ଶୋଭାଯାତ୍ରା ଥିବାରୁ ଗଣେଶ ପୂଜା କମିଟି ମାନଙ୍କ ମିଳିତ ନିଷ୍ପତ୍ତି କ୍ରମେ ଗଣେଶ ପୂଜାର ୭/୮ ଦିନପରେ ସାଜସଜା ନେଇ ଆବଦ୍ଧ ରାସ୍ତାକୁ ମୁକ୍ତ କରିବା ପ୍ରସ୍ତାବକୁ ଜିଲ୍ଲାପାଳ ଅତ୍ୟନ୍ତ ଖୁସିର ସହ ଗ୍ରହଣ କରିବା ସହ ଉଭୟ ସମ୍ପ୍ରଦାୟର ଭାଇଚାରାକୁ ପ୍ରଶଂସା କରିଥିଲେ। ଆହୁରି ମଧ୍ୟ ଉଭୟ ପର୍ବ ପାଇଁ ଉଭୟ ସମ୍ପ୍ରଦାୟ ଦ୍ୱାରା ଡି.ଜେ. ବ୍ୟବହାରକୁ ନିଷେଦ୍ଧ କରାଯିବା ପ୍ରସ୍ତାବକୁ ମଧ୍ୟ ଜିଲ୍ଲାପାଳ ଓ ଏସ୍.ପି. ସମର୍ଥନ କରିଥିଲେ। ଜିଲ୍ଲା ତମାମ୍ ଡ଼ିଜେ ବ୍ୟବହାର ନିଷେଦ୍ଧ ପାଇଁ ସଦସ୍ୟଙ୍କ ପ୍ରସ୍ତାବର କାର୍ଯ୍ୟାନ୍ୱୟନ ନେଇ ନିୟନ୍ତ୍ରଣ ଦିଗରେ ପ୍ରଶାସନ ସଜାଗ ଥିବା କଥା ପ୍ରକାଶ କରାଯାଇଥିଲା। ସୂଚନା ଯୋଗ୍ୟକି ଅକ୍ଟୋବର ୧୫ରେ ବୁଢ଼ା ଗଣେଶଙ୍କ ଭସାଣିରୁ ଭସାଣି ଯାତ୍ରା ଆରମ୍ଭ ହେବ। ୧୬ରେ ପିଲାଗଣେଶ, ୧୭ ରେ କାଞ୍ଚନ ଗଣେଶ, ୧୮ରେ ଟୋକା ଗଣେଶ ଏବଂ ୧୯ରେ ଛୁଆ ଗଣେଶଙ୍କ ଭସାଣି ହେବା ନେଇ କାର୍ଯ୍ୟସୂଚୀ ବୈଠକରେ ଅନୁମୋଦିତ ହେଲା। ଆବହମାନ କାଳରୁ ଭଦ୍ରକର ସମସ୍ତ ପୂଜାପର୍ବରେ ଉଭୟ ସମ୍ପ୍ରଦାୟ ମଧ୍ୟରେ ରହିଆସିଥିବା ସଦ୍‌ଭାବ ଓ ସହଯୋଗ ଏଥିର ବି ରହିବ ବୋଲି ମୁସଲିମ୍ ଜମାତ ତରଫରୁ ପ୍ରକାଶ କରାଯାଇଥିଲା। ପୂଜା ସମୟରେ ଆବଶ୍ୟକ ପୋଲିସ୍ ପେଟ୍ରୋଲିଂ, ଟ୍ରାଫିକ୍ ନିୟନ୍ତ୍ରଣ, ଭସାଣି ଯାତ୍ରା ପାଇଁ ଆବଶ୍ୟକ ପୋଲିସ୍ ମୁତୟନ, ପ୍ରତି ମଣ୍ଡପରେ ବିଦ୍ୟୁତ୍ ଓ ଅଗ୍ନି ନିରାପତ୍ତା, ସି.ସି.ଟିଭି କ୍ୟାମେରା ବ୍ୟବସ୍ଥା, ପ୍ରତି ମଣ୍ଡପରେ ପ୍ରବେଶ ପ୍ରସ୍ଥାନ ବ୍ୟବସ୍ଥା, ଭସାଣି ପର୍ବରେ ନିଶା ସେବନ ନିଷେଧ, ପୂଜା ମଣ୍ଡପରେ ନିୟୋଜିତ ସ୍ୱେଚ୍ଛାସେବକ ମାନଙ୍କ ପାଇଁ ପରିଚୟ ପତ୍ର, ଆମ୍ବୁଲାନ୍‌ସ ବ୍ୟବସ୍ଥା, ନିରବଚ୍ଛିନ୍ନ ବିଦ୍ୟୁତ୍ ପ୍ରବାହ, ବିସର୍ଜନ ଘାଟ ପରିଷ୍କାର କରାଯିବା, ମେଡ଼ ନ ଲାଗିବା ପାଇଁ ଡାଳ କଟାଯିବା, ରାସ୍ତାଘାଟ ଆଲୋକିକରଣ ଓ ପରିଷ୍କାର ପରିଚ୍ଛନ୍ନତା, ରାସ୍ତା ମରାମତି ଆଦି ବିଷୟରେ ସମସ୍ତଙ୍କ ମତାମତ ଅନୁଯାୟୀ ଆଲୋଚନା କରାଯାଇ ବିହିତ ପଦକ୍ଷେପ ନେବାପାଇଁ ସଂପୃକ୍ତ ଅଧିକାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ପ୍ରଦାନ କରିଥିଲେ।

# ଲଙ୍ଗଳେଶ୍ୱର ବିଜେପିର ସାଂଗଠନିକ ବୈଠକ



ଲଙ୍ଗଳେଶ୍ୱର , ୦୭/୦୯ (ନି.ପ୍ର): ବିଜେପିର ଲଙ୍ଗଳେଶ୍ୱର ମଣ୍ଡଳ ସ୍ତରିୟ କର୍ମକର୍ତ୍ତା ମାନଙ୍କ ନେଇ ଲଙ୍ଗଳେଶ୍ୱର ଠାରେ ସାଂଗଠନିକ ବୈଠକ ବୁଧବାର ଅପରାହ୍ନରେ ମଣ୍ଡଳ ସଭାପତି ଗଗନ ବିହାରୀ ସାହୁ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସାଂସଦ ଙ୍କ ବାଲିଆପାଳ ବ୍ଲକ ପ୍ରତିନିଧି ମହେଶ୍ୱର ଜେନା, ଜିଲ୍ଲା ଉପସଭାପତି ପ୍ରଦୀପ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ଆଗାମୀ ଦିନରେ ଘର କୁ ଘର ବୋଲି କିପରି ମୋ ମାଟି ମୋ ଦେଶ କାର୍ଯ୍ୟକ୍ରମ କୁ ସଫଳ କରାଯାଇପାରିବ ସେନେଇ ଆଲୋଚନା କରାଯାଇଥିଲା। ସେହିପରି ଗ୍ରାମାଞ୍ଚଳ ରେ ବସବାସ କରୁଥିବା ଲୋକମାନଙ୍କ କେନ୍ଦ୍ର ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଇଥିବା ସମସ୍ତ ସୁବିଧା ସେନେଇ ଲୋକ ଙ୍କ ପାଖରେ ପହଞ୍ଚାଇବାକୁ ଉଦ୍ୟମ କରିବାକୁ କର୍ମୀମାନଙ୍କୁ ପ୍ରୋତ୍ସାହିତ କରିଥିଲା। ଏହି ବୈଠକରେ ଶ୍ରୀ କୃଷ୍ଣ ପାତ୍ର, କମଳାକାନ୍ତ ନାୟକ, ମହେଶ୍ୱର ଦାସ,ଆଦିକନ୍ଦ ମହାନ୍ତି, ରତ୍ନାକର ସେଠୀ, ରତିକାନ୍ତ ଜେନା, ଜଗନ୍ନାଥ ଧଳ, ଗଣେଶ ବିଶ୍ୱାଳ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ କୁ ସୁପରିଚାଳନା ପାଇଁ ବ୍ୟାପକ ପ୍ରସ୍ତୁତି କରାଯିବ ବୋଲି କହିଛନ୍ତି। ଅନନ୍ତ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

# ଜନ୍ମାଷ୍ଟମୀରେ ଏସଡିପିଓଙ୍କ ମହାନତା

ପିଞ୍ଛାବଣିଆ, ୦୭/୦୯ (ନି.ପ୍ର):ବସ୍ତା ଏସଡିପିଓ ଶ୍ରୀଯୁକ୍ତ ମାନସ କୁମାର ଦେଓଙ୍କ ପକ୍ଷରୁ ବୈଦିକ ଗୁରୁକୁଳ ଆଶ୍ରମ ପିଞ୍ଛାବଣିଆରେ ରହୁଥିବା ଗରିବ ଓ ଅସହାୟ ପିଲାମାନଙ୍କୁ ରାସନ ସାମଗ୍ରୀ ବଣ୍ଟନ ସହିତ ଗୁରୁକୁଳ ତଥା ଗୁରୁକୁଳ ନିକଟସ୍ଥ ପିଞ୍ଛାବଣିଆ ଦୋଳମେଳନ ପଡ଼ିଆରେ ବୃକ୍ଷ ରୋପଣ କରାଯାଇଥିଲା। ଏହି ଅବସରରେ ଗୁରୁକୁଳର ସଂଚାଳକ ଆଚାର୍ଯ୍ୟ ବିଜୟ ଜୀ ଙ୍କ ପୌରହିତ୍ୟରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ସୁସ୍ଥ ପରିବେଶ ପାଇଁ ବୃକ୍ଷରୋପଣ ଏକ ମହତ କାର୍ଯ୍ୟ ବୋଲି ମୁଖ୍ୟ



ଅତିଥି ଝଉଚଙ୍ଗ ଶ୍ରୀଯୁକ୍ତ ମାନସ କୁମାର ଦେଓ ବକ୍ତବ୍ୟ ରଖିଥିଲେ। ବରେଣ୍ୟ ଅତିଥି ଭାବେ ପଣ୍ଡିତ ନିରଞ୍ଜନ ପଣ୍ଡା ଶର୍ମା, ଅବସରପ୍ରାପ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀଯୁକ୍ତ ଜୟନ୍ତ କୁମାର ପାଣିଗ୍ରାହୀ, ମୁଖ୍ୟ ବକ୍ତା ପ୍ରକୃତି ବନ୍ଧୁ ପୁରସ୍କାର ପ୍ରାପ୍ତ ସମାଜସେବୀ ଶ୍ରୀଯୁକ୍ତ ସୁମନ୍ତ କୁମାର ଜେନା ଓ ଅତିଥି ଭାବେ ହେଲ୍ପ ଫର୍ ୟୁ ଫାଉଣ୍ଡେସନ ର ସଦସ୍ୟ ଶ୍ରୀ ରାଜେଶ କୁମାର ବେହେରା ଉପସ୍ଥିତ ଥିଲେ। ବୃକ୍ଷ ରୋପଣ କାର୍ଯ୍ୟକ୍ରମରେ ଗ୍ରାମବାସୀଙ୍କ ପକ୍ଷରୁ ପଣ୍ଡିତ ସୁରେନ୍ଦ୍ର ସିଂହ,ଅରୁଣ କୁମାର ସେଠୀ,ଠକରା ଦଳେଇ ଆଦି ଅନେକ ଗ୍ରାମବାସୀ ଙ୍କ ସହିତ ଆଶ୍ରମ ର ଅନ୍ତେବାସୀମାନେ ଅତିଥି ମାନଙ୍କୁ ସହଯୋଗ କରିଥିଲେ। ପରିଶେଷରେ ଏସଡିପିଓଙ୍କ ଏଭଳି ମହାନତା ପାଇଁ ଗୁରୁକୁଳ ପକ୍ଷରୁ ଶ୍ରୀଯୁକ୍ତ ଅନନ୍ତ କୁମାର ସାହୁ ଝଉଚଙ୍ଗ ଙ୍କ ସମେତ ,ଏହି କାର୍ଯ୍ୟ ରେ ଯୋଗଦାନ କରିଥିବା ସମସ୍ତ ଅତିଥି ଓ ଗ୍ରାମବାସୀ ତଥା ସାମ୍ବାଦିକ ବନ୍ଧୁମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ପିଲାଙ୍କ ମୁଖରେ ହସ ଫୁଟାଇବାର ପର୍ବ 'ନନ୍ଦ ଉତ୍ସବ' : ଇନରହୁଇଲ

ଉଦଳା , ୦୭/୦୯ (ନି.ପ୍ର): କେବଳ ମହିଳା ମାନଙ୍କୁ ନେଇ ଉଦଳାରେ ଗଢ଼ି ଉଠିଥିବା କ୍ଲବ ଇନରହୁଇଲ ତରଫରୁ ଆନନ୍ଦ ଉଲ୍ଲାସ ମଧ୍ୟରେ 'ନନ୍ଦଉତ୍ସବ' ପାଳିତ ହୋଇ ଯାଇଛି । ଏହି ଅବସରରେ କ୍ଲବ ତରଫରୁ ଏକ ବାଲ୍ୟତ ଭୋଜନର ବ୍ୟବସ୍ଥା କରାଯାଇଥିଲା । ଭୋଜନ ପରେ ପିଲାଙ୍କୁ ଖୁସି କରାଇବା ପାଇଁ ବିଭିନ୍ନ ପ୍ରକାର ଖେଳନା ଉପହାର ପ୍ରଦାନ କରାଯାଇଥିଲା । କ୍ଲବର ସଭାପତି ଜୟନ୍ତି ପଟ୍ଟନାୟକଙ୍କ ନେତୃତ୍ୱରେ ସମସ୍ତ କାର୍ଯ୍ୟ ପରିଚାଳିତ ହୋଇଥିବା ବେଳେ ସମ୍ପାଦିକା ମମତା ସାହୁ ପିଲାଙ୍କ ମୁଖରେ ହସ ଫୁଟାଇବା ନନ୍ଦ ଉତ୍ସବ ପାଳନର ମୁଖ୍ୟ ଉଦେଶ୍ୟ ବୋଲି ଜଣାଇଥିଲେ । କ୍ଲବର ସମସ୍ତ ସଦସ୍ୟା ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିବାରେ ସହଯୋଗ କରିଥିଲେ ।



❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo